

୬୦ ବର୍ଷରେ ଅମିର୍‌ଙ୍କ ତୃତୀୟ ବିବାହ

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-12 ◆MONDAY ◆06 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨ ◆ସୋମବାର ◆୦୬ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ପ୍ରକାଶ ପାଇଲା ଏସ୍‌ଆଇଆର୍ ଚିଠା ଭୋଟର ତାଲିକା

# ରାଜ୍ୟରେ ବାଦ୍ ପଡ଼ିଲେ ୨୦ ଲକ୍ଷ ୧୨ ହଜାର

■ ଭୁବନେଶ୍ୱର, ୫।୭ (ସମିସ): ଗତ ୨୮ ତାରିଖରେ ରାଜ୍ୟରେ ଶେଷ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଚିଠା ତାଲିକାରେ ମୃତକ କୁହାଯାଉଥିବା ୮.୩୨ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି ଏବଂ ସ୍ଥାନାନ୍ତର ଓ ଦୀର୍ଘ ଅନୁପସ୍ଥିତି ପାଇଁ ୧୦.୦୭ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଛି। ଏକାଧିକ ସ୍ଥାନରେ ପଞ୍ଜୀକୃତ କରାଣରୁ ୧.୫୮ ଲକ୍ଷ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୧୪ ହଜାର ଲୋକଙ୍କ ନାମ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଠା ଭୋଟର ତାଲିକା ପ୍ରକାଶ ପରେ ରାଜ୍ୟର ୭୫ଟି ବିଧାନସଭା କ୍ଷେତ୍ର ଅଞ୍ଚଳରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କଟାଯାଇଛି। କେବଳ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୦ ହଜାର ୨୪୦ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ଜଣାପଡ଼ିଛି।

ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଚିଠା ତାଲିକା ଅନୁସାରେ ରାଜ୍ୟରେ ମୋଟ ୩ କୋଟି ୩୩ ଲକ୍ଷ ୯ ୯ ହଜାର ୫୯୧ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୭ ଓ ମହିଳା ଭୋଟର ସଂଖ୍ୟା ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ । ସେହିପରି ତାଲିକାରେ ୨୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଭୋଟର ତାଲିକାରେ ନାମଥିବା ସମସ୍ତ ବ୍ୟକ୍ତିଙ୍କୁ ପରିଗଣନା ଫର୍ମ ଦିଆଯାଇଥିଲା ଏବଂ ଏହାମଧ୍ୟରୁ ଦାଖଲ ହୋଇଥିବା ପରିଗଣନା ଫର୍ମ ସଂଖ୍ୟା ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଓ ଏହା ମୋଟ ଭୋଟର ସଂଖ୍ୟାର ୯୩.୯୭ ପ୍ରତିଶତ। ବଳକା ୨୦ ଲକ୍ଷ ୧୨ହଜାର ୫୫୭ ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି। ଏମାନଙ୍କ ମଧ୍ୟରେ ୮.୩୨ ଲକ୍ଷ ମୃତକ, ୧୦.୦୭ ଲକ୍ଷ ସ୍ଥାନାନ୍ତରିତ ବା ଅନୁପସ୍ଥିତ ଅଛନ୍ତି। ଏହି କାର୍ଯ୍ୟରେ ରାଜ୍ୟରେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ▶ପୃଷ୍ଠା-୭



### ୭୫ ନିର୍ବାଚନମଣ୍ଡଳୀରେ ୧୦ ହଜାର ଲେଖାଏଁ କଟିଲେ
### ମୃତ ଓ ସ୍ଥାନାନ୍ତରିତଙ୍କୁ ଗଣନା ଫର୍ମ ବଣ୍ଟନକୁ ନେଇ ପ୍ରଶ୍ନ
### ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କରିହେବ ଆପତ୍ତି-ଅଭିଯୋଗ

## ୩ ରାଜ୍ୟରେ କଟିଲେ ୨୨.୫୫ ଲକ୍ଷ; ଓଡ଼ିଶାରୁ ସର୍ବାଧିକ

| ରାଜ୍ୟ | ମୋଟ ଭୋଟର | ଚିଠା ଭୋଟର ତାଲିକା | ବାଦ ପଡ଼ିଥିବା ନାମ |
|---|---|---|---|
| ଓଡ଼ିଶା | ୩,୩୩,୯୯,୫୯୧ | ୩,୧୩,୮୭,୦୩୪ | ୨୦,୧୨,୫୫୭ (୬.୦୨%) |
| ମଣିପୁର | ୨୦,୯୩,୦୭୬ | ୧୯,୩୪,୩୯୯ | ୧,୫୮,୬୭୭ (୭.୫%) |
| ମିଜୋରାମ | ୮,୭୫,୦୬୮ | ୮,୨୮,୯୦୬ | ୪୬,୧୬୨ (୫.୨%) |

■ ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ସମ୍ପ୍ରତି ଦେଶରେ ଚାଲିଥିବା ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କ୍ରମରେ ୪ ରାଜ୍ୟରେ ପ୍ରକାଶ ପାଇଛି ଚିଠା ଭୋଟର ତାଲିକା। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମର ଭୋଟର ତାଲିକା ସଂଶୋଧନ ପରେ ଚାରି ରାଜ୍ୟରୁ ୬.୧୨% ଭୋଟର ଅର୍ଥାତ୍ ୨୨.୫୫ ଲକ୍ଷ ଭୋଟର ଚିଠା ତାଲିକାରୁ ବାଦ ପଡ଼ିଛନ୍ତି। ଏହା ମଧ୍ୟରୁ କେବଳ ଓଡ଼ିଶାରେ ୨୦,୧୨,୫୫୭ ଭୋଟର କଟିଛନ୍ତି। ସଂଶୋଧନ ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଭୋଟର ଥିବାବେଳେ ଚିଠା ତାଲିକାରେ ଏହି ସଂଖ୍ୟା ୩,୧୩,୮୭,୦୩୪କୁ ହ୍ରାସ ପାଇଛି। ଭୋଟର ତାଲିକାରୁ ୬.୦୨ ପ୍ରତିଶତ ମତଦାତାଙ୍କ ନାମ ବାଦ ଦିଆଯାଇଛି। ସେହିପରି ମଣିପୁରରେ ସଂଶୋଧନ ପୂର୍ବରୁ ୨୦,୯୩,୦୭୬ ଜଣ ଭୋଟର ଥିବାବେଳେ ଚିଠା ତାଲିକାରେ ଏହା ୧୯,୩୪,୩୯୯କୁ ହ୍ରାସ ପାଇଛି। ଏହି ରାଜ୍ୟରେ ୧,୫୮,୬୭୭ ଜଣ (୭.୫ ପ୍ରତିଶତ) ବାଦ ପଡ଼ିଛନ୍ତି। ଅନ୍ୟପକ୍ଷରେ ମିଜୋରାମରେ ପୂର୍ବରୁ ୮,୭୫,୦୬୮ ଜଣ ଭୋଟର ଥିବାବେଳେ ସଂଶୋଧିତ ଖସଡ଼ା ତାଲିକାରେ ୮,୨୮,୯୦୬ ଜଣଙ୍କ ନାମ ରହିଛି। ଏଠାରେ ୪୬,୧୬୨ ଜଣ (୫.୨ ପ୍ରତିଶତ) ଭୋଟରଙ୍କ ନାମ ବାଦ ଦିଆଯାଇଛି।

## ମହିଳା ଟି-୨୦ | ଅଷ୍ଟ୍ରେଲିଆ ବିଶ୍ୱ ଚାମ୍ପିଅନ




ଲଣ୍ଡନ, ୫।୭ (ଏଜେନ୍ସି): ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ରେକର୍ଡ ୭ମଥର ଲାଗି ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଛି। କ୍ରିକେଟ୍‌ର ମକ୍କା କୁହାଯାଉଥିବା ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ରାତିରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆ ୭ ୱିକେଟରେ ଘରୋଇ ଇଂଲଣ୍ଡକୁ ମାତ୍ ଦେଇଛି। ବେଥ୍ ମୁନୀ (୬୪ ରନ)ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ୧୫୧ ରନର ଛୋଟିଆ ଲକ୍ଷ୍ୟକୁ ୧୭ଟି ବଲ୍ ବଳକା ଥାଇ ହାସଲ କରିନେଇଥିଲା। ଅଷ୍ଟ୍ରେଲିଆ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ମହିଳା ଟି-୨୦ ବିଶ୍ୱକପ୍ ଟାଇଟଲ୍ ହାସଲ କରିଛି।

## ରାମ ମନ୍ଦିରରୁ ଲୁଟିନେଲେ ପାଞ୍ଚ କୋଟିର ସୁନା 'ରାମଚରିତମାନସ'

■ ଅଯୋଧ୍ୟା, ୫।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରୁ ଚୋରି ମାମଲାରେ ଦିନକୁ ଦିନ ଭୟଙ୍କର ତଥ୍ୟ ଆସିବାରେ ଲାଗିଛି। ଅଭିଯୁକ୍ତମାନେ କେବଳ ଟଙ୍କା ଚୋରି କରି ନାହାନ୍ତି, ସେମାନେ ସୁନା ଓ ରୁପା ଉପହାରକୁ ମଧ୍ୟ ଲୁଟି ନେଇଛନ୍ତି। ମନ୍ଦିରକୁ ଦାନ କରାଯାଇଥିବା ଏକ ବହୁମୂଲ୍ୟ ସୁନା ଛାଉଣି ରାମଚରିତମାନସ ଗ୍ରନ୍ଥ ହଠାତ୍ ଗାଏବ ଘଟଣା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଜଣେ ପୂର୍ବତନ ଆଇଏଏସ ଅଧିକାରୀ ଏସଂପର୍କରେ ଗୁରୁତର ଅଭିଯୋଗ ଆଣିବା ପରେ ଘଟଣା ସାମନାକୁ ଆସିଛି। ବରିଷ୍ଠ ଆଇଏଏସ ତଥା ପୂର୍ବତନ କେନ୍ଦ୍ର ଗୃହ ସଚିବ ଏସ୍. ଲକ୍ଷ୍ମୀନାରାୟଣନ କହିଛନ୍ତି ଯେ, ତାଙ୍କ ପରିବାର ପକ୍ଷରୁ ମନ୍ଦିରକୁ ଦାନ କରାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ଏହି ସୁନା ଛାଉଣି ଧର୍ମଗ୍ରନ୍ଥଟିକୁ ମନ୍ଦିର ପରିସରରୁ ଗାଏବ କରିଦିଆଯାଇଛି। ତାଙ୍କ ପରିବାର ଏହି ବହୁମୂଲ୍ୟ ରାମଚରିତମାନସକୁ ଏପ୍ରିଲ ୨୦୨୪ରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ▶ପୃଷ୍ଠା-୭

### ପୂର୍ବତନ କେନ୍ଦ୍ର ଗୃହ ସଚିବଙ୍କ ଅଭିଯୋଗ ପରେ ହଟଚମଟ
### ମୁହଁ ଖୋଲୁ ନାହାନ୍ତି ଟ୍ରଷ୍ଟ କର୍ମକର୍ତ୍ତା



ଦିନକୁ ଚୋରି ହେଉଥିଲା ୬ରୁ ୮ ଲକ୍ଷ ଟଙ୍କା

# ଅବପାତ ଝାଡ଼ଖଣ୍ଡମୁହାଁ

## ଓଡ଼ିଶାରେ ଭରିଲା ମାସକର ନିଅଣ୍ଟିଆ ବର୍ଷା



ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ସତର୍କ ସଂକେତ ନିକଟତର ବୈତରଣୀ

■ ଭୁବନେଶ୍ୱର, ୫।୭ (ସମିସ): ଗୋଟିଏ ଲଘୁଚାପ ଭରଣା କରିଦେଲା ମାସକର ନିଅଣ୍ଟିଆ ବର୍ଷା। ଜୁନ୍ ମାସରେ ମୌସୁମୀ ଛୁଇଁଥିଲେ ମଧ୍ୟ ସାରା ରାଜ୍ୟରେ ବର୍ଷାର ଅଭାବ ଲାଗି ରହିଥିଲା। ମାସ ଶେଷ ସୁଦ୍ଧା ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ମାତ୍ର ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଅବପାତ ପ୍ରଭାବରେ ୫ ଦିନରେ ୪୫ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଏଥିସହ ଆଜିସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପ ନେବା ସହିତ ରବିବାର ସ୍ଥଳଭାଗ ଅତିକ୍ରମ କରିଛି। ଏହି ଅବପାତଟି ବାଲେଶ୍ୱର ନିକଟରୁ ଉତ୍ତର ଉପକୂଳ ଓଡିଶା ଦେଇ ଝାଡ଼ଖଣ୍ଡ ମୁହାଁ ହୋଇଛି। ଆଗାମୀ ୨୪ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଏହା ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟ ଦେଇ ଗତିକରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବା ନେଇ ଆଶଙ୍କା କରାଯାଇଛି। ତେବେ ସୋମବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇବ।

ପାଣିପାଗ କେନ୍ଦ୍ର ତଥ୍ୟରୁ ଜଣାପଡ଼ିଛି ଯେ ଅବପାତ ପ୍ରଭାବରେ ୯ ସ୍ଥାନରେ ଅତ୍ୟନ୍ତ ଭାରି ବର୍ଷା (୨୦ସେମି), ୪୬ ସ୍ଥାନରେ ଅତି ଭାରି ବର୍ଷା, (୧୨ରୁ ୨୦ ସେମି) ୫୭ ▶ପୃଷ୍ଠା-୭

### ୨୪ ଘଣ୍ଟାରେ ୬୪୯ ପ୍ରତିଶତ ଅଧିକ ବର୍ଷା
### ପ୍ରଥମ ୫ ଦିନରେ ମାସକର ୪୫ ପ୍ରତିଶତ ଭରଣା

## ମମତା ଗୃହବନ୍ଦୀ!

■ କୋଲକାତା, ୫।୭: ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଏବେ ଗୃହବନ୍ଦୀ। ମମତାଙ୍କ ବାସଭବନ ଚାରିପଟେ ବ୍ୟାରିକେଡ୍ ଲଗାଯିବା ସହିତ ପୁଲିସ ଫୋର୍ସ ଘେରି ରହିଛନ୍ତି। ଆଜି ରାତିରେ ଟିଏମ୍‌ସି ପକ୍ଷରୁ 'ଏକ୍ସ'ରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ପିଟିପିଟି ଜଣେ ଅଭିଯୁକ୍ତକୁ ହତ୍ୟା କରିଛନ୍ତି। ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଜଣେ ବିଜେପି ନେତାଙ୍କ ସମେତ ୪ଜଣ ଗିରଫ ହୋଇଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟିବା ଲାଗି ମମତା ସଂପୃକ୍ତ ଅଞ୍ଚଳ ଗସ୍ତ କରିବାକୁ ଯୋଜନା କରିଥିଲେ। ଏଥିରୁ ନିବୃତ୍ତ କରିବା ଲାଗି ତାଙ୍କୁ ପୁଲିସ ପ୍ରଶାସନ ଗୃହବନ୍ଦୀ କରିଛି।

## ଡିଏସ୍‌ପିଙ୍କ ସମ୍ପତ୍ତି ୨୦୦ କୋଟି

■ ହାଇଦ୍ରାବାଦ, ୫।୭ (ଏଜେନ୍ସି): ତେଲଙ୍ଗାନାରେ ଦୁର୍ନୀତି ନିରୋଧୀ ସଂସ୍ଥା (ଏସିବି) ଚଢ଼ଉ ବେଳେ ଜଣେ ପୁଲିସ ଉପ ଅଧୀକ୍ଷକ (ଡ଼ିଏସ୍‌ପି) ସଙ୍କିରେଡ୍ଡୀ ଭୀମରେଡ୍ଡୀଙ୍କଠାରୁ ମିଳିଛି ବିପୁଳ ସମ୍ପତ୍ତି। ପ୍ରାଥମିକ ଆକଳନ ଅନୁସାରେ ଏହି ସବୁ ସମ୍ପତ୍ତିର ବଜାର ମୂଲ୍ୟ ୨୦୦ କୋଟି ଟଙ୍କାରୁ ଅଧିକ ବୋଲି ଏସିବି ସୂଚନା ଦେଇଛି। ଏକ ଅଜ୍ଞାତ ସୂଚନାଦାତାଙ୍କ ସୂଚନା ଆଧାରରେ ଏସିବି ହାଇଦ୍ରାବାଦ, ସାଇବରାବାଦ, ସଙ୍ଗାରେଡ୍ଡି, ଜାହିରାବାଦ, ଶାମଶାବାଦ, ଗାଚିବୌଲି, ବିକାରାବାଦ, ମୋମିନପେଟ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ଉ ▶ପୃଷ୍ଠା-୭






## ନରାଜରେ ପୁଣି ସେଲ୍‌ଫି ଅଘଟଣ

# କାଠଯୋଡ଼ି ସ୍ରୋତରେ ଭାସିଗଲେ ୩ ଯୁବକ

■ କଟକ / ତ୍ରିଶୂଳିଆ, ୫।୭ (ସମିସ): ମହାନଦୀର ନରାଜ ପୁରୁଣା ବନ୍ଧ (ଆନିକଟ୍) ନିକଟରେ ରବିବାର ସନ୍ଧ୍ୟାରେ ଏକ ବଡ଼ଧରଣର ଅଘଟଣ ଘଟିଯାଇଛି। ନଦୀକୂଳରେ ଛିଡ଼ା ହୋଇ ସେଲଫି ନେଉଥିବା ସମୟରେ ହଠାତ ପାଣିର ପ୍ରଖର ସ୍ରୋତରେ ୩ ଜଣ ଯୁବକ ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ସ୍ଥାନୀୟ ଲୋକେ ସାହସର ସହ ଉଦ୍ଧାର କରିଥିବା ବେଳେ ଜଣେ ଯୁବକ ଏବେ ମଧ୍ୟ ନିଖୋଜ ଅଛନ୍ତି। ଭାସି ଯାଇଥିବା ୩ ଯୁବକ କଟକ ସହରର ମାଛୁଆ ବଜାର ଅଞ୍ଚଳର ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ଦୁଇ ଯୁବକ ହେଲେ, ମନୋଜ ମାଝୀ (୨୨ ବର୍ଷ) ଓ ସୌମ୍ୟରଞ୍ଜନ ମଲ୍ଲିକ (୨୦ ବର୍ଷ)। ସେମାନଙ୍କ ସହ ଥିବା ଅନ୍ୟ ଜଣେ ସାଙ୍ଗ

ଆକାଶ ବେହେରା (୨୩ ବର୍ଷ) ପାଣିର ପ୍ରଖରସ୍ରୋତରେ ନିଖୋଜ ହୋଇଯାଇଛନ୍ତି। ଖବର ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଓ ଗୋଡ଼ିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବିଳମ୍ବିତ ରାତି ଓ ପ୍ରଖର ସ୍ରୋତ ଯୋଗୁଁ ଖୋଜାଖୋଜିରେ ▶ପୃଷ୍ଠା-୭

### ୨ ଉଦ୍ଧାର ଓ ଜଣେ ନିଖୋଜ



## ନୈନିତାଲ ରିସର୍ଟରେ ଦେହବ୍ୟବସାୟ ରାକେଟ୍ ଠାବ

### ନେପାଳ, ୟୁପି , ପଶ୍ଚିମବଙ୍ଗର ମହିଳା ଉଦ୍ଧାର



**ନୈନିତାଲ,୫ ।୭ (ଏଜେନ୍ସି):** ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲା ଅନ୍ତର୍ଗତ ରାମନଗର ସ୍ଥିତ ଏକ ରିସର୍ଟରେ ଚାଲିଥିବା କଥିତ ଦେହବ୍ୟବସାୟ ରାକେଟ୍‌ର ପର୍ଦ୍ଦାଫାଶ କରିଛି ପୁଲିସ । ଶନିବାର ବିଳମ୍ବିତ ରାତିରେ ହୋଇଥିବା ଚଢ଼ାଉରେ ୫୨ ଜଣ ପୁରୁଷ ଓ ମହିଳାଙ୍କୁ ସନ୍ଦେହଜନକ ପରିସ୍ଥିତିରେ ଅଟକ ରଖାଯାଇଥିବାବେଳେ ୧୦ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ଯୁବତୀମାନଙ୍କ ମଧ୍ୟରେ ନେପାଳ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ବାସିନ୍ଦା ଥିବା ସୂଚନା ମିଳିଛି । ପୁଲିସ ସୂଚନା ଅନୁସାରେ, ରାମନଗରର ସାୱଲଦେହ ଅଞ୍ଚଳରେ ଥିବା ଏକ ରିସର୍ଟରେ ବାହାର ରାଜ୍ୟର ଅନେକ ଯୁବକ ଓ ଯୁବତୀଙ୍କୁ ନେଇ ଏକ ବଡ଼ ପାର୍ଟି ଆୟୋଜନ କରାଯାଉଥିବା ସମ୍ପର୍କରେ ପୁଲିସକୁ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା । ଏହାପରେ ରାମନଗର ଥାନା ଅଧିକାରୀ ସୁଶୀଲ କୁମାରଙ୍କ ନେତୃତ୍ୱରେ ପୁଲିସ ଦଳ ନଜର ରଖିଥିଲା । ଶନିବାର ରାତିରେ ପାର୍ଟି ଆରମ୍ଭ ହେବା ପରେ ସେଠାରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଚାଲିଥିବା ଜଣାପଡ଼ିଥିଲା । ଏହାପରେ ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଏସ୍‌ଓଜି ଓ ପୁଲିସ ଲାଇନ୍ ଫୋର୍ସର ସହଯୋଗରେ ହଠାତ୍ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ରିସର୍ଟ ପରିସରରେ ହଇଚଇ ସୃଷ୍ଟି ହୋଇଥିଲା । ପୁଲିସ କହିଛି ଯେ, ରିସର୍ଟରୁ ଏକ ବେଆଇନ ମଦ ବାର୍‌ର ସନ୍ଧାନ ମିଳିଛି ।

## ସ୍ୱାମୀଙ୍କୁ ମାରି ବାଥରୁମରେ ପୋତିଲା ସ୍ତ୍ରୀ

**ନୂଆଦିଲ୍ଲୀ,୫ ।୭ (ଏଜେନ୍ସି):** ଉତ୍ତର ପ୍ରଦେଶର ଆଗ୍ରାରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ସ୍ୱାମୀ ସୁରେନ୍ଦ୍ର ଶର୍ମାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ବାଥରୁମ ଭିତରେ ପୋତି ଦେଇଥିବା ଅଭିଯୋଗରେ ପୁଲିସ ସ୍ତ୍ରୀ ରୁବି ଶର୍ମାଙ୍କୁ ଗିରଫ କରିଛି । ସୁରେନ୍ଦ୍ର ପ୍ରାୟ ୪୫ ଦିନ ହେବ ନିଖୋଜ ଥିଲେ । ରୁବି ପୁଲିସ ଆଗରେ ସ୍ୱୀକାର କରିଛନ୍ତି ଯେ ସେ ସ୍ୱାମୀଙ୍କ ଖାଦ୍ୟରେ ୧୫ ରୁ ୨୦ଟି ନିଦ ବଟିକା ମିଶାଇ ଦେଇଥିଲେ । ସୁରେନ୍ଦ୍ର ଗଭୀର ନିଦ୍ରାରେ ଶୋଇବା ପରେ ରୁବି ତାଙ୍କୁ ହତ୍ୟା କରିଥିଲେ । ହତ୍ୟା ପରଦିନ ରୁବି ଶ୍ରମିକ ଓ ମିସ୍ତ୍ରୀ ଡାକି ବାଥରୁମର ମାଟି ଚଟାଣ ଉପରେ ଶବକୁ ରଖି ମାଟି ପକାଇବା ସହ ତା' ଉପରେ କଂକ୍ରିଟ୍ ପଲସ୍ତରା କରିଦେଇଥିଲେ । ରୁବି ନିଜେ ଦେଢ଼ଶୁରଙ୍କ ସହ ମିଶି ଥାନାରେ ନିଖୋଜ ହେବା ଅଭିଯୋଗ କରିଥିଲେ ଏବଂ ପଡୋଶୀଙ୍କ ଆଗରେ କାନ୍ଦିବାର ଅଭିନୟ କରୁଥିଲେ । ପରେ ସୁରେନ୍ଦ୍ରଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ । ରୁବିଙ୍କ ବାରମ୍ବାର ବୟାନ ବଦଳାଇବା ଯୋଗୁଁ ପୁଲିସ ତାଙ୍କୁ ପଚରାଉଚରା କରିଥିଲା । ଶେଷରେ ରୁବି ନିଜ ଅପରାଧ ସ୍ୱୀକାର କରିଥିଲେ । ପୁଲିସ ବାଥରୁମ ଚଟାଣ ଖୋଲି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ପଶ୍ଚିମବଙ୍ଗ ସରକାରଙ୍କ ନୂଆ ଆଇନ

## ଭଙ୍ଗାରୁଜା କଲେ ଦେବାକୁ ପଡ଼ିବ ତିନି ଗୁଣା ଜରିମାନା

**କୋଲକାତା,୫ ।୭ (ଏଜେନ୍ସି):** ପଶ୍ଚିମବଙ୍ଗରେ ହିଂସାତ୍ମକ ଆନ୍ଦୋଳନ ଏବଂ ସରକାରୀ କିମ୍ବା ବେସରକାରୀ ସମ୍ପତ୍ତି ନଷ୍ଟ କରୁଥିବା ଉପଦ୍ରବୀଙ୍କ ବିରୋଧରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନୂଆ ଆଇନ ଅନୁଯାୟୀ, ଆନ୍ଦୋଳନ ସମୟରେ କୌଣସି ସମ୍ପତ୍ତି ଭଙ୍ଗାରୁଜା କଲେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ କ୍ଷୟକ୍ଷତିର ତିନି ଗୁଣା ଅର୍ଥ ଆଦାୟ କରାଯିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି । ଶିଳ୍ପପତି ଓ ନିବେଶକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଭବାନୀପୁରଠାରେ ଆୟୋଜିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରରେ ସମସ୍ତଙ୍କର ଆନ୍ଦୋଳନ କରିବାର ଅଧିକାର ଅଛି, ମାତ୍ର ହିଂସା ଓ ସମ୍ପତ୍ତି ନଷ୍ଟକୁ ଆଦୌ ବରଦାସ୍ତ କରାଯିବ ନାହିଁ । ଯଦି କେହି ଜରିମାନା ଦେବାରେ ବିଫଳ ହୁଅନ୍ତି, ତେବେ ତାଙ୍କ ସମ୍ପତ୍ତି ନିଲାମ କରି ଏହି ଅର୍ଥ ଆଦାୟ କରାଯିବ । ଉଦାହରଣ ସ୍ୱରୂପ, ଯଦି ୧ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୁଏ, ତେବେ ୩ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ ଓ ଏଥିସହ ଜେଲ ଦଣ୍ଡ ଭୋଗିବାର ସମ୍ଭାବନା ରହିଛି । ଗତ ଜୁନ ୨୮ ତାରିଖରେ ପଶ୍ଚିମବଙ୍ଗ ବିଧାନସଭାରେ ଏହି ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି । ଏଥିମଧ୍ୟରୁ ଗୋଟିଏ ଆଇନ ଆନ୍ଦୋଳନକାରୀଙ୍କୁ ଆର୍ଥିକ ଭାବେ ଦାୟୀ କରୁଥିବା ବେଳେ ଅନ୍ୟ ବିଲ୍‌ଟି ସାମାଜିକ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିନା ବିଚାରରେ ୧୨ ମାସ ପର୍ଯ୍ୟନ୍ତ ଗିରଫ କରି ରଖିବାକୁ କ୍ଷମତା ପ୍ରଦାନ କରୁଛି । ରାଜ୍ୟରେ ଶିଳ୍ପାନୁଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ଏବଂ ସାଧାରଣ ଶୃଙ୍ଖଳା ବଜାୟ ରଖିବାରେ ଏହି ଆଇନ ବିଶେଷ ସହାୟକ ହେବ ବୋଲି ସରକାର କହିଛନ୍ତି ।

### ଶ୍ୟାମା ପ୍ରସାଦଙ୍କ ପ୍ରତିମୂର୍ତ୍ତି ବେଦୀ ଭଙ୍ଗା, ଜଣେ ଗିରଫ

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୋଲକାତା ଗସ୍ତ ପୂର୍ବରୁ ଉତ୍ତର କୋଲକାତାର ସୁକିଆ ଷ୍ଟ୍ରିଟ୍‌ରେ ସ୍ଥାପିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିର ବେଦୀକୁ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି । ପ୍ରତିମୂର୍ତ୍ତି ଅକ୍ଷତ ଥିବାବେଳେ ନାମଫଳକ କ୍ଷତିଗ୍ରସ୍ତ ହୋଇଛି । ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବାବେଳେ ରୂପେଶ ହାଜରା (୨୬) ନାମକ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି । ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସନ୍ଧାନ ଜାରି ରହିଛି । ଏହି ଘଟଣାକୁ ବିଜେପି ପକ୍ଷରୁ ନିନ୍ଦା କରାଯାଇଛି ।

### ଇରାନର ସର୍ବୋଚ୍ଚ ନେତାଙ୍କ ଅନ୍ତ୍ୟେଷ୍ଟି

## ଟ୍ରମ୍ପଙ୍କ ବିବାଦୀୟ ବୟାନକୁ ନେଇ ଝଡ଼

### ଇରାନୀ ନେତୃତ୍ୱକୁ ଗୋଟିଏ ମାଡ଼ରେ ସଫା କରିପାରିବୁ



**ୱାସିଂଟନ୍/ତେହେରାନ,୫।୭ (ଏଜେନ୍ସି):** ଇରାନର ଦିବଙ୍ଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅବସରରେ ସମଗ୍ର ଇରାନ ଏବେ ଶୋକାକୁଳ । ତେହେରାନର ରାଜପଥରେ ହଜାର ହଜାର ଶୋକାର୍ତ୍ତ ଜନତା ଏକତ୍ରିତ । ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅନ୍ତ୍ୟେଷ୍ଟିକୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଟ୍ରମ୍ପ ଅନ୍ତ୍ୟେଷ୍ଟିକ୍ରିୟାକୁ କଟାକ୍ଷ କରି ଇରାନର ବର୍ତ୍ତମାନର ନେତୃତ୍ୱକୁ ଏକପ୍ରକାର ଧମକ ଦେଇଛନ୍ତି । ସେ ଦାବି କରିଛନ୍ତି ଯେ ୱାସିଂଟନ୍ ଚାହିଁଲେ ମାତ୍ର "ଗୋଟିଏ ଆକ୍ରମଣ'ରେ ଖାମେନେଇଙ୍କ ଶୋକସଭାରେ ଏକତ୍ରିତ ହୋଇଥିବା ଇରାନର ସମଗ୍ର ବରିଷ୍ଠ ନେତୃତ୍ୱକୁ ନିପାତ କରିପାରିବ । ଆମେରିକାର ସମ୍ବାଦ ସଂସ୍ଥା ଏକ୍ସିଓସ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ, "ଇରାନ ନେତାମାନେ ସମସ୍ତେ ଏକତ୍ରିତ ଅଛନ୍ତି । ଗୋଟିଏ ଆକ୍ରମଣରେ ଆମେ ଏକାବେଳେ ସମସ୍ତଙ୍କୁ ନିଶ୍ଚିହ୍ନ କରି ଦେଇପାରିବୁ । କିନ୍ତୁ ଆମେ ତାହା କରିବୁ ନାହିଁ କାରଣ ତାହା କଲେ ଆଲୋଚନା ପାଇଁ ଆଉ କେହି ବାକି ରହିବେ ନାହିଁ।' ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୮ରେ ଆମେରିକା-ଇସ୍ରାଏଲ୍ ବିମାନ ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା । ଆମେରିକାର ସ୍ୱାଧୀନତା ଦିବସ ପୂର୍ବରୁ ମାଉଣ୍ଟ ରଶମୋରରେ ଏକ ସଭାକୁ ସମ୍ବୋଧିତ କରି ଟ୍ରମ୍ପ ଇରାନକୁ ଉପହାସ କରିଥିଲେ । ଆମେରିକା ଇରାନକୁ ଧୂଳି ଚଟାଇ ଦେଇଛି । ତେଣୁ ଇରାନ ବୁଝାମଣା ପାଇଁ ବ୍ୟାକୁଳ ଅଛି । ଏପରିକି ଆମେରିକା ଦୟା ଦେଖାଇ ଇରାନକୁ ଶୋକସଭା ପାଇଁ ଏକ ସପ୍ତାହ ସମୟ ଦେଇଥିବା ଟ୍ରମ୍ପ କଟାକ୍ଷ କରି କହିଥିଲେ । ଏହା ସହିତ ଖାମେନେଇଙ୍କ ପାଇଁ କାନ୍ଦୁଥିବା ଇରାନୀ ନାଗରିକ ଓ ନେତାମାନଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି । ତାଙ୍କ ଅନୁଯାୟୀ, ଇରାନ ନାଗରିକ ଖାମେନେଇଙ୍କୁ ଘୃଣା କରୁଥିଲେ ଏବଂ ତାଙ୍କ ଶବାଧାରରେ ଲୋକ ଗୁଡ଼ିକ ମିଛିମିଛିକା କାନ୍ଦୁଛନ୍ତି ।



ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ଆର୍ମେନିଆରେ ଥିବା ଇରାନ ଦୂତାବାସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ, ଟ୍ରମ୍ପଙ୍କ ପାଖରେ ନା ସଭ୍ୟତା ଅଛି ନା ସମ୍ମାନ । ଅନ୍ୟପଟେ, ଇରାନର ସାମରିକ କମାଣ୍ଡର ଅଲି ଅବଦୁଲ୍ଲାହି ଆମେରିକା ଓ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି । କୌଣସି ଭୁଲ୍ ନିଷ୍ପତ୍ତି ନିଆଗଲେ ଇରାନ କଠୋର ପ୍ରତିଶୋଧ ନେବ ବୋଲି ସେ କହିଛନ୍ତି । ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଜୁଲାଇ ୪ରୁ ୯ ଯାଏଁ ଅନୁଷ୍ଠିତ ହେବ ।

## ଖାମେନେଇଙ୍କ ଅନ୍ତ୍ୟେଷ୍ଟିରେ ସାମିଲ ହେଲେ ୩ ପୁତ୍ର

**ତେହେରାନ,୫ ।୭ (ଏଜେନ୍ସି):** ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ଶେଷ ଦର୍ଶନ ପାଇଁ ରାଜଧାନୀ ତେହେରାନରେ ଲକ୍ଷ ଲକ୍ଷ ଶୋକାକୁଳ ଜନସାଧାରଣ ଏକତ୍ରିତ ହୋଇଛନ୍ତି । ରବିବାର ଅନୁଷ୍ଠିତ ଏହି ସାମୂହିକ ପ୍ରାର୍ଥନା ସଭାରେ ଖାମେନେଇଙ୍କ ତିନି ପୁତ୍ର ମୋସ୍ତଫା, ମେସାମ ଏବଂ ମାସୁଦ ଖାମେନେଇ ଉପସ୍ଥିତ ରହି ନିଜ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମାତ୍ର ନୂଆ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଉତ୍ତରାଧିକାରୀ ମୋଜତାବା ଅନୁପସ୍ଥିତ

ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଚିତ୍ର ଅନୁଯାୟୀ, ଏହି ଶୋକ ସଭାରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ, ସଂସଦର ବାଚସ୍ପତି ଏବଂ ସେନା ମୁଖ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ପତାକା ଏବଂ ପାରମ୍ପରିକ ପଗଡ଼ିରେ ଆଚ୍ଛାଦିତ ହୋଇଥିବା ଖାମେନେଇଙ୍କ ଶବଧାର ନିକଟରେ ଠିଆ ହୋଇ ତାଙ୍କ ପୁତ୍ରମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ଗତ ମାର୍ଚ୍ଚ ମାସରେ ପିତାଙ୍କ ମୃତ୍ୟୁ ପରେ ମୋଜତାବା ଖାମେନେଇ ଇରାନର ସର୍ବୋଚ୍ଚ ଶାସନ ଭାର ଗ୍ରହଣ କରିଛନ୍ତି, କିନ୍ତୁ ସେବେଠାରୁ ସେ ସାର୍ବଜନୀନ ଭାବେ କେଉଁଠି ଦେଖାଦେଇନାହାନ୍ତି । ଗତ ଫେବୃଆରୀ ମାସରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବୋମା ବିସ୍ଫୋରଣରେ ତାଙ୍କ ପରିବାରର ବହୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା ଏବଂ ସେହି ଆକ୍ରମଣରେ ମୋଜତାବା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା କୁହାଯାଉଛି । ଇସ୍ରାଏଲ୍ ପକ୍ଷରୁ ପୁଣିଥରେ ଆକ୍ରମଣ କିମ୍ବା ଗୁପ୍ତହତ୍ୟାର ଆଶଙ୍କା ଥିବାରୁ ତାଙ୍କୁ ସର୍ବସାଧାରଣ ସ୍ଥାନକୁ ନଆସିବାକୁ କୁହାଯାଇଛି । ସେ ଆହତ ଥିବାରୁ ଏବଂ ସୁରକ୍ଷା କାରଣରୁ ନିଜର ସ୍ୱର କିମ୍ବା ଚିତ୍ର ଗଣମାଧ୍ୟମରେ ପ୍ରକାଶ ନକରିବାକୁ ତାଙ୍କୁ ସତର୍କ କରାଯାଇଛି । ଗତ ସପ୍ତାହରେ ସେହି ଆକ୍ରମଣରେ ପ୍ରାଣ ହରାଇଥିବା ନିଜ ପତ୍ନୀ ଏବଂ ସନ୍ତାନଙ୍କ ସ୍ମୃତି ସଭାରେ ମଧ୍ୟ ମୋଜତାବା ସାମିଲ ହୋଇପାରି ନ ଥିଲେ ।



### ୬୦ ବର୍ଷ ବୟସରେ ଗୌରୀଙ୍କ ହାତ ଧରିଲେ ଅମିର ଖାନ

ବଲିଉଡର ସୁପରଷ୍ଟାର ଆମିର ଖାନ ପୁଣି ଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଦୀର୍ଘ ଦୁଇ ବର୍ଷର ପ୍ରେମ ସମ୍ପର୍କ ପରେ ସେ ତାଙ୍କର ପୁରୁଣା ବନ୍ଧୁ ଗୌରୀ ସ୍ପ୍ରାଟଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି । ମୁମ୍ବାଇର ବାନ୍ଦ୍ରାସ୍ଥିତ ଆମିରଙ୍କ ବାସଭବନରେ ଅତି ନିରାଡ଼ମ୍ବର ଭାବେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ବିବାହ ଉତ୍ସବରେ କେବଳ ପରିବାର ଲୋକ ଓ କିଛି ଅତି ନିକଟତର ବନ୍ଧୁ ଉପସ୍ଥିତ ଥିଲେ । ଉଭୟେ ଆଇନଗତ ଦଲିଲରେ ସ୍ୱାକ୍ଷର କରି ନିଜର ବିବାହକୁ ପଞ୍ଜିକୃତ କରିଛନ୍ତି । ଏହି ସ୍ୱତନ୍ତ୍ର ଅବସରରେ ଆମିରଙ୍କ ତିନି ସନ୍ତାନ ଏବଂ ଗୌରୀଙ୍କ ପୁଅ ମଧ୍ୟ ଉପସ୍ଥିତ ଥିଲେ । ଆମିର ଓ ଗୌରୀ ପରସ୍ପରକୁ ଦୀର୍ଘ ୨୫ ବର୍ଷ ହେବ ଜାଣିଥିଲେ ମଧ୍ୟ ଦୁଇ ବର୍ଷ ତଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପୂର୍ବରୁ ଦୁଇଟି ବିବାହ ବିଚ୍ଛେଦ ପରେ ୬୦ ବର୍ଷ ବୟସରେ ଆମିରଙ୍କ ଜୀବନକୁ ଗୌରୀ ଶାନ୍ତି ଓ ସ୍ଥିରତା ଆଣିଦେଇଛନ୍ତି ବୋଲି ଅଭିନେତା ପ୍ରକାଶ କରିଛନ୍ତି ।

## ମୁମ୍ବାଇରେ ବର୍ଷା ତାଣ୍ଡବ, କୋଠା ଭୁଶୁଡ଼ି ୬ ମୃତ



- ବର୍ଷାରେ ଗଲାଣି ୧୩ ଜୀବନ
- ବିଭିନ୍ନ ସ୍ଥାନରେ ଭାଙ୍ଗୁଛି ଗଛ
- ଅଳ୍ପକେ ବର୍ତ୍ତିଲେ ମୁକେଶ ଅମ୍ବାନୀ

**ମୁମ୍ବାଇ,୫।୭ (ଏଜେନ୍ସି):** ମୁମ୍ବାଇରେ ବର୍ଷା କମିବାର ନାଁ ନେଉନାହିଁ । ସହରରେ ଜାରି ପ୍ରବଳ ବର୍ଷାରେ ରବିବାର ସନ୍ଧ୍ୟାରେ ମାନଖୁର୍ଦ୍ଦ ଅଞ୍ଚଳରେ ଏକ ବହୁତଳ କୋଠା ଘର ଭୁଶୁଡି ପଡିଛି । ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆଜି ରାତି ପ୍ରାୟ ୮.୩୦ରେ ମାନଖୁର୍ଦ୍ଦର ହନୁମାନ ମନ୍ଦିର ପଛପଟେ ଥିବା ଜନତା ନଗରର କୋଠା ହଠାତ୍ ଭୁଶୁଡି ପଡିଥିଲା । ଦୁର୍ଘଟଣା ସମୟରେ ଅନେକ ଲୋକ ଘର ଭିତରେ ଥିଲେ । ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚାଲିଛି । ମୁମ୍ବାଇରେ ରବିବାର ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଆଜି ମୁକୁଳା ଡ୍ରେନରେ ପଡ଼ି ଦୁଇ ଜଣ ପ୍ରାଣ ହରାଇଲେଣି । ଏହାସହିତ ଗତ ଦୁଇ ଦିନ ମଧ୍ୟରେ ବର୍ଷା ଯୋଗୁଁ ମୁମ୍ବାଇରେ ୧୩ ଜଣ ପ୍ରାଣ ହରାଇଲେଣି । ବର୍ଷା ଯୋଗୁଁ ସହରରେ ସମସ୍ତ ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି ।

ଭାରତୀୟ ପାଣିପାଗ ବିଭାଗ ସହର ପାଇଁ 'ରେଡ୍ ଆଲର୍ଟ' ଜାରି କରିବା ସହ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଦେଇଥିଲା । ସହରର କେତେକ ସ୍ଥାନରେ ୨୪ ଘଣ୍ଟା ମଧ୍ୟରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବା ବେଳେ କେତେକ ସ୍ଥାନରେ ଏହା ୩୦୦ ମିଲିମିଟର ଅତିକ୍ରମ କରିଛି । ବର୍ଷା ଓ ଖରାପ ପାଣିପାଗ ଯୋଗୁଁ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ପ୍ରାୟ ଏକ ଘଣ୍ଟା ଧରି ବନ୍ଦ ରହିଥିଲା । ଏହି କାରଣରୁ ୧୩ଟି ବିମାନର ପଥ ପରିବର୍ତ୍ତନ କରାଯାଇଥିବା ବେଳେ ଇଣ୍ଡିଗୋର ୪ଟି ବିମାନକୁ ବାତିଲ କରିବାକୁ ପଡିଛି । ସନ୍ଧ୍ୟାରେ କୋଠା ଭୁଶୁଡିବା ବ୍ୟତୀତ ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡିଛି । କୁର୍ଲା ପଶ୍ଚିମର ନୌପଡା ଅଞ୍ଚଳରେ ଏକ ଦୋକାନ ଉପରେ ଗଛ ପଡିଯିବାରୁ ୬୩ ବର୍ଷୀୟ ୟୁନୁସ କୁଦାୱାଲାଙ୍କର ମୃତ୍ୟୁ ଘଟିଛି । ମୁମ୍ବାଇରେ ଜାରି ରହିଥିବା ପ୍ରବଳ ବର୍ଷା ବିପର୍ଯ୍ୟୟ ମଧ୍ୟରେ ଦେଶର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧକ୍ଷ ମୁକେଶ ଅମ୍ବାନୀ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ରବିବାର ଦିନ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଅମ୍ବାନୀଙ୍କ ସୁରକ୍ଷା ଗାଡ଼ିଗୁଡ଼ିକର ପଟୁଆର ଯାଉଥିବା ସମୟରେ ହଠାତ୍ ସେମାନଙ୍କ ସମ୍ମୁଖରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଥିଲା । ଏହି ଆକସ୍ମିକ ଘଟଣା ଯୋଗୁଁ ସେଠାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ।

## ବଦ୍ରିନାଥ ଦାନ ଲୁଟ୍ ପୂର୍ବରୁ ବଦଳାଯାଇଥିଲା ସିସିଟିଭି କ୍ୟାମେରା

**ଚାମୋଲି,୫ ।୭ (ଏଜେନ୍ସି):** ଶ୍ରୀବଦ୍ରିନାଥ ଧାମରେ ଦାନ ଓ ଭୋଗ ଅର୍ଥରେ ଅନିୟମିତତା ଅଭିଯୋଗ ମଧ୍ୟରେ ଜୁଲାଇ ୧ରେ ମନ୍ଦିରର ସମସ୍ତ ସିସିଟିଭି କ୍ୟାମେରା ବଦଳାଯାଇଥିବା ଘଟଣାକୁ ନେଇ ନୂଆ ପ୍ରଶ୍ନ ଉଠିଛି । ଶ୍ରୀବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ସୋହନ ସିଂହ ରଙ୍ଗଡ଼ କହିଛନ୍ତି, ଜଣେ ଦାତାଙ୍କ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ନୂଆ କ୍ୟାମେରା ଉପହାର ମିଳିବା ପରେ ନିୟମିତ ପ୍ରକ୍ରିୟାରେ ୩୨ଟି କ୍ୟାମେରା ବଦଳାଯାଇଥିଲା । ପୁରୁଣା ସମସ୍ତ ଦୃଶ୍ୟ ରେକର୍ଡ ସୁରକ୍ଷିତ ରହିଛି ଏବଂ ତଦନ୍ତ ପାଇଁ ଉପଲବ୍ଧ କରାଯିବ ବୋଲି ସେ କହିଛନ୍ତି । ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ମନ୍ଦିର କମିଟି ନିର୍ଦ୍ଦେଶ ଦେଇଥିବାବେଳେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି । ଦୋଷ ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି କହିଛି । ରାମ ମନ୍ଦିରର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ବିରୋଧୀ ଦଳର ନେତାମାନଙ୍କୁ ପଚରାଉଚରା କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ଅଯୋଧ୍ୟା ପୁଲିସକୁ ଚିଠି ଲେଖିଛି । ଅଭିଯୋଗର ସତ୍ୟତା ପ୍ରମାଣ କରିବା ପାଇଁ ତଥ୍ୟ ଓ ପ୍ରମାଣ ଦାଖଲ କରିବାକୁ ସମ୍ପୃକ୍ତ ନେତାମାନଙ୍କୁ କହିବାକୁ ସଂଗଠନ ଦାବି କରିଛି । ଚିଠିରେ ପ୍ରିୟଙ୍କା ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ, ରାମ ଗୋପାଳ ଯାଦବ ଓ ସଞ୍ଜୟ ସିଂଙ୍କ ନାମ ଉଲ୍ଲେଖ କରାଯାଇଛି ।

## ଏନ୍‌କାଉଣ୍ଟର୍‌ରେ ଲରେନ୍ସ ଗ୍ୟାଙ୍ଗ୍‌ର ଦୁଇ ସୁଟର୍ ନିହତ

**ଝଜ୍ଜର,୫ ।୭ (ଏଜେନ୍ସି):** ହରିୟାଣା ଏସ୍‌ଟିଏଫ୍ ଓ ଦିଲ୍ଲୀ ପୁଲିସର ମିଳିତ ଅଭିଯାନରେ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ଦୁଇ ଶୁଟର ରବିବାର ଭୋରରେ ଏନକାଉଣ୍ଟରରେ ନିହତ ହୋଇଛନ୍ତି । ମୃତକମାନେ ପ୍ରବେଶ ଓ ହିମାଂଶୁ ବୋଲି ପୁଲିସ ଚିହ୍ନଟ କରିଛି । ଉଭୟଙ୍କ ମୁଣ୍ଡ ଉପରେ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରାଯାଇଥିଲା । ପୁଲିସ ସୂଚନା ଅନୁସାରେ, ଗୁପ୍ତ ସୂଚନା ଆଧାରରେ ବହାଦୁରଗଡ଼ ଅଞ୍ଚଳରେ ଘେରାଉ କରାଯିବା ପରେ ଅଭିଯୁକ୍ତମାନେ ପୁଲିସ ଉପରେ ଗୁଳିଚାଳନା କରିଥିଲେ । ପାଲଟା କାର୍ଯ୍ୟାନୁଷ୍ଠାନରେ ଉଭୟ ନିହତ ହୋଇଥିବାବେଳେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଉଭୟ ପକ୍ଷ ମଧ୍ୟରେ ପ୍ରାୟ ୧୨ରୁ ୧୩ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା । ନିହତ ଦୁଇ ଅଭିଯୁକ୍ତ ଗତ ଜୁନ୍ ୧୧ରେ ହାଁସିର ଜିମ୍ ମାଲିକ କପିଲ ରେଡ୍ଡୁଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି । ଏହି ହତ୍ୟାକାଣ୍ଡର ଦାୟିତ୍ୱ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ହ୍ୟାରି ବକ୍ସର ଅନଲାଇନ୍ ପୋଷ୍ଟ ମାଧ୍ୟମରେ ନେଇଥିବା ଦାବି କରିଥିଲା । ତେବେ ଏହି ପୋଷ୍ଟର ସତ୍ୟତା ପ୍ରମାଣିତ ହୋଇନାହିଁ । ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି ।


## ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

**ବାରୁଇପୁର,୫ ।୭ (ଏଜେନ୍ସି):** ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ଏକ ଅତି ନିର୍ମମ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ବାରୁଇପୁର ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ରବିବାର ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି ।

### ପୋଖରୀରୁ ମୃତଦେହ ଉଦ୍ଧାର

ସ୍ଥାନୀୟ ଏକ ପୋଖରୀରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପରିବାର ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ଣ ପ୍ରାୟ ୪ଟା ସମୟରେ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ନାବାଳିକା ଜଣକ ଘରୁ ବାହାରକୁ ଯାଇଥିଲେ, ମାତ୍ର ଆଉ ଘରକୁ ଫେରିନଥିଲେ । ଚାରି ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ରବିବାର ସକାଳେ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କ ଶବ ମିଳିବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ଏହି ବିକ୍ଷୋଭ ଉଗ୍ର ରୂପ ନେଇଥିଲା, ଯେଉଁଥିରେ ପୁଲିସଗାଡ଼ି ଭଙ୍ଗାରୁଜା ହେବା ସହ କିଛି ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ପୁଲିସ ପ୍ରାଥମିକ ତଦନ୍ତରୁ ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସନ୍ଦେହ କରୁଛି ଏବଂ ଶାରୀରିକ ନିର୍ଯାତନାର ଆଶଙ୍କା ମଧ୍ୟ କରାଯାଉଛି । ଇତିମଧ୍ୟରେ ଏହି ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ଉତ୍ତ୍ୟକ୍ତ ପରିବାର ଓ ସ୍ଥାନୀୟ ଲୋକେ ଜଣେ ଯୁବକକୁ ପିଟି ପିଟି ହତ୍ୟା କରିଛନ୍ତି । ଲୋକଙ୍କ ମାଡ଼ରେ ଗୁରୁତର ଆହତ ହୋଇଥିବା ଯୁବକକୁ ପୁଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି । ଅନ୍ୟପଟେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି । ଏଥିରେ ଜଣେ ବିଜେପି କର୍ମକର୍ତ୍ତା ମଧ୍ୟ ଥିବା ପୁଲିସ କହିଛି ।

## ଜମ୍ମୁ-କାଶ୍ମୀର ପାଠ୍ୟପୁସ୍ତକେରେ ହାଫିଜ୍ ସୟିଦ୍ 'ମହାନ ବ୍ୟକ୍ତି'




**ଶ୍ରୀନଗର,୫ ।୭ (ଏଜେନ୍ସି):** ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପାଇଁ କିଣାଯାଇଥିବା ଦୁଇଟି ବହିକୁ ନେଇ ତୀବ୍ର ବିବାଦ ଦେଖାଦେଇଛି । ଏହି ବହିଗୁଡ଼ିକରେ ମୁମ୍ବାଇ ଆକ୍ରମଣର ମୁଖ୍ୟ ସୂତ୍ରଧର ଆତଙ୍କବାଦୀ ହାଫିଜ୍ ସୟିଦ୍ ଏବଂ ବିଚ୍ଛିନ୍ନତାବାଦୀ ନେତା ମକବୁଲ ଭଟ୍ଟଙ୍କୁ 'ମହାନ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରାଯାଇଛି । ଏହି ଘଟଣାରେ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୱିଙ୍ଗ ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ (ୟୁଏପିଏ) ଏବଂ ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପାଠ୍ୟପୁସ୍ତକରେ ଜମ୍ମୁ-କାଶ୍ମୀରକୁ 'ଭାରତ ଅଧିକୃତ କାଶ୍ମୀର' ବୋଲି ଉଲ୍ଲେଖ କରାଯିବା ସହ ପ୍ରତିବନ୍ଧିତ ସଂଗଠନର ପ୍ରତିଷ୍ଠାତା ମକବୁଲ ଭଟ୍ଟଙ୍କୁ ଶହୀଦ ଏବଂ ଅନ୍ୟ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ଚିତ୍ରିତ କରାଯାଇଛି । ବିଜେପି ଏହାକୁ 'ଶିକ୍ଷାଗତ ଜିହାଦ' ବୋଲି ଆଖ୍ୟା ଦେଇ ଦୃଢ଼ ବିରୋଧ କରିଛି । ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ତୁରନ୍ତ ଏହି ବହିଗୁଡ଼ିକ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛି । ବହି ଚୟନ କରିଥିବା କମିଟିର ସଦସ୍ୟ ଏବଂ ଅଧିକାରୀଙ୍କ ଚରମ ଅବହେଳା ପାଇଁ ୮ ଜଣ ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି ଏବଂ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦିଆଯାଇଛି । ସମ୍ପୃକ୍ତ ଲେଖକ ଏବଂ ପ୍ରକାଶକମାନଙ୍କୁ ଜମ୍ମୁ-କାଶ୍ମୀରରେ କଳାତାଲିକାଭୁକ୍ତ କରାଯାଇଛି । ପୁଲିସ ଜମ୍ମୁସ୍ଥିତ ପ୍ରକାଶକଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଏବଂ ଡିଜିଟାଲ ପ୍ରମାଣ ଜବତ କରିଛି । ଜମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ ମନୋଜ ସିହ୍ନା ଏହି ଘଟଣାରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଭୂଦାନ ଜମିର ବଣ୍ଟନ ଓ ଦାଖଲଖାରଜ ବନ୍ଦ

ଭୁବନେଶ୍ୱର, ୫।୭ (ସମିସ): ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଓ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଛି। ଏହା ଫଳରେ ପରବର୍ତ୍ତୀ ସମୟରେ ଦାଖଲଖାରଜ୍ ଏବଂ ଜମିପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ରାଜସ୍ୱ ବିଭାଗ ସ୍ଥଗିତ ରଖିଛି।

ଏ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଅରବିନ୍ଦ ପାଢ଼ୀ ସମସ୍ତ ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର୍), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଚିଠି ଲେଖିଛନ୍ତି। ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକ ମାସ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସରକାରୀ ନିଷ୍ପତ୍ତିକୁ ଗମ୍ଭୀରତାର ସହ ପାଳନ କରିବା ପାଇଁ ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ତଥା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଆରଡିସି, ଜିଲ୍ଲାପାଳ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବଜ୍ରପାତରେ ହାତୀ ମୃତ !

ଢେଙ୍କାନାଳ, ୫।୭ (ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ବମ୍ପା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ଏକ ହାତୀର ମୃତ୍ୟୁ ଘଟିଛି। ହାତୀଟି ବଜ୍ରପାତରେ ମରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ରବିବାର ସକାଳେ ଏକ ପୁରୁଷ ହାତୀର ମୃତଦେହ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚି



ମୃତଦେହକୁ ଘେରାବନ୍ଦୀ କରି ତଦନ୍ତ କରିଥିଲେ। ପରେ ଢେଙ୍କାନାଳ ଡିଏଫଓ ଓ ସାଇଣ୍ଟିଫିକ ଟିମ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତ ଅନୁଯାୟୀ ବଜ୍ରପାତରେ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତଦନ୍ତ ସମୟରେ ବିଦ୍ୟୁତ୍ ଦ୍ୱାରା ମୃତ୍ୟୁ ନେଇ କୌଣସି ସୂଚନା ମିଳିନାହିଁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂଚନା ଦେଇଛି। ମୃତ ହାତୀର ବୟସ ୨୫ରୁ ୩୦ବର୍ଷ ହେବ।

# ଗୋ-ମାଫିଆଙ୍କୁ ସୂଚନା ଦେଉଥିଲେ ପୁଲିସ



**ଏଏସ୍ଆଇ ଓ କନଷ୍ଟେବଲ ନିଲମ୍ବିତ**

**ହୋମ୍‌ଗାର୍ଡଙ୍କୁ କାରଣ ଦର୍ଶାଅ ନୋଟିସ**



ବାରିପଦା, ୫।୭ (ସମିସ): ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ୍ ୧୩ ତାରିଖରେ ଏକସଙ୍ଗେ ୩ଟି ଜିଲ୍ଲାର ଗୋ-ମାଫିଆଙ୍କ ବିରୋଧରେ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଚଢ଼ଉ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସେହି ଜୁନ ୧୩ ତାରିଖ ଭୋରରେ ଝାରପୋଖରିଆ ଅଞ୍ଚଳର ଗୋ-ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଘରେ ପୁଲିସ ଚଢ଼ଉ କରି ଖାଲି ହାତରେ ଫେରିଥିଲା। ଚଢ଼ଉ ପୂର୍ବରୁ ଖବର ପାଇ ଜରୁରୀ କାଗଜପତ୍ର ନେଇ ନିଜ ଏସୟୁଭି କାର୍‌ରେ ଚମ୍ପଟ ମାରିଥିଲେ ଉତ୍ତମ ଦଣ୍ଡପାଟ। ଘରୁ ଫେରାର ହେବା ସମୟର ସମସ୍ତ ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଯେଉଁଥିରେ ଚଢ଼ଉର ୧୫ ମିନିଟ ପୂର୍ବରୁ ସେ ତରବରିଆ ଭାବେ ଗାଡ଼ିରେ ଦସ୍ତାବିଜ୍ ଲୋଡ୍ କରି ପଳାଉଥିବା ସ୍ପଷ୍ଟ ଦେଖାଯାଇଥିଲା। ଏ ନେଇ ଝାରପୋଖରିଆ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାଖାପାଖି ଏକ ମାସ ସମୟ ଭିତରେ ପ୍ରାଥମିକ ତଦନ୍ତ ଓ ପ୍ରମାଣ ସଂଗ୍ରହ ପରେ ଜଣାପଡ଼ିଥିଲା ଯେ, ନିଜ ବିଭାଗର କିଛି କର୍ମଚାରୀ ଗୋ-ମାଫିଆଙ୍କୁ ଚଢ଼ଉ ସମ୍ପର୍କିତ ଗୁପ୍ତ ସୂଚନା ଲିକ୍ କରିଥିଲେ। ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାରେ ସମ୍ପୃକ୍ତ ଥିବା ଝାରପୋଖରିଆ ଥାନାର ଏଏସଆଇ ରଞ୍ଜିତ ନାୟକ ଓ କନଷ୍ଟେବଲ ଆଶିଷ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥିସହିତ ଥାନାର କାର୍ଯ୍ୟକଳାପ ବାବଦରେ ଅବଗତ ଥିବା ହୋମଗାର୍ଡ ସୁବ୍ରତ ପାଢ଼ୀଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବା ପାଇଁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଏହି ସୂଚନା ପ୍ରଦାନ କରି ଆଡିସନାଲ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ୍ କହିଛନ୍ତି, ଝାରପୋଖରିଆ ଆଇଆଇସି ଶ୍ରୀ ଆଚାର୍ଯ୍ୟ ଓ ବାରିପଦା ଏସଡିପିଓ ପ୍ରଭାତ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗକୁ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଜାରି ରହିବ। ଅପରପକ୍ଷରେ ଫେରାର ଥିବା ଗୋ-ମାଫିଆଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ପ୍ରକାଶ ଥାଉକି, ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଶାସକ ବିଜେପି ଦଳର ନେତା ଓ ମନ୍ତ୍ରୀଙ୍କ ସହିତ ଉତ୍ତମ ସମ୍ପର୍କ ଥିବାରୁ ପୁଲିସ ଜାଣିଶୁଣି ତାଙ୍କୁ ଫେରାର ପାଇଁ ସୁଯୋଗ ଦେବା ଓ ଗିରଫ ନ କରିବା ନେଇ ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ଡା ଦେବାଶିଷ ମାରାଣ୍ଡି ଝାରପୋଖରିଆରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ବର୍ଷିଥିଲେ।

## ଚିଠା ଭୋଟର ତାଲିକାକୁ ନେଇ ବିଜେଡିର ସାଂଘାତିକ ଅଭିଯୋଗ

# ୨୦ ଲକ୍ଷ ନୁହେଁ; ବାଦ୍ ପଡ଼ିଛନ୍ତି ୨୭ ଲକ୍ଷ ଭୋଟର

ଭୁବନେଶ୍ୱର, ୫।୭ (ସମିସ): ରାଜ୍ୟରେ ଏସ୍ଆଇଆର ପ୍ରକ୍ରିୟା ସମାପ୍ତ ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ସାଂଘାତିକ ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ଚିଠା ଭୋଟର ତାଲିକାରେ ୨୦ ଲକ୍ଷ ନୁହେଁ; ବରଂ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ଭୋଟରମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଅଭିଯୋଗ କରାଯାଇଛି। ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ସାଧାରଣ ସମ୍ପାଦକ ବିଜୟ ନାୟକ ସମ୍ପୂର୍ଣ୍ଣ ଏସ୍ଆଇଆର ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଦଳର ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଛନ୍ତି ଯେ ଏସ୍ଆଇଆର ପାଇଁ ବିଭିନ୍ନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ରାଜନୈତିକ ଦଳମାନଙ୍କ ସହ ଆଲୋଚନା କରିଥିଲେ। ଏସଆଇଆର ପ୍ରକ୍ରିୟା ଆରମ୍ଭ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ଭୋଟର ତାଲିକା ଏବଂ ବର୍ତ୍ତମାନର ପ୍ରକାଶିତ ଭୋଟର ତାଲିକାରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଛି। ୨୦୨୫ ମସିହାର ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୩ କୋଟି ୪୦ଲକ୍ଷ ୭୨ ହଜାର ୭୪୪ ଜଣ ଭୋଟରଙ୍କ ନାମ ୱେବ୍‌ସାଇଟରେ ଉପଲବ୍ଧ ଥିଲା। ମେ ମାସ ୧୪ ତାରିଖରେ ଏସ୍ଆଇଆର ପାଇଁ ଓଡ଼ିଶାରେ ଭାରତୀୟ ନିର୍ବାଚନ କମିସନ ଦ୍ୱାରା ବିଜ୍ଞପ୍ତି ହେବା ପରେ ମେ ୧୫ ତାରିଖରେ ବିଭିନ୍ନ ରାଜନୈତିକ ଦଳର ବୈଠକରେ ୩ କୋଟି ୩୪ଲକ୍ଷ ଭୋଟର ଥିବା ନେଇ ତଥ୍ୟ ପ୍ରଦାନ ହୋଇଥିଲା। ପୁଣି ଜୁନ୍ ୧୨ ତାରିଖରେ ତାହାକୁ ୩



କୋଟି ୩୩ଲକ୍ଷ ୯୯ ହଜାର ୫୯୧ଜଣ ବୋଲି ଦର୍ଶାଯାଇଥିଲା। ତେବେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଜଣ ଭୋଟର ଥିବା କୁହାଯାଇଛି। ପ୍ରଦତ୍ତ ତଥ୍ୟ ମଧ୍ୟରେ କିଛି ତାଳମେଳ ରହୁନାହିଁ। ୨୦୨୫ ଚୂଡ଼ାନ୍ତ ତାଲିକାରେ ଥିବା ଭୋଟର ସଂଖ୍ୟାକୁ ଅନୁଶୀଳନ କଲେ ଓଡ଼ିଶାରେ ବାସ୍ତବରେ ୨୭ଲକ୍ଷ ଭୋଟର ଏହି ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ଯାହା ଆଶଙ୍କା କରାଯାଉଥିଲା, ସେହି ଅନୁଯାୟୀ ଅନେକ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ତାରତମ୍ୟ ରହିଛି। ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀରୁ ୭୫ଟିରେ ୧୦,୦୦୦ରୁ ଉର୍ଦ୍ଧ୍ୱ, ତା'ମଧ୍ୟରୁ ୪୯ଟିରେ ୧୫,୦୦୦ରୁ ଉର୍ଦ୍ଧ୍ୱ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। ଏସଆଇଆର ପ୍ରକ୍ରିୟାରୁ ଅନେକ ଲୋକ ବାଦ୍ ପଡିବା ଏକ ଚିନ୍ତାଜନକ ବିଷୟ ପାଲଟିଛି। ଏସଆଇଆର ଦ୍ୱାରା ଶୁଦ୍ଧ ଓ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରକାଶ ନେଇ ଜାତୀୟ ମୁଖ୍ୟ ନିର୍ବାଚନ ଅଧିକାରୀ ଯେଉଁ ଘୋଷଣା କରିଥିଲେ, ତାହା ଏଠାରେ ପରିପ୍ରକାଶ ହୋଇ ପାରିଲାନାହିଁ। ନିର୍ବାଚନରେ ମତଦାନ କରିବା ଭୋଟରଙ୍କ ମୌଳିକ ଅଧିକାର ହୋଇଥିବା ବେଳେ ତାହାକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସେହିପରି ସାଧାରଣ ସମ୍ପାଦକ ଶ୍ରୀ ନାୟକ କହିଛନ୍ତି ଯେ ୨୦୨୫ ମସିହାରେ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଏବଂ ଏସଆଇଆର ଆରମ୍ଭ ବେଳକୁ ପ୍ରକାଶିତ ଭୋଟର ସଂଖ୍ୟାରେ ତାରତମ୍ୟ ପରିଲିକ୍ଷିତ ହୋଇଥିଲା। ଭୋଟର ତାଲିକାରେ ଏହି ପ୍ରକାର ତାରତମ୍ୟ ନେଇ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ତାହାର ସଂଶୋଧନ ନ କରି ଭୋଟର ତାଲିକା ପ୍ରକାଶ କରିଛନ୍ତି। ପ୍ରକାଶିତ ଭୋଟର ତାଲିକରେ ୩ କୋଟି ୧୩ ଲକ୍ଷ ଭୋଟର ଅଛନ୍ତି। ଦଳମାନଙ୍କୁ ୨୦ଲକ୍ଷ ୧୨ହଜାର ଭୋଟର ବାଦ୍ ପଡିଥିବା କୁହାଯାଇଛି। କିନ୍ତୁ ଗଣମାଧ୍ୟମରେ ସିଇଓ ୨୦ଲକ୍ଷ ୧୪ ହଜାର ଭୋଟର ତାଲିକାରୁ ବାଦ୍ ପଡିଥିବା ନେଇ କହିଛନ୍ତି। ମେ ୩୦ରୁ ୨୮ ଜୁନ ପର୍ଯ୍ୟନ୍ତ ହୋଇଥିବା ଏସଆଇଆର ପ୍ରକ୍ରିୟାରେ ବହୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହୋଇଛି। ଏସଆଇଆରରେ ଭୋଟର ବୃଦ୍ଧି ପାଇବା ସ୍ଥାନରେ କମିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକ୍ରିୟାରେ ୧୩ଟି ଜଟିଳ ଅସଂଗତ ତଥ୍ୟ ପାଇଁ ଅନେକ ଭୋଟର ବାଦ୍ ହୋଇଛନ୍ତି। ତାହାକୁ ସରଳୀକରଣ କରି ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ାଯାଉ। ସେହିପରି ବିଏଲଓମାନଙ୍କୁ ସଠିକ୍ ଭାବରେ ତାଲିମ ଦିଆଯାଇ ନ ଥିବାରୁ ତ୍ରୁଟିପୂର୍ଣ୍ଣ ଭାବେ ଏସଆଇଆର ପ୍ରକ୍ରିୟା ହୋଇଥିବା ଶ୍ରୀ ନାୟକ କହିଛନ୍ତି। ଏହାର ତୁରନ୍ତ ସୁଧାର କରିବା, ପ୍ରକ୍ରିୟା ସରଳୀକରଣ କରିବା ଓ ଅସଂଗତିଗୁଡ଼ିକ ସମାଧାନ ନିମନ୍ତେ ବିଜେଡି ପକ୍ଷରୁ ଦାବି କରାଯାଇଛି।

- ଭୋଟରଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଉଛି
- ପ୍ରକ୍ରିୟାରେ କଟିଛନ୍ତି ଅନେକ ଯୋଗ୍ୟ ଭୋଟର
- ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ ପାଇଁ ଦାବି

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭିଡିଓ; ଯୁବକ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଅପପ୍ରଚାର ଅଭିଯୋଗରେ ସାଇବର ଥାନା ପୁଲିସ କଟକରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକଙ୍କ ନାମ ବିଶ୍ୱଜିତ୍ ସାହୁ ଓ ତାଙ୍କ ଘର କଟକ ଜିଲ୍ଲା ଜଗତପୁର ଥାନା ଅଞ୍ଚଳରେ। ପୁଲିସ ତାଙ୍କ ଠାରୁ ଗୋଟିଏ ଆଇଫୋନ ଜବତ କରିଛି।

ପୁଲିସ ସୂଚନା ମୁତାବକ ଗତ ୪ତାରିଖରେ ନିୟମିତ ସୋସିଆଲ ମିଡିଆ ପେଟ୍ରୋଲିଂ ସମୟରେ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଆପତ୍ତିଜନକ ବିଷୟବସ୍ତୁ ପୋଷ୍ଟ ହୋଇଥିବା ଠାବ କରିଥିଲା। ଏହି ଆକାଉଣ୍ଟରେ ଏଆଇ-ଦ୍ୱାରା ଫଟୋକୁ ମର୍ଫ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରସାର କରାଯାଇଥିଲା। ସୋସିଆଲ ମିଡିଆ ପେଟ୍ରୋଲିଂ ରିପୋର୍ଟର ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଡିଜିଟାଲ ଉପାୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ଆପତ୍ତିଜନକ ଭାବରେ ପ୍ରଦର୍ଶନ କରିଥିଲେ। ପୁନଶ୍ଚ ସେ ଏଥିରେ ଅଶ୍ଳୀଳ ଅଙ୍ଗଭଙ୍ଗୀ ଓମାନହାନିକର ଉକ୍ତି ମଧ୍ୟ ବ୍ୟବହାର କରିଥିଲେ। ଏହା ଡିଜିଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଏବଂ ଯୁବପିଢ଼ିଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଇଚ୍ଛାକୃତ ଭାବେ କରାଯାଇଥିଲା ବୋଲି ପୁଲିସ ସୂଚନା ଦେଇଛି।

## ଚାଉଳିଆଗଞ୍ଜ ଆଇଆଇସିଙ୍କ ଆତ୍ମହତ୍ୟା ଘଟଣା

# ପୁଲିସ ଅଧିକାରୀଙ୍କୁ ଜେରା

କଟକ, ୫।୭ (ସମିସ): ଚାଉଳିଆଗଞ୍ଜ ଥାନା ଆଇଆଇସି ବିୟୁଟି ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାରେ ଆଜି ଜଣେ ପୁଲିସ ଅଧିକାରୀଙ୍କୁ ଜେରା କରାଯାଇଛି। ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ସହିତ ମୃତ ଆଇଆଇସିଙ୍କ ସହିତ ରହିଥିବା ସମ୍ପର୍କ, ଫୋନ୍ ଚାଟ୍ ଏବଂ ଫୋନ୍ ବାର୍ତ୍ତାଳାପ ସମ୍ପର୍କରେ ପୁଲିସ ପଚରାଉଚରା କରିଛି। ଡିସିପିଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କୁ



ଡକାଯାଇ ଜେରା କରାଯାଇଥିଲା। ଗତ ଶୁକ୍ରବାର ରାତି ୧୦ଟା ୨୫ରେ ଶେଷ ଥର ପାଇଁ ବିୟୁଟିଙ୍କ ସହ ଫୋନରେ ତାଙ୍କ ସ୍ୱାମୀ କଥା ହୋଇଥିଲେ। ଏହାପରେ ତାଙ୍କ ସହ ଆଉ କିଏ କଥା ହୋଇଛି, ତାହାକୁ ପୁଲିସ ଗୁରୁତ୍ୱ ଦେଉଛି। ସୂଚନାନୁସାରେ, ଗତ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍ୱାଭାବିକ ଅବସ୍ଥାରେ ଡ୍ୟୁଟି କରିଥିଲେ ବିୟୁଟି ମହାନ୍ତି। ରାତି ସାଢେ ୧୦ଟା ପରେ ମହିଳା ଥାନା ଅଧିକାରୀ ଜଣକ ଥାନାର ଉପର ମହଲାରେ ଥିବା ରେଷ୍ଟରୁମକୁ ଯାଇଥିଲେ। ରାତିରେ ତାଙ୍କ ଅଡର୍ଲି ଖାଇବାକୁ ନେଇ ଯାଇଥିଲେ ମଧ୍ୟ କଲ୍ ଉଠାଇ ନଥିଲେ ମାଡାମ୍। ତେଣୁ ସେ ରାତିରେ ଖାଇ ନଥିଲେ। ଶନିବାର ସକାଳୁ ସେ ବହୁ ସମୟ ଧରି କବାଟ ଖୋଲି ନ ଥିଲେ। ରେଷ୍ଟରୁମ୍‌ର କବାଟ ଭଙ୍ଗା ଯାଇଥିଲା। ରୁମ୍ ଭିତରେ ବିୟୁଟି ମହାନ୍ତିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ସମସ୍ତେ। ପରେ ତାଙ୍କୁ ଏସସିବି ନିଆଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର।

## ବିଜେପି ନେତ୍ରୀଙ୍କ ନାମରେ ମୁଖ୍ୟମନ୍ତ୍ରୀଙ୍କୁ ନକଲି ଚିଠି

# ଥାନାରେ ଏତଲା; ଦଳୀୟ କର୍ମୀଙ୍କ ସମ୍ପୃକ୍ତି ସନ୍ଦେହ

ଭୁବନେଶ୍ୱର/ନୟାଗଡ଼, ୫।୭ (ସମିସ): ଦିନକୁ ଦିନ ରୋଚକ ହେବାରେ ଲାଗିଛି ପୂର୍ବତନ ସାଂସଦ ତଥା ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଚିଠି ରହସ୍ୟ। ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ପରେ ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ଦ୍ୱିତୀୟ ବିଜେପି ନେତା ଭାବରେ ଲିଖିତ ଅଭିଯୋଗ କରିଥିଲେ। ସୁଜିତ ଜେଲ ଡ଼ିଜିଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲା ବେଳେ ପ୍ରତ୍ୟୁଷା ଆଉ ପାଦେ ଆଗକୁ ଯାଇ ମୁଖ୍ୟମନ୍ତ୍ରୀ ଏବଂ ଗୃହ ବିଭାଗକୁ ଚିଠି ଲେଖି ନୟାଗଡ଼ ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କ ବଦଳି ଦାବି କଲେ। ଚିଠି ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏହି ଚିଠି ନକଲି ବୋଲି ଅଭିଯୋଗ କରି ପୁଲିସର ଦ୍ୱାରସ୍ଥ ହୋଇଛନ୍ତି ପ୍ରତ୍ୟୁଷା ରାଜେଶ୍ୱରୀ। ତାଙ୍କ ପ୍ୟାଡ୍, ଷ୍ଟାମ୍ପ ଏବଂ ଦସ୍ତଖତକୁ କେହି ନକଲ କରି ଏଭଳି କରିଛି ବୋଲି ପ୍ରତ୍ୟୁଷା ନୟାଗଡ଼ ଥାନାରେ ଅଭିଯୋଗ କରିଛନ୍ତି।

ନୟାଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କ ବିରୋଧରେ ପ୍ରତ୍ୟୁଷାଙ୍କ ଲେଟର ପ୍ୟାଡ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠି ଦୁଇଦିନ ହେଲା ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ଗୋଟିଏ ଚିଠି ମେ ୨୫ ତାରିଖର ହୋଇଥିବା ବେଳେ ଦ୍ୱିତୀୟ ଚିଠି ଟି ଜୁନ ୩ ତାରିଖର। ଏହି ଚିଠିକୁ ନେଇ ବିଜେପି ଓ ସରକାର ଅକଳରେ ପଡ଼ିଛନ୍ତି। ଏଥିରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସାମନ୍ତରାୟଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି ଅଭିହିତ କରାଯାଇ ତାଙ୍କୁ ବଦଳି ପାଇଁ ଲେଖା ଯାଇଥିଲା। ମାତ୍ର ନିଜେ ପ୍ରତ୍ୟୁଷା ଏବେ ଏହି ଚିଠିଟିକୁ ନକଲି ବୋଲି କହୁଛନ୍ତି। ଯଦି ପ୍ରତ୍ୟୁଷାଙ୍କ କଥା ସତ ହୋଇଥାଏ, ତେବେ ଏହି ନକଲି ଚିଠି କିଏ ଓ କାହିଁକି ପ୍ରସ୍ତୁତ କରି ସରକାରଙ୍କୁ ଅକଳରେ ପକାଇଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୂର୍ବରୁ ଏକ ଜାଲ ଚିଠି ପାଇଁ ଜଣେ ଯନ୍ତ୍ରୀଙ୍କୁ ଗିରଫ କରାଯାଇଥିବାବେଳେ ପ୍ରତ୍ୟୁଷାଙ୍କ ନକଲି ଚିଠି ଲେଖି ପୁଲିସକୁ ବଦନାମ କରିଥିବା ବ୍ୟକ୍ତିଙ୍କୁ କେବେ ଗିରଫ କରାଯିବ ବୋଲି ଏବେ ନୟାଗଡ଼ବାସୀ ପ୍ରଶ୍ନ କରିଛନ୍ତି।

ସୂଚନାନୁସାରେ ପ୍ରତ୍ୟୁଷାଙ୍କ କିଛି ସମର୍ଥକ ତଥା ଶାସକ ଦଳର କର୍ମୀ ନୟାଗଡ଼ ପୁଲିସକୁ ନିଜ ଇଚ୍ଛାରେ ପରିଚାଳନା କରିବାକୁ ଚେଷ୍ଟା କରୁଛନ୍ତି। ମାତ୍ର ପୁଲିସ ସବୁ କଥାରେ ହାଁ ଜୀ ନ କରିବାରୁ ଶେଷରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ବଦଳି କରିବାକୁ ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି। ପ୍ରତ୍ୟୁଷାଙ୍କ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି ଓ ଏହି ଷଡ଼ଯନ୍ତ୍ରରେ କିଛି ଦଳୀୟ କର୍ମୀଙ୍କ ହାତ ଥିବା ପୁଲିସ ସନ୍ଦେହକରୁଛି। ଗତ ମେ ମାସ ୧୮ ତାରିଖରେ ଦୁଇ ଜଣ ଅଭିଯୁକ୍ତଙ୍କ ଗିରଫକୁ ନେଇ ପ୍ରତ୍ୟୁଷାଙ୍କ ସମର୍ଥକ କୁହାଯାଉଥିବା କିଛି ବିଜେପି ନେତା ଥାନା ଘେରାଉ ସହ ପୁଲିସ ଉପରକୁ ହାତ ଉଠାଇଥିଲେ। ଯାହାକୁ ନେଇ ୭୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହାପରେ ପୁଲିସକୁ ବଦନାମ କରିବା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ବଦଳି ପାଇଁ ପ୍ରତ୍ୟୁଷାଙ୍କ ଲେଟର ହେଡ୍‌କୁ ବ୍ୟବହାର କରାଯାଇଥିବା ପୁଲିସ ସନ୍ଦେହ କରୁଛି।

**ସରକାରଙ୍କ ଉପରେ ବର୍ଷିଲେ ଭକ୍ତ, ନିରଞ୍ଜନ ଓ ଜୟଦେବ**

# କେନ୍ଦୁଝର ଏବେ ଭୋକର ଭୂଗୋଳ ପାଲଟିଛି

ଭୁବନେଶ୍ୱର, ୫।୭ (ସମିସ): କଂଗ୍ରେସରେ ବରିଷ୍ଠ ନେତାଙ୍କ ମଧ୍ୟରେ ସବୁ କିଛି ଠିକ ଚାଲି ନ ଥିବା ଚର୍ଚ୍ଚା ମଧ୍ୟରେ ରବିବାର ଦୃଷ୍ଟିଗୋଚର ହୋଇଛି ଏକ ରୋଚକ ଘଟଣା। ଦୁଇଜଣ ପୂର୍ବତନ ପିସିସି ସଭାପତିଙ୍କ ସହ ବର୍ତ୍ତମାନର ପିସିସି ସଭାପତି ଏକାଠି ସରକାରଙ୍କ ଉପରେ ବର୍ଷିଛନ୍ତି। ନୂତନ ପିସିସି ପ୍ରଭାରୀ ଲାଲ୍‌ଜୀ ଦେଶାଇଙ୍କ କର୍ଣ୍ଣମନ୍ତ୍ର କଂଗ୍ରେସ ନେତାଙ୍କୁ କାମ କରିଛି ଏବଂ ନିରଞ୍ଜନ, ଜୟଦେବଙ୍କ ସହ ଭକ୍ତ ଏକାଠି ହୋଇ ଦଳକୁ ନୂଆ ବାର୍ତ୍ତା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ସାମିଲ ହୋଇଛନ୍ତି।

**ଗ୍ୟାସ୍ ଦୁର୍ଘଟଣା ମୃତକ ପରିବାରକୁ ଭେଟିଲା କଂଗ୍ରେସ**

ଦିନକ ତଳେ ନବନିଯୁକ୍ତ ପିସିସି ପ୍ରଭାରୀ ଅନୁଶାସନ ଓ ଏକାଠି ଲଢ଼ିବାକୁ ଦେଇଥିବା ବାର୍ତ୍ତା କଂଗ୍ରେସରେ ବେଶ୍ ପରିବର୍ତ୍ତନ ଆଣିଥିବା କୁହାଯାଉଛି।

ତାମିଲନାଡୁର ତିରୁଭଲ୍ଲୁରଠାରେ ଥିବା ସେଣ୍ଟ ପଲ ଖାଦ୍ୟ ପ୍ରକ୍ରିୟାକରଣ କାରଖାନାରେ ଗ୍ୟାସ ଲିକ ହୋଇ କେନ୍ଦୁଝର ଜିଲ୍ଲାର ୧୪ ଜଣ ନାବାଳିକା ଓ ମହିଳାଙ୍କ ମୃତ୍ୟୁ ଘଟିଛି। ଦୁଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା କେନ୍ଦୁଝର ଜିଲ୍ଲା ସହ ଘନିଷ୍ଠ ଜଡ଼ିତ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ଏବେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛି। ଦୁଇ ପୂର୍ବତନ ପିସିସି ସଭାପତି ଓ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦୁଝର ଗସ୍ତ କରି ସ୍ଥିତି ଅନୁଧ୍ୟାନ ପରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।




ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଭୋକର ଭୂଗୋଳ ଦିନେ କଳାହାଣ୍ଡିକୁ କୁହା ଯାଉଥିଲା; କିନ୍ତୁ ଆଜି କେନ୍ଦୁଝର ଭୋକର ଭୂଗୋଳ ପାଲଟି ଯାଇଛି। ବାହାର ରାଜ୍ୟର ଶିଳ୍ପପତି ଆସି ଲୁଟକରି ନିଜ ରାଜ୍ୟର କାରଖାନାକୁ କଞ୍ଚାମାଲ ପଠାଉଛନ୍ତି ମାତ୍ର ସେହି ଖଣିଜ ସମ୍ପଦଉପରେ ଅଧିକାର ରଖୁଥିବା ଆଦିବାସୀ ଯୁବକ ଯୁବତୀ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। କେନ୍ଦୁଝର ଜିଲ୍ଲାରେ ଯେତେ ଖଣିକାମ ହେଉଛି ତାର ଯଦି ଶତକଡା ୫ଭାଗ ମେନୁଆଲ କାର୍ଯ୍ୟ କରାଯାଆନ୍ତା ତେବେ ଜିଲ୍ଲାର କର୍ମନିଯୁକ୍ତି ସମସ୍ୟା ଦୂର ହୋଇପାରନ୍ତା। ତେବେ ଲଜ୍ଜାର ବିଷୟ ହେଉଛି ଜୁଆଙ୍ଗ ଅଧ୍ୟୁଷିତ ଅଞ୍ଚଳରୁ ଦାଦନ ବୋହିବା ପାଇଁ ୩ଟି ଦାଦନ ଏକ୍ସପ୍ରେସ ବସ୍ ଚାଲିଛି। ତେଣୁ ସରକାର ଜିଲ୍ଲାର ଆଦିବାସୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରନ୍ତୁ ଓ ତାମିଲନାଡୁରେ ଗ୍ୟାସ ମୃତକଙ୍କ ପ୍ରତ୍ୟେକ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ଦିଅନ୍ତୁ।

କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଆଦିବାସୀ କିଭଳି ଅବହେଳିତ ଓ ପ୍ରତାରିତ ତାହାର ନଗ୍ନ ଉଦାହରଣ କେନ୍ଦୁଝର ଜିଲ୍ଲା ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଆଦିବାସୀ ଶୋକ ସନ୍ତପ୍ତ ପରିବାରକୁ ଭେଟିବାକୁ ସମୟ ପାଇଲେ ନାହିଁ ବୋଲି ସମାଲୋଚନା କରିଛନ୍ତି। ପୂର୍ବତନ ପିସିସି ସଭାପତ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟରେ ୬୪ ପ୍ରକାର ଆଦିବାସୀ ବସବାସ କରନ୍ତି ଏବଂ ତନ୍ମଧ୍ୟରୁ ୧୩ ପ୍ରକାର କେବଳ କେନ୍ଦୁଝରରେ ବାସ କରନ୍ତି। କେନ୍ଦୁଝରରୁ କେତେ ଆଦିବାସୀ ଦାଦନ ଖଟିବାକୁ ଯାଇଛନ୍ତି ସରକାରଙ୍କ ପାଖରେ ତଥ୍ୟ ନାହିଁ। ସରକାର କେନ୍ଦୁଝର ଖଣି ଗୁଡିକୁ ଲକ୍ଷ ଲକ୍ଷ କୋଟି ଟଙ୍କାରେ ନିଲାମ କରୁଛନ୍ତି। କିନ୍ତୁ କେନ୍ଦୁଝର ବିକାଶ ହେଉନି ବୋଲି ସେ କଟାକ୍ଷ କରିଛନ୍ତି। ଅନ୍ୟତମ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ନିଜ ବକ୍ତବ୍ୟରେ କହିଛନ୍ତି ଯେ କେନ୍ଦୁଝର ମୋ ନିଜ ଜିଲ୍ଲା ତଥା ରାଜନୈତିକ କ୍ଷେତ୍ର। ତେଣୁ ଏହି ଦାରୁଣ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମୋର ପରମ କର୍ତ୍ତବ୍ୟ। "ବିକାଶ ଧାରା ଓଡିଶା ସାରା' ସରକାରଙ୍କ ସ୍ଲୋଗାନର ବାସ୍ତବ ଚିତ୍ର କେନ୍ଦୁଝର କହୁଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦୁଝରରୁ ୧୦୦ ଜଣ ଦାଦନଙ୍କୁ ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ସହରର ବଡ଼ ଦଲାଲାଙ୍କ ଜରିଆରେ ଚାଲାଣ କରିଥିଲା। ଏମାନଙ୍କ ମଧ୍ୟରେ ମୃତାହତ ଅନ୍ତର୍ଭୁକ୍ତ। ଏପର୍ଯ୍ୟନ୍ତ ତାକୁ ଗିରଫ କରାଯାଇ ନାହିଁ କାହିଁକି ବୋଲି କହି ସେ ପ୍ରଶ୍ନ କରିଛନ୍ତି।

## ମିଳିଲାନି ଶବବାହକ ଗାଡ଼ି

# ବାଇକ୍‌ରେ ସ୍ତ୍ରୀର ଶବ ନେଲେ ସ୍ୱାମୀ



ଝାରସୁଗୁଡ଼ା, ୫।୭ (ସମିସ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଛନ୍ତି; ହେଲେ ଝାରସୁଗୁଡ଼ା ଜିଲ୍ଲାରେ ସାଧାରଣ ଶବବାହକ ଗାଡ଼ିଟିଏ ନ ମିଳିବାରୁ ଜଣେ ବ୍ୟକ୍ତି ବାଇକ୍‌ରେ ତାଙ୍କ ସ୍ତ୍ରୀର ଶବ ଧରି ଘରକୁ ନେଇଛନ୍ତି। ଏହି ଦୃଶ୍ୟ ସ୍ୱାସ୍ଥ୍ୟସେବାର ଚରମ ଅବହେଳାକୁ ପଦାରେ ପକାଇଛି। ଲଇକେରା ବ୍ଲକ୍ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲିର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରକୃତ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା ମୃତ୍ୟୁ ପରେ। ମୃତଦେହ ଗାଁକୁ ନେବା ପାଇଁ ହସ୍ପିଟାଲ ପକ୍ଷରୁ କୌଣସି ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇ ନ ଥିଲା। ଅସହାୟ ନରେଶ ବହୁ ଚେଷ୍ଟା କରି ନିରାଶ ହେବା ପରେ ଶେଷରେ ଜଣେ ପଡ଼ୋଶୀଙ୍କ ବାଇକ୍ ସାହାଯ୍ୟରେ ପତ୍ନୀଙ୍କ ଶବକୁ ଲୁଗାରେ ଗୁଡ଼ାଇ ଗାଁକୁ ଫେରିଥିଲେ।

ସକାଳ THE SAKALA



## କିଶୋରନଗର ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ



**କିଶୋରନଗର,୫।୭(ସମିସ):** ପିଏମ୍‌ଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ୭୭ତମ ବନ ମହୋତ୍ସବ ପାଳିତ ହୋଇଛି। ବାମୁର ବନାଞ୍ଚଳ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ, ବନରକ୍ଷୀ ଲୋପାମୁଦ୍ରା ସାହୁ, ଅନୀତା ବେହେରା, ସଂଯୋଜକ ତାପସ ରଞ୍ଜନ କର, ବାସୁଦେବ ଚାଉଳିଆ ତଥା ଉନ୍ନୟନ ଅଧିକାରୀ ବିନୀତା ତିର୍କୀ ଓ ପ୍ରୀତି ପରମାଣିକ ପ୍ରମୁଖ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ, କର୍ମଚାରୀ ତଥା ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ଭୈରବ କୁମାର ଦେହୁରୀ, ପ୍ରସନ୍ନ ପ୍ରଧାନ, ଜାଗ୍ରତ ସ୍ୱାଇଁ, ଭରତ ସେଠୀ, ସୁଧୀର କୁମାରଦାର, ସୋମାଞ୍ଜଳି ସାହୁ, ପ୍ରମୋଦିନୀ ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ହରିପ୍ରିୟା ମାଝୀ, ସନ୍ତୋଷିନୀ ମାଝୀ, ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ ବୃକ୍ଷର ଆବଶ୍ୟକତା ଓ ଏହାର ସୁରକ୍ଷା ଉପରେ ଆଲୋଚନା କରିଥିଲେ।

## ଟ୍ରକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା

**ଅନୁଗୋଳ,୫।୭(ସମିସ):** ଆଜି ଦିନ ଦଶ ଘଟିକା ସମୟର ଛେଳିଆ ପଡ଼ା ଓଭର ବ୍ରିଜ୍ ତଳେ ଟ୍ରକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଉକ୍ତ ଦୁର୍ଘଟଣା ସମୟରେ ଅନୁଗୋଳ ଟାଇକୋଣ୍ଡୋ ସଙ୍ଘ ଅନୁଗୋଳର ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥ ଦେଖିବା ମାତ୍ରେ ସଙ୍ଗେ ସଙ୍ଗେ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କୁ ଫୋନ୍ କରିବା ଦ୍ୱାରା ଅବଗତ କରିବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଜବତ କରି ସ୍କୁଟି ଚାଳକଙ୍କୁ ଅନୁଗୋଳ ମେଡିକାଲ ପଠାଇବାରେ ସହଯୋଗ କରିଥିଲେ।

## ବିଜେପି ଖେମଲା ମଣ୍ଡଳର ପ୍ରଶିକ୍ଷଣ ଶିବିର



**ପାଲଲହଡ଼ା,୫।୭(ସମିସ):** ବିଜେପି ପକ୍ଷରୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ୨୨ ନମ୍ବର ଜୋନ ଖେମଳା ମଣ୍ଡଳର ବୋଥସ୍ତରୀୟ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଝିମିରିପାଲି ନରୋତ୍ତମ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି।ପବ୍ଲିକ ଏକାଉଣ୍ଟ କମିଟିର ସଦସ୍ୟ ଏବଂ ଅନଗୁଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସଆଇଆର) କାର୍ଯ୍ୟ ସହିତ ପ୍ରତ୍ୟେକ ବୁଥକୁ ଯାଇ ଭୋଟର ତାଲିକାକୁ ସଠିକରୂପେ ତଦାରଖ କରିବା ସହ ସଂଘନ ସଂଶୋଧନକୁ ସୁଚାରୁରୂପେ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ଶୋଭାଙ୍ଗିନୀ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପୂର୍ବତନ ମଣ୍ଡଳ ସଭାପତି ଧର୍ମେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମଣ୍ଡଳର ସମସ୍ତ ଶକ୍ତିକେନ୍ଦ୍ର ପ୍ରମୁଖଙ୍କ ସହ ବୁଥର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଯୁବମୋର୍ଚ୍ଚା ସଭାପତି ଧର୍ମେନ୍ଦ୍ର ମହାନ୍ତଙ୍କ ପୌରୋହିତ୍ୟରେ ଶିବିର ପରିଚାଳିତ ହୋଇଥିବା ବେଳେ ମଣ୍ଡଳ ସାଧାରଣ ସମ୍ପାଦକ ଉମାକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ସ୍ୱାଗତ

**କିଶୋରନଗର,୫।୭(ସମିସ):** ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଡ. ଅଜିତ କୁମାର ଶାସନୀ ନିଯୁକ୍ତ ହୋଇଛନ୍ତି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବାସିନ୍ଦା ଡ. ଶାସନୀଙ୍କୁ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି। ଡ. ଶାସନୀ ହେଉଛନ୍ତି ଜଣେ ସୁନାମଧନ୍ୟ ବୈଜ୍ଞାନିକ। ଏହି ସମ୍ମାନଜନକ ପଦବୀରେ ଅଧିଷ୍ଠିତ ହେବା ପୂର୍ବରୁ ସେ ଲକ୍ଷ୍ନୌସ୍ଥିତ "ସିଏସଆଇଆର-ନ୍ୟାସନାଲ ବଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ବିଜ୍ଞାନ ଓ ସଂସ୍କୃତି କ୍ଷେତ୍ରରେ ଡ. ଶାସନୀଙ୍କ ଅବଦାନ ସମଗ୍ର ଓଡ଼ିଶା ତଥା ଦେଶ ପାଇଁ ପ୍ରେରଣାଦାୟୀ। ବିଶେଷ କରି ସେ ବିକଶିତ କରିଥିବା "ଏନବିଆରଆଇ ନମୋ ୧୦୮' ପ୍ରଜାତିର ପଦ୍ମଫୁଲ, ଯେଉଁଥିରେ ୧୦୮ ଟି ପାଖୁଡ଼ା ରହିଛି। ଏହା ଜାତୀୟ ସ୍ତରରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ବ୍ୟବହାର ହେଉଥିବା ଏବଂ ସମୟକ୍ରମେ ବିଲୁପ୍ତ ହୋଇଯାଉଥିବା ଅନେକ ଦୁର୍ଲଭ ଫୁଲ ପ୍ରଜାତିର ପୁନରୁଦ୍ଧାର କ୍ଷେତ୍ରରେ ତାଙ୍କର ଗବେଷଣା ଅତ୍ୟନ୍ତ ପ୍ରଶଂସନୀୟ। ରେଢ଼ାଖୋଲ ମାଟିରୁ ବାହାରି ଜଣେ ବିଜ୍ଞାନ ସାଧକ ଭାବେ ଦେଶରେ ପରିଚିତ ହେବା ପରେ, ବର୍ତ୍ତମାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନେତୃତ୍ୱ ନେବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଗଭୀର ଆନନ୍ଦ ପ୍ରଦାନ କରିଛି।

# ଚିଠା ଭୋଟର ତାଲିକା ପ୍ରକାଶ

**ଅନୁଗୋଳ,୫।୭(ସମିସ):**




ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ର ଉଦ୍ଦେଶ୍ୟ, ଚିଠା ଭୋଟର ତାଲିକା ପ୍ରକାଶ, ଦାବି ଓ ଆପରି ଆବେଦନର ସମୟସୀମା, ଭୋଟର ତାଲିକାରେ ନାମ ସଂଯୋଗ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତର ସମ୍ବନ୍ଧୀୟ ପ୍ରକ୍ରିୟା, ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ଭୂମିକା ଏବଂ ରାଜନୈତିକ ଦଳମାନଙ୍କ ସହଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ଉପସ୍ଥିତ ପ୍ରତିନିଧିମାନଙ୍କୁ ଚିଠା ଭୋଟର ତାଲିକାକୁ ଯତ୍ନର ସହ ଯାଞ୍ଚ କରି କୌଣସି ତ୍ରୁଟି, ଅଯୋଗ୍ୟ ନାମ କିମ୍ବା ବାଦ ପଡ଼ିଥିବା ଯୋଗ୍ୟ ମତଦାତାଙ୍କ ସମ୍ପର୍କରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରିଥିଲେ। ସମସ୍ତ ଦାବି ଓ ଆପତ୍ତିକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ବିଚାର କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ରାଜନୈତିକ ଦଳମାନଙ୍କୁ ଯୁବ ମତଦାତା, ମହିଳା, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନିଜର ନାମ ଯାଞ୍ଚ କରିବା ସହ ଆବଶ୍ୟକସ୍ଥଳେ ଦାବି ଓ ଆପରି ଦାଖଲ କରିବା ପାଇଁ ସଚେତନ କରିବାକୁ ଆହ୍ୱାନ କରାଯାଇଥିଲା ଓ ପରିଶେଷରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କୁ ଚିଠା ଭୋଟର ତାଲିକାର ମୁଦ୍ରିତ ବହି ପ୍ରଦାନ କରାଯାଇଥିଲା। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି,

### ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ

ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ, ଅନୁଗୋଳ ୬୧-ଅନୁଗୋଳ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ, ଡେପୁଟୀ କଲେକ୍ଟର (ନିର୍ବାଚନ) ଓ ଅନ୍ୟାନ୍ୟ ନିର୍ବାଚନ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏନଟିପିସି ଉଦ୍ୟାନ ବିଭାଗ ଶ୍ରମିକଙ୍କ ପରଲୋକ

**କଣିହାଁ,୫।୭(ସମିସ):** ଏନଟିପିସି, କଣିହାଁର ଟାଉନସିପ ଉଦ୍ୟାନ ବିଭାଗରେ ଠିକା ଶ୍ରମିକ ଭାବେ କାର୍ଯ୍ୟରତ ଏନଟିପିସି ଟାଉନ ଥାନା ଅନ୍ତର୍ଗତ ଗଦାଶିଳା ଗ୍ରାମର ଏକାଦୁଶିଆ ବେହେରା (୫୯)ଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଠିକା ସଂସ୍ଥା ମେସର୍ସ ନୀସର୍ଗ ରୋପବାଟିକା ଅଧୀନରେ ସେ କାର୍ଯ୍ୟ କରୁଥିଲେ। କାର୍ଯ୍ୟ ସାରି ଦସ୍ତଖତ କରିବାକୁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ଯିବା ବେଳେ ତଳେ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ଏନଟିପିସି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି)ର ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, ଏନଟିପିସି ଶ୍ରମିକ ସଂଘର ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ, ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ସମିତି ସଭ୍ୟ ଦିବ୍ୟଜ୍ୟୋତି ସାହୁ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ କୁମାର ପ୍ରଧାନ, ଇଶ୍ୱର ଚନ୍ଦ୍ର ସାହୁ, ଏନଟିପିସି ମାନବ ସମ୍ବଳ ପଦାଧିକାରୀ ନବନୀତ କୁମାର, ସାଇରାଜ ଜି କ୍ଷୀରସାଗର, ଠିକା ସଂସ୍ଥାର ପ୍ରତିନିଧି ଉପସ୍ଥିତ ହୋଇ ସମବେଦନା ଜଣାଇବା ସହ ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ସମସ୍ତଙ୍କ ସହମତି କ୍ରମେ ଏକ ରାଜିନାମା ପ୍ରସ୍ତୁତ କରାଯାଇଥିଲା। ରାଜିନାମା ଅନୁସାରେ ମୃତକଙ୍କ ପରିବାରକୁ ଅନ୍ତେଷ୍ଟିକ୍ରିୟା ପାଇଁ ୧ ଲକ୍ଷ ଟଙ୍କା ନଗଦ ଓ ଅବଶିଷ୍ଟ ୧୪ ଲକ୍ଷ ୪୦ହଜାର ଟଙ୍କା ଲିଗାଲ ହେୟାର ଜମାକଲା ପରେ ମିଳିବ ଏବଂ ମୃତକଙ୍କ ପୁଅକୁ ମେଣ୍ଟେନାନ୍ସରେ ନିଯୁକ୍ତି ଦିଆଯିବ ବୋଲି ଏନଟିପିସି ପଦାଧିକାରୀ ଏଗ୍ରିମେଣ୍ଟରେ ସ୍ୱାକ୍ଷର କରିବା ପରେ ଶବ ହସ୍ତାନ୍ତର କରିଥିଲେ। ବହୁ ଠିକା ଶ୍ରମିକଙ୍କ ସମେତ ଗଦାଶିଳା, କରଡ଼େଇ, କାଟେଣୀ ଗ୍ରାମର ବହୁ ଗ୍ରାମବାସୀ, ଆତ୍ମୀୟ ଉପସ୍ଥିତ ଥିଲେ।

## ହାତୀ-ମଣିଷ ବିବାଦ ସମାଧାନ ନେଇ କୋର୍ କମିଟି ବୈଠକ



**ଅନୁଗୋଳ,୫।୭(ସମିସ):** ଅନୁଗୋଳ ସର୍କିଟ ହାଉସ ସଭାକକ୍ଷରେ ହାତୀ-ମଣିଷ ବିବାଦ ହ୍ରାସ ନେଇ କୋର୍ କମିଟି ବୈଠକ ଆୟୋଜିତ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି, ଆର୍‌ସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁ, ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତାର, ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର, ଗଦାଧର ପାତ୍ର ଏବଂ ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ କପୁଲା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

ହାତୀ-ମଣିଷ ବିବାଦ ହ୍ରାସ ନେଇ ଅନେକ ପଦକ୍ଷେପ ଗୃହୀତ ହୋଇଛି। ହାତୀ ଦ୍ୱାରା ମୃତ୍ୟୁ ପାଇଁ ମିଳୁଥିବା କ୍ଷତିପୂରଣ ରାଶି ନେଇ ସ୍ୱତନ୍ତ୍ର ସଂସ୍ଥାକୁ କ୍ଷମତା ହସ୍ତାନ୍ତର, ହାତୀ ଆବାସସ୍ଥଳୀର ଭିତ୍ତିଭୂମି ନିର୍ମାଣ, ହାତୀ ଦ୍ୱାରା ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟରେ ଅନ୍ତର୍ଭୁକ୍ତ କରିବା, ଜଙ୍ଗଲରେ ହାତୀ ପାଇଁ ପାଣି ବ୍ୟବସ୍ଥା ବଢ଼େଇବା, କ୍ଷତିପୂରଣ ଦେବା ବେଳେ ଅଗ୍ରୀମ ଅର୍ଥ ରାଶି ଦେବା ବ୍ୟବସ୍ଥା, ସୋଲାର ବାଡ଼ ବୃଦ୍ଧି କରିବା, ହାତୀ ଘଉଡ଼ାଇବାରେ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ, ଗାଁରେ ଖୋଲା ସ୍ଥାନରେ ମଳତ୍ୟାଗ ବନ୍ଦ୍ କରିବା, ଜଙ୍ଗଲ ବୃଦ୍ଧି ଓ ହାତୀ ଚଳାପଥର ପୁନରୁଦ୍ଧାର ଉପରେ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ। ଏ ସବୁ ପଦକ୍ଷେପ ନିଆଗଲେ ହାତୀ-ମଣିଷ ବିବାଦ ନିଶ୍ଚିତ ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଇଥିଲା।

## ସରକାରଙ୍କ କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା ସନ୍ଦେହରେ !

**ତାଳଚେର,୫।୭(ସମିସ):** ରାଜ୍ୟରେ ସରକାରଙ୍କ ଶିକ୍ଷାବିଭାଗରେ ସଙ୍କଟ ଦେଖାଦେବା ସହ ବହିରେ ମାଳମାଳ ଭୁଲ ହୋଇଥିବାକୁ ନେଇ ସରକାର ଶିକ୍ଷାପ୍ରତି କେତେ ଗୁରୁତ୍ୱ ଦେଉଛନ୍ତି ତାହା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ତେବେ ଶିକ୍ଷାପ୍ରତି ଗୁରୁତ୍ୱ ଦେଉଥିବା କଥାକୁ ସାଧାରଣରେ ଜଣାଇବା ପାଇଁ ଏବେ କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା କଲେ ଏବଂ ଘୋଷଣାରେ କୁହାଗଲା ଯେ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ଘୋଷଣା ପ୍ରଯୁଜ୍ୟ ହେବ। ହେଲେ କେନ୍ଦ୍ର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ପାଇଁ ଅବଶ୍ୟ ଏହା ଲାଗୁ ହେବ ନାହିଁ। କେଜି ଶ୍ରେଣୀ କଥା ସରକାର ଘୋଷଣା କଲେ କିନ୍ତୁ କେବଳ କେନ୍ଦ୍ରୀୟ ବିଦ୍ୟାଳୟ ଓ ସିବିଏସ୍‌ଇ ସହ ଅନୁବନ୍ଧିତ ବିଦ୍ୟାଳୟଗୁଡ଼ିକରେ କେଜି ଶ୍ରେଣୀ ରହିଛି। ରାଜ୍ୟ ସରକାରଙ୍କ ଅଧୀନ ସ୍କୁଲରେ ଏହି ବ୍ୟବସ୍ଥା ନାହିଁ। ପ୍ରଥମରୁ ହେଉ କିମ୍ବା ଶିଶୁବାଟିକା ଶ୍ରେଣୀରୁ ପୋଷ୍ଟ ଗ୍ରାଜୁଏଟ୍ ପର୍ଯ୍ୟନ୍ତ ବୋଲି ଘୋଷଣା କରିଥିଲେ ଠିକ ହୋଇଥାନ୍ତା। ନଚେତ ସରକାର କେଜି ଓ ନର୍ସରୀ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରିବାକୁ ବିଚରା କରନ୍ତୁ ବୋଲି ପୂର୍ବତନ ସାଂସଦ ମହେଶ ସାହୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଲଗାଣ ବର୍ଷାରେ ଭିଜୁଛି ତାଳଚେର: ଲୋକେ ହୀନସ୍ତା

**ତାଳଚେର,୫।୭(ସମିସ):** ଦୁଇଦିନ ହେବ ଲଗାଣ ବର୍ଷାରେ ଭିଜୁଛି ତାଳଚେର। ଲୋକେ ହେଉଛନ୍ତି ହୀନସ୍ତା। ଖରାଦିନେ କୋଇଲା ଗୁଣ୍ଡ ଓ ଧୂଳିଧୂଆଁରେ ରାସ୍ତାଗୁଡ଼ିକ ଦିନ ବେଳା ଦେଖାଯାଉ ନ ଥିବା ବେଳେ, ବର୍ଷା ହେଲେ ଆଣ୍ଠୁଏ ଆଣ୍ଠୁଏ ପାଣି, କଳାପାଣି ସହ କାଦୁଅ ରାସ୍ତା। ବାଇପାସ୍ ରାସ୍ତାର ଦୁଇପାଖରେ ମୋଟା ବହଳର କୋଇଲା କାଦୁଅ। ଖାଲି ବାଇପାସ୍ କାହିଁକି ବାଙ୍କଧରା ଛକଠାରୁ ଚାଇଁପାଳ ପର୍ଯ୍ୟନ୍ତ ଏବଂ ସହରର ଗଳିକନ୍ଦିଗୁଡ଼ିକ ମଧ୍ୟ ସବୁଠି ସମାନ ଦଶା। ଦୁଇ ଚକିଆଯାନ ଚଳାଇବା କଷ୍ଟକର। ତାଳଚେରରେ ବର୍ଷବର୍ଷ ଧରି ପ୍ରଦୂଷଣ ଓ ରାସ୍ତାଘାଟ ଜନିତ ସମସ୍ୟା ଲାଗି ରହିଥିଲେ ସୁଦ୍ଧା ତାହାର ନିରାକରଣ ହୋଇ ନ ପାରିବା ଉଦବେଗ ବିଷୟ ପାଲଟିଛି।

ରାସ୍ତା ପାଖରେ ରହିଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକେ ଦୀର୍ଘବର୍ଷ ହେବ ରାସ୍ତାରୁ ଉଡୁଥିବା ପ୍ରଚୁର କୋଇଲା ଗୁଣ୍ଡ, ଧୂଳିଧୂଆଁରେ ଅଣନିଃଶ୍ୱାସୀ ହେବା ସହ ଦୈନନ୍ଦିନ ଦୁର୍ଘଟଣାର ଶିକାର ହେଉଥିବା ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରୁଛି। ଲୋକଙ୍କୁ ଧୂଳିଧୂଆଁ ଅଣାୟତ୍ତ କରୁଥିବା ବେଳେ ଲଗାଣ ବର୍ଷା ହେଲେ ରାସ୍ତାର କୃତ୍ରିମ ହ୍ରଦ ପାଲଟୁଛି। ଏପଟେ ଦୈନିକ ଶହଶହ ଟ୍ରକ ଯାତାୟାତ ଯୋଗୁଁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏପରିକି ରାସ୍ତାରପାଖରେ ତାଳବେଡ଼ା ଗ୍ରାମଠାରୁ ଆରମ୍ଭକରି ବସଷ୍ଟାଣ୍ଡ, ଚାଳକିଆକୁଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲର, ଥର୍ମାଲ, ଆନନ୍ଦବଜାର, ଚାଇଁପାଳ ପର୍ଯ୍ୟନ୍ତ ସବୁଠି କାଦୁଅ। ଲଗାଣବର୍ଷା ଯୋଗୁଁ ଲୋକେ ଘରୁ ବାହାରି ପାରନାହାନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ପାଲଲହଡ଼ା ଗସ୍ତ

**ପାଲଲହଡ଼ା,୫।୭(ସମିସ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ଦିନିକିଆ ପାଲଲହଡ଼ା ଗସ୍ତରେ ଆସି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବା ସହ ବିଭିନ୍ନ ପ୍ରକଳ୍ପ ପାଇଁ ଭୂମିପୂଜନ କରିଥିଲେ।



ପ୍ରଥମେ ଉପମୁଖ୍ୟମନ୍ତ୍ରୀ ପାଲଲହଡ଼ାରେ ପହଞ୍ଚିବା ପରେ ତାଙ୍କୁ ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣି, ବିଧାୟକ ଅଶୋକ ମହାନ୍ତି ଏବଂ ଅନ୍ୟ ବିଜେପି ନେତା ଏବଂ କର୍ମୀଙ୍କ ପକ୍ଷରୁ ସ୍ଥାନୀୟ ବଜାର ଛକରେ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ପରେ ସେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଢେଇବୀରାଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କାର୍ଯ୍ୟକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଠାରୁ ସେ ପାଲଲହଡ଼ାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଏବଂ ପ୍ରସିଦ୍ଧ ଶୈବପୀଠ ବାବା ଗିରୀଶ୍ୱର ପୀଠ, ଖୁଲୁଡ଼ିକୁ ଯାଇ ସେଠାରେ ଚାଲିଥିବା ବିକାଶମୂଳକ କାମ ଦେଖିଥିଲେ ଏବଂ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବାବାଙ୍କ ଭବ୍ୟ ମନ୍ଦିର ପାଇଁ ଭୂମିପୂଜନ କରିଥିଲେ। ଏହାପରେ ଶ୍ରୀମତୀ ପରିଡ଼ା ଜିଲ୍ଲାର ଅଗ୍ରଣୀ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଦ୍ୱିତୀୟ ଚିଲିକାକୁ ଯାଇ ଶ୍ରୀରାମପୁର ଠାରେ ଏବଂ ଦ୍ୱିତୀୟ ଚିଲିକାର ପ୍ରବେଶ ଦ୍ୱାରରେ ଏକ ତୋରଣ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ପରେ ଦ୍ୱିତୀୟ ଚିଲକା ବୁଲି ଦେଖିବା ସହ ଆଗାମୀ ୧୫ ଦିନ ମଧ୍ୟରେ ଏକ ଆକ୍ସନପ୍ଲାନ ପ୍ରସ୍ତୁତ କରି ବିଭାଗକୁ ଦେବା ପାଇଁ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କୁ କହିଥିଲେ। ପାଲଲହଡ଼ାରେ ଥିବା ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଟଙ୍କାର ଅଭାବ ରହିବ ନାହିଁ ବୋଲି କହିଥିଲେ। ଶେଷରେ କଣିହାଁ ବ୍ଲକ ରେଙ୍ଗାଳି ଜଳ ଭଣ୍ଡାରରେ ନିର୍ମିତ ପର୍ଯ୍ୟଟନସ୍ଥଳୀ ବୁଲି ସେଠାରେ କିଛି ନୂତନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତନ୍ମୟ କୁମାର ସାହୁ, ଏମପିଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ସରପଞ୍ଚ ହୃଦାନନ୍ଦ ସାହୁ, ନାରୀନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ମନୋଜ ସାହୁଙ୍କ ସହ ବହୁ ବିଜେପି ନେତା ଓ କର୍ମୀ ଯୋଗଦେଇଥିଲେ।

### ● ପ୍ରଥମ ବର୍ଷାରେ ଧୋଇଗଲା ଜାମୁନାଳ ପୂର୍ତ୍ତ ରାସ୍ତା

## ଦୁଇ ମାସ ନ ପୂରୁଣୁ ଦବିଗଲା ପୋଲର ପାର୍ଶ୍ୱ ରାସ୍ତା

**କିଶୋରନଗର,୫।୭(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ରୁ ରଣିଆକଟା ରାସ୍ତାର ଆମ୍ବସରମୁଣ୍ଡା ଜାମୁନାଳ ପୋଲର ପାର୍ଶ୍ୱ ରାସ୍ତା ଝିପି ଝିପି ବର୍ଷାରେ ରାସ୍ତାଟି ଦବି ଯିବା ସହିତ ଧୋଇ ନେଇଛି। ଠିକାସଂସ୍ଥା ତରବରିଆ ଭାବେ କାମ ସାରିଥିବାରୁ ଦୁଇ ମାସରେ ଏଭଳି ଅବସ୍ଥା ହେଲାଣି। ସଠିକ ଭାବେ ମୋରମ ପକାଇ ରୋଲିଂ କରିଥିଲେ ଆଜି ରାସ୍ତାର ଏମିତି ଅବସ୍ଥା ଦେଖିବାକୁ ପଡ଼ି ନ ଥାନ୍ତା। ରାସ୍ତା ପାଶ୍ୱର୍ ଏତେ ଦବି ଯାଇଛି ଯେ ଆଗକୁ ରାସ୍ତା ରହିବ କି ନାହିଁ ତାହା ସନ୍ଦେହ ସୃଷ୍ଟି



କରିଛି। ସ୍ଥାନୀୟ ଲୋକେ କହୁଛନ୍ତି, ପୂର୍ବ ରାସ୍ତା ବର୍ତ୍ତମାନ ଯାଏ ଠିକ୍ ଥିଲା କିନ୍ତୁ ଏବେ ରାସ୍ତା କରିଥିବା ଠିକାସଂସ୍ଥା ଅଞ୍ଚଳବାସୀଙ୍କୁ ଠକି ଚାଲିଯାଇଛି। ରାସ୍ତା କାମ ଅତି ନିମ୍ନ ମାନର ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ ବେଳେ ଯନ୍ତ୍ରୀମାନେ ଠିକ୍ ଭାବେ ତଦାରଖ କରି ନ ଥିବାରୁ ରାସ୍ତାର ଅବସ୍ଥା ଏପରି ହେଲା ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଲଗାଣ ବର୍ଷା: ଜାତୀୟ ରାଜପଥ ଉପରେ ପାଣି

### ● ଗାଡ଼ି ଚଳାଚଳ ବାଧାପ୍ରାପ୍ତ

**ବଁଅରପାଳ,୫।୭(ସମିସ):** ସାରା ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ହେଉଥିବା ବେଳେ ଅନୁଗୋଳ ଜିଲ୍ଲାକୁ ପାଣିପାଗ ବିଭାଗ ଦ୍ୱାରା ରେଡ ଆଲର୍ଟ ଜାରି ହୋଇଛି। ଗତ ୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ ବଁଅରପାଳ ନୂଆହତା ଓଭରବ୍ରିଜ ପାଶ୍ୱର୍ ୫୫ ନମ୍ବର ଜାତୀୟ ରାଜପଥ ଉପରେ ଫୁଟେରୁ ଉର୍ଦ୍ଧ୍ୱ ଉଚ୍ଚର ପାଣି ଜମାହୋଇ ରାସ୍ତା ଦୃଶ୍ୟମାନ ହେଉନାହିଁ। ଫଳରେ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣି ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ୍ ନିର୍ମାଣ ହୋଇ ନ ଥିବା ବେଳେ ଏକ ମାତ୍ର ଡ୍ରେନ ବଜାରଠାରୁ ନୂଆହତା ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ସଠିକ ଭାବେ ଡ୍ରେନ୍ ନିର୍ମାଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ରାସ୍ତା ଉପରେ ପାଣି ଜମା ହୋଇ ରହିଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିପାରୁନାହିଁ। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ପାଣି ନିଷ୍କାସନ ପାଇଁ ଶୀଘ୍ର ଡ୍ରେନ୍ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଲଗାଣ ବର୍ଷାରେ ଜୀବନଯାତ୍ରା ପ୍ରଭାବିତ

**ଅନୁଗୋଳ,୫।୭(ସମିସ):**








ଲଗାଣ ବର୍ଷାରେ ଶନିବାର ରବିବାର ଦୁଇଦିନ ଅନୁଗୋଳରେ ସାଧାରଣ ଜୀବନ ଯାପନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ବର୍ଷା ଯୋଗୁଁ ଲୋକେ ଘରୁ ବାହାରି ପାରୁ ନଥିଲେ ବି ଜରୁରୀ କାମରେ କେହି କେହି ବାଇକ, କାର ଯୋଗେ ବାହାରକୁ ଯିବା ଦୁର୍ବିସହ ହୋଇ ପଡୁଛି। ଆଜିର ଲଗାଣ ବର୍ଷାରେ ରାସ୍ତାରୁ ଜଳ ନିଷ୍କାସନ ହୋଇ ନପାରିବାରୁ ରାସ୍ତାରେ ବନ୍ୟାଜଳ ଭଳି ପ୍ରବାହିତ ହୋଇଥିଲା। ରାସ୍ତା ଘାଟ ଜଳମଗ୍ନ ହେବା ସହ ତଳିଆ ଅଞ୍ଚଳରେ ବର୍ଷା ଜଳ ଜମି ରହିଥିଲା। ଅପରାହ୍ନରେ ଗାଡି ମଟର ଯାତାୟାତରେ ଏତେ ଅସୁବିଧା ହୋଇଥିବା ସହଝାଟିମାଟି କଞ୍ଚା କାଠ ଘର ସବୁ ପ୍ରଭାବିତ ହୋଇଥିଲା। ଅନୁଗୋଳ ସହର ବ୍ରାହ୍ମୟଣୀ ଦେଇ ପଡ଼ା ତଳିଆ ଅଞ୍ଚରେ ଥିବା କିଛି ବାସିନ୍ଦାଙ୍କ ଘର ଭିତରକୁ ବର୍ଷା ଜଳ ପଶି ଯାଇଥିଲା।ସହର ତଳି ଅଞ୍ଚଳରେ କାମରେ ଆସୁନି ଡ୍ରେନ, ରାସ୍ତାରେ ବର୍ଷା ଜଳ ବନ୍ୟା ସୃଷ୍ଟି କରୁଛି। ବର୍ଷ ବର୍ଷ ଧରି ଥମୁନି ଏଭଳି ଲୋକଙ୍କ ଯନ୍ତ୍ରଣା। ରାସ୍ତା ପାଲଟୁଛି ଲୋକଙ୍କ ମରଣଯନ୍ତା। ଏଭଳି ଘଟଣା ଅଞ୍ଚଳ ବାସୀଙ୍କ ପାଇଁ ଦେହ ସୁହା ହେଲାଣି। ଲୋକେ ଅତିଷ୍ଠ ହୋଇ ଅନେକ ସମୟରେ ଦାବି,ପ୍ରତିବାଦ କରି ପ୍ରସାଶନ ଠାରୁ କେବଳ ଆସଶ୍ୱନା ପାଇ ଆଶ୍ୱସ୍ତ ପାଆନ୍ତି। ମାତ୍ର ଲୋକଙ୍କ ସମସ୍ୟା ସୁଧୁରି ପାରୁନି। କେବଳ ରାସ୍ତାର ସୁଧାର ଆଣିବାକୁ ପ୍ରଶାସନ ପକ୍ଷରୁ ଘନ ଘନ ସମୀକ୍ଷା ବୈଠକ ପରେ ବୈଠକ ଆହୁତ ହେଉଛି।

● କେନ୍ଦୁଆ ଗ୍ରାମରେ ଜମିଜମା ବିବାଦ

## ବଡ଼ଭାଇ ଓ ପୁଅଙ୍କ ଆକ୍ରମଣରେ ସାନଭାଇ, ତାଙ୍କ ପତ୍ନୀ ଆହତ



ମହାକାଳପଡା, ୫।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ଜମିଜମାକୁ ନେଇ ଚାଲିଥିବା ପାରିବାରିକ ବିବାଦ ଉଗ୍ରରୂପ ନେଇଛି। ବଡ଼ଭାଇ ଓ ତାଙ୍କ ପୁଅଙ୍କ ଆକ୍ରମଣରେ ସାନଭାଇ ଓ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଥିବାବେଳେ ଅନ୍ୟ ଦୁଇଜଣ ଫେରାର ଥିବା ଜଣାପଡ଼ିଛି। କେନ୍ଦୁଆ ଗ୍ରାମର ବାବୁଲି ପ୍ରଧାନ ଓ ତାଙ୍କ ପୁଅ ବିଶ୍ୱଜିତ ପ୍ରଧାନ ଚାଷଜମିରେ ମଙ୍ଗୁଳି ପ୍ରଧାନ ଓ ତାଙ୍କ ପତ୍ନୀ ସୁକାନ୍ତି ପ୍ରଧାନଙ୍କ ସହ ପ୍ରଥମେ ପାଟିତୁଣ୍ଡ କରିଥିଲେ। ପରେ ଉଭୟ ବାପା-ପୁଅ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଉଭୟଙ୍କୁ ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ମଙ୍ଗୁଳି ଓ ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ଜୀବନ ବଞ୍ଚାଇବା ପାଇଁ ଦୌଡ଼ି ପଳାଉଥିବା ସମୟରେ ବାବୁଲିଙ୍କ ସମ୍ପର୍କୀୟ ସଂଗ୍ରାମ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଧାରୁଆ ଅସ୍ତ୍ର ଦେଖାଇ ଧମକ ଦେବା ସହ ଅଶାଳୀନ ବ୍ୟବହାର କରିଥିଲେ। ଗୁରୁତର ଆହତ ମଙ୍ଗୁଳି ପ୍ରଧାନ ଓ ସୁକାନ୍ତି ପ୍ରଧାନଙ୍କୁ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ଉଭୟଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଏନେଇ ମଙ୍ଗୁଳି ପ୍ରଧାନ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ବିଶ୍ୱଜିତ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ମୁଖ୍ୟ ଅଭିଯୁକ୍ତ ବାବୁଲି ପ୍ରଧାନ ଓ ସଂଗ୍ରାମ ପାତ୍ର ଫେରାର ଥିବା ସୂଚନା ମିଳିଛି। ସେମାନଙ୍କୁ ଗିରଫ କରିବା ପାଇଁ ଚଢ଼ଉ ଜାରି ରଖିଛି।

## ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ



କେନ୍ଦ୍ରାପଡ଼ା, ୫।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଶନିବାର ଗୌରୀଶଙ୍କର ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବେକାରୀ ସମସ୍ୟା, ଯୁବକ ଯୁବତୀଙ୍କ ନିଯୁକ୍ତି, ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଓ ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗକୁ ନେଇ ବିସ୍ତୃତ ଆଲୋଚନା ସହ ଏକାଧିକ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ଜିଲ୍ଲାର ବେକାର ଯୁବକ ଓ ଯୁବତୀଙ୍କ ପାଇଁ କର୍ମସଂସ୍ଥାନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ତିନିମାସ ମଧ୍ୟରେ ନିଯୁକ୍ତି ଦାବିରେ ଜିଲ୍ଲାବ୍ୟାପୀ ବିକ୍ଷୋଭ ଓ ଆନ୍ଦୋଳନ କରାଯିବ ବୋଲି ସ୍ଥିର କରାଯାଇଥିଲା। ସେହିପରି ସରପଞ୍ଚ ଚାମେଲି ଓଝାଙ୍କ ସଂଗ୍ରାମ ପ୍ରତି ପୂର୍ଣ୍ଣ ସମର୍ଥନ ଜଣାଇବା ସହ ତାଙ୍କ ପ୍ରତି ଅନ୍ୟାୟ କରିଥିବା ଅଭିଯୋଗରେ ଜିଲ୍ଲା ପ୍ରଶାସନ ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଥିଲା। ଜିଲ୍ଲାରେ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରି ଏହା ବିରୋଧରେ ପ୍ରତ୍ୟେକ ବ୍ଲକରେ ଯୁବ କଂଗ୍ରେସ ପକ୍ଷରୁ ପର୍ଯ୍ୟାୟକ୍ରମେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ "ଛାତ୍ରଙ୍କ ସ୍ୱର' କାର୍ଯ୍ୟକ୍ରମକୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସଂଗଠନକୁ ସକ୍ରିୟ କରାଯିବ ବୋଲି ମଧ୍ୟ ସ୍ଥିର କରାଯାଇଥିଲା। ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦୀପ ସାମଲ ବୈଠକରେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସକୁ ଅଧିକ ସଂଗଠିତ କରି ଯୁବ ସମାଜର ସ୍ୱାର୍ଥ ସୁରକ୍ଷା ଓ ସରକାରଙ୍କ ଅନ୍ୟାୟ ବିରୋଧରେ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ମହିଳା ନେତ୍ରୀ ପ୍ରମିଳା ସାହୁଙ୍କ ସମେତ ବିଚିତ୍ର ବେହେରା, ଅମିତ ନାୟକ, ସ୍ୱାଗତ ପ୍ରଧାନ, ରତ୍ନାକର ସେଠୀ, ଜୀବନଜ୍ୟୋତି ରାଉତ, ରତିକାନ୍ତ ବେଉରା, ରାକେଶ ଦାଶ, ଏସ୍.କେ. ଆତିବ, ମଳୟ ମହାକୁଡ଼, ରାଜମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ କଲେଜର ୫୬ତମ ପ୍ରତିଷ୍ଠା ଦିବସ




ପଟ୍ଟାମୁଣ୍ଡାଇ, ୫।୭(ସମିସ): ପଟ୍ଟାମୁଣ୍ଡାଇ କଲେଜର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କ୍ୟାପଟେନ ମନୋଜ ପରିଡାଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ଶୁଭଶ୍ରୀ ପୋଥାଳଙ୍କ ସଂଯୋଜନାରେ କଲେଜ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ପାଣିପାଗ ବିଶେଷଜ୍ଞ ଡ. ଶରତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଲଘୁଚାପ ସୃଷ୍ଟି, ପରିବେଶର ସୁରକ୍ଷା ଅନିୟମିତ ବର୍ଷା ସମ୍ପର୍କରେ ନିଜର ଦୀର୍ଘ ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ପରାମର୍ଶଦାତା ଡ. ତୁଷାରକାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ସାମାଜିକ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ଶବ୍ଦ ହିଁ ଶିକ୍ଷା ଓ ଏହି ମହାବିଦ୍ୟାଳୟ ୧୯୭୦ରୁ ପ୍ରତିଷ୍ଠିତ ହୋଇ ଆଜି ଏକ ମହାଦ୍ରୁମରେ ପରିଣତ ହେବା ସହିତ ବହୁ ପ୍ରତିଷ୍ଠିତ ଛାତ୍ରଛାତ୍ରୀଙ୍କୁ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଅଧ୍ୟକ୍ଷ କ୍ୟାପଟେନ ପରିଡା ସ୍ୱାଗତ ଭାଷଣ ଓ ରସାୟନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ନିକଟରେ ବିଦାୟ ନେଇଥିବା କଲେଜର ପୂର୍ବତନ ଅଧ୍ୟକ୍ଷ, କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ସହିତ ଉଭୟ +୨ ଓ +୩ କଳା, ବାଣିଜ୍ୟ ଓ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜସେବୀ ରଞ୍ଜନ ପ୍ରଧାନ +୩ କଳା ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ରଞ୍ଜନ ବେହୁରା ଧନ୍ୟବାଦ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ପ୍ରେମଲତା ରାଉତ, ଉମାକାନ୍ତ ପାତ୍ର, ସର୍ବେଶ୍ୱର ସାହୁ, ପ୍ରାଧ୍ୟାପକ ରଂଜିତ କେଶରୀ ସେନାପତି, ଗଣେଶ୍ୱର ଦାସ, ସନାତନ ବେହେରା, ଆଲୁମିନି ଆସୋସିଏସନ ସଭାପତି ରଶ୍ମିରଂଜନ ପ୍ରଧାନ, ସମ୍ପାଦକ ନିଶିକାନ୍ତ ପ୍ରଧାନ, ସହସମ୍ପାଦକ ରାଜେନ୍ଦ୍ର ଦାଶ, ପୂର୍ବତନ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ପ୍ରକୃତି ମିତ୍ର ଅନ୍ତର୍ଯ୍ୟାମୀ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଡ. ରମେଶ ସାହୁ, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ରାଉଳ, ଅରବିନ୍ଦ ପାଣ୍ଡବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲଗାଣ ବର୍ଷାରେ ବେହାଲ ବାଗପାଟିଆ



ରାଜନଗର, ୫।୭(ସମିସ): ରାଜନଗର ବ୍ଲକ୍ ସାତଭାୟାବାସୀଙ୍କ ଥଇଥାନ ସ୍ଥଳୀ ବାଗପାଟିଆରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଥଇଥାନ ସ୍ଥଳୀର ସଂଯୋଗୀକରଣ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଲଗାଣ ବର୍ଷା ପରେ ପାଣି ନିଷ୍କାସନ ହୋଇ ନ ପାରିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି।

ଆଉ ଦିନ କେତେଟା ପରେ ରଥଯାତ୍ରା

# ମଦନପୁର-ଗୋପାଳପୁର ରାସ୍ତା ଶୋଚନୀୟ

ରାଜନଗର, ୫।୭(ସମିସ)



ଉପକୂଳ ଅଞ୍ଚଳର ଆରାଧ୍ୟ ଦେବତା ରାଜନଗର ବ୍ଲକ କେରଡାଗଡସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯିବା ପାଇଁ ଏକମାତ୍ର ରାସ୍ତା ମଦନପୁର-ଗୋପାଳପୁର ଭାୟା କେରଡାଗଡ ପୂର୍ତ୍ତ ବିଭାଗ ରାସ୍ତା। ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଲୋକ ପ୍ରତ୍ୟେକ ଦିନ ଯାତାୟାତ କରନ୍ତି। ଗୋପାଳପୁରଠାରୁ କେରଡାଗଡ଼ ପର୍ଯ୍ୟନ୍ତ ପ୍ରାୟ ୬ କିଲୋମିଟର ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅପରପକ୍ଷରେ ମଦନପୁରଠାରୁ କେରଡାଗଡ ପର୍ଯ୍ୟନ୍ତ ୯ କିଲୋମିଟର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଆଉ ଦିନ କେତେଟା ପରେ ରଥଯାତ୍ରା। କେବଳ ରାଜନଗର ନୁହେଁ, ପଡୋଶୀ ମହାକାଳପଡା, ପଟ୍ଟାମୁଣ୍ଡାଇ, ଆଳି ଓ ରାଜକନିକା ବ୍ଲକର ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ରଥଯାତ୍ରା ପାଇଁ କେରଡାଗଡ ଆସିଥାନ୍ତି। ଚଳିତବର୍ଷ ରାସ୍ତାର ଦୁରବସ୍ଥା ଯୋଗୁଁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି।

୩୦ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ ଏ ନେଇ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଙ୍କ ରତିକାନ୍ତ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଉକ୍ତ ୧୫ କିମି.୨୨୫ ମିଟର ରାସ୍ତା ପାଇଁ ୨୦୨୫ ସେପ୍ଟେମ୍ବର ୧୦ ତାରିଖରେ ୧୦ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଥିଲା। ଇତିମଧ୍ୟରେ ଟେଣ୍ଡର ଫାଇନାଲ ହୋଇସାରିଛି। ଠିକାସଂସ୍ଥା ରାସ୍ତା ବୁଲି ଦେଖିଯାଇଛନ୍ତି। ଶୀଘ୍ର କାମ ଆରମ୍ଭ ହେବ ବୋଲି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ରାଉତଙ୍କୁ କହିଥିଲେ। ଦୀର୍ଘ ୧୦ ମାସ ହେବ ଟେଣ୍ଡର ସରିଥିଲେ ମଧ୍ୟ ଜୁଲାଇ ମାସ ପ୍ରଥମ ସପ୍ତାହ ମଧ୍ୟରେ ରାସ୍ତା ମରାମତି କିମ୍ବା ଉନ୍ନତିକରଣ କାର୍ଯ୍ୟ ନ ହେବା ବିସ୍ମୟର ବିଷୟ। ବର୍ଷାଦିନେ ଖାଲଖମାରେ ପାଣି ରହି ଗାଡ଼ିଆ ଭ୍ରମ ସୃଷ୍ଟି କରିବ। ଅଣଶା ପଥକୁ ଖାଲରେ ପଡ଼ି ଆହତ ହେବା ସାର ହେବ। ଏହି ରାସ୍ତା ଉପରେ ସାନବଡଗୋପାଳପୁର, ବାଲିସାହିପାଟଣା, କେରଡାଗଡ, ରାଜପୁର, ବେଙ୍ଗାଳକ, ଓସ୍ତିଆ, ବନ୍ଧପଡା ପଞ୍ଚାୟତର ପ୍ରାୟ ୬୦ ହଜାର ଲୋକ ଗମନାଗମନ ପାଇଁ ନିର୍ଭର କରନ୍ତି। କେବଳ ସେତିକି ନୁହେଁ, ଆଳି ବ୍ଲକର ଲୋକ ମଧ୍ୟ ଏହି ରାସ୍ତା ଦେଇ ରାଜନଗରକୁ ଆସିଥାନ୍ତି। ଏଭଳି ଏକ ସମ୍ବେଦନଶୀଳ ରାସ୍ତାକୁ ପୂର୍ତ୍ତ ବିଭାଗ ମରାମତି କିମ୍ବା ପୁନଃନିର୍ମାଣ ନ କରିବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ତୁରନ୍ତ ଏହି ରାସ୍ତା ପୁନଃନିର୍ମାଣ କରିବାକୁ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ରାଉତ ଦାବି କରିଛନ୍ତି।

● ଲଗାଣ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଉବୁଟୁବୁ

## ପାଣି ଘେରରେ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ବ୍ଲକ ଅଫିସ



ପଟ୍ଟାମୁଣ୍ଡାଇ, ୫।୭(ସମିସ): ପଟ୍ଟାମୁଣ୍ଡାଇବାସୀଙ୍କୁ ସହରୀ ସୁବିଧାର ସୁନେଲି ସ୍ୱପ୍ନ ଦେଖାଇ ୧୯୮୮ରେ ପଟ୍ଟାମୁଣ୍ଡାଇକୁ ଏନଏସି ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୩୮ ବର୍ଷ ବିତିଯାଇଥିଲେ ମଧ୍ୟ ପୌରାଞ୍ଚଳବାସୀଙ୍କ ଭାଗ୍ୟ ବଦଳିନାହିଁ। ପୌରାଞ୍ଚଳ ଅଧିବାସୀ ସହରୀ ମାନ୍ୟତା ପାଇବା ପାଇଁ କେବଳ ଟିକସ ଗଣିବା ସାର ହୋଇଛି। ପଞ୍ଚାୟତ ଗ୍ରାମର ମଫସଲି ସଭ୍ୟତାରୁ ସହରୀ ସଭ୍ୟତାର ମୋହରେ ପୌରାଞ୍ଚଳବାସୀ ମହରଗରୁ ଯାଇ କାନ୍ତରାରେ ପଡିବା ଭଳି ହୋଇଛି। ଅତ୍ୟାଧୁନିକ ସହରୀ ସୁବିଧା ସୁଯୋଗ, ଉଜ୍ଜ୍ୱଳ ଆଲୋକ, ପାଇପ ଯୋଗେ ବିଶୁଦ୍ଧ ପାଣି, ଢଳେଇ ରାସ୍ତା ଆଦି ବିଭିନ୍ନ ସୁବିଧା ପାଉଥିବା ପୌରାଞ୍ଚଳରେ ମାତ୍ରାଧିକ ଟିକସ ଦେଇ ଯନ୍ତ୍ରଣା ଭୋଗ କରୁଥିବା ଅଂଚଳବାସୀ ସମସ୍ୟା ପରେ ସମସ୍ୟାକୁ ସାଥୀ କରି କେବଳ ଭାଗ୍ୟକୁ ନିନ୍ଦିବା ଛଡା କିଛି କରିପାରୁନାହାଁନ୍ତି। ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ଜଳନିଷ୍କାସନ ଏକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦୀର୍ଘବର୍ଷ ଧରି ଉଭା ହୋଇଛି। ଇତିମଧ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୫ଟି ନିର୍ବାଚିତ ବୋଡର୍ ନିଜର କାର୍ଯ୍ୟ କାଳ ସଂପୂର୍ଣ୍ଣ କରିଥିବାବେଳେ ଜଳନିଷ୍କାସନ ଯୋଜନା କେବଳ କାଗଜକଲମରେ ଚାଲିଥିବା ଜଣାପଡିଛି। ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ସହର ସ୍ଥିତି ବିଗିଡ଼ିବା ସହିତ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ସାମାନ୍ୟ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ପ୍ରଶାସନର ପାରିବାପଣିଆକୁ ପ୍ରମାଣିତ କରିଛି। ସମ୍ପ୍ରତି ଲଘୁଚାପଜନିତ ଲଗାଣବର୍ଷାରେ ପଟ୍ଟାମୁଣ୍ଡାଇ ସହର, ସବଡିଭିଜନ ହସ୍ପିଟାଲ, ପଶୁ ଡାକ୍ତରଖାନା, ଥାନା, ସରକାରୀ ବାଳିକା ହାଇସ୍କୁଲ, ସବରେଜିଷ୍ଟ୍ରେସନ ଅଫିସ, ସରକାରୀ ବସ୍‌ଷ୍ଟାଣ୍ଡ, ଯଜ୍ଞ ପଡିଆ, ଡେଲି ମାର୍କେଟ, ବ୍ଲକ ଅଫିସ ଓ ବ୍ଲକ କଲୋନୀ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ସରକାରୀ ଅଫିସ ଦପ୍ତରରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପଶି ରୋଗୀ ସେବା ପ୍ରଭାବିତ ହୋଇଥିବାବେଳେ ବିଭିନ୍ନ ସରକାରୀ ଅଫିସରେ ପାଣି ପଶି ସରକାରୀ କାର୍ଯ୍ୟ ବ୍ୟାହତ ହୋଇଛି। ୧୧ନଂ ୱାର୍ଡ ମୁସଲମାନ ବସ୍ତିରେ ପାଣି ପଶିବା ଦ୍ୱାରା ସ୍ଥିତି ସଂଗୀନ ହୋଇଛି। ବସ୍ତିବାସିନ୍ଦାଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ୧୪ନଂ ୱାର୍ଡ ସ୍ଥିତି ବିଗିଡି ଯାଇଛି। ୧୩ନଂ ୧୯ନଂ ଓ ୨୦ନଂ ୱାର୍ଡରେ ସ୍ଥିତି ଖରାପ ହୋଇଛି। ପଟ୍ଟାମୁଣ୍ଡାଇ କଲେଜ ରୋଡ଼ରେ ସ୍ଥିତି ସଂଗୀନ ହୋଇପଡିଛି। ଏ ଦିଗରେ ସରକାର ଓ ପୌର ପ୍ରଶାସନ ଅବିଳମ୍ବେ ସ୍ଥାୟୀ ଜଳ ନିଷ୍କାସନ ଯୋଜନା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଜନଅସନ୍ତୋଷ ଉଗ୍ରରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

## ମହାକାଳପଡ଼ା ବ୍ଲକ୍‌ରେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ମୁଖ୍ୟ କିରାଣି ଦାୟିତ୍ୱ

କେନ୍ଦ୍ରାପଡ଼ା/ ମହାକାଳପଡ଼ା, ୫।୭ (ସମିସ): ମହାକାଳପଡ଼ା ବ୍ଲକ୍‌ରେ ସ୍ଥାୟୀ ମୁଖ୍ୟ କିରାଣି ପଦ ଦୀର୍ଘ ଦୁଇବର୍ଷ ଧରି ଖାଲି ପଡ଼ିଥିବାବେଳେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ବ୍ଲକ୍‌ରେ ବରିଷ୍ଠ କିରାଣି ଥିବା ସତ୍ତ୍ୱେ ସେମାନଙ୍କୁ ଦାୟିତ୍ୱ ନ ଦେଇ ଅନ୍ୟ ପଦବୀର ଅଧିକାରୀଙ୍କୁ ମୁଖ୍ୟ କିରାଣି ଦାୟିତ୍ୱ ଦେବା ପଛରେ କ'ଣ କାରଣ ରହିଛି ବୋଲି ପ୍ରଶ୍ନ ଉଠୁଛି। ୨୦୨୪ ଜୁନ୍‌ରେ ତତ୍କାଳୀନ ମୁଖ୍ୟ କିରାଣି ବଳରାମ ବରାଳ ଅବସର ଗ୍ରହଣ କରିବା ପରେ ବରିଷ୍ଠ କିରାଣି ଅରୁଣ ଦାସଙ୍କୁ ଅତିରିକ୍ତ ଭାବେ ମୁଖ୍ୟ କିରାଣି ଦାୟିତ୍ୱ ଦିଆଯାଇଥିଲା। ପରେ ୨୦୨୪ ଅକ୍ଟୋବରରେ ତାଙ୍କର ବଦଳି ହେବା ପରଠାରୁ କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଦାଶ ମୁଖ୍ୟ କିରାଣି ଦାୟିତ୍ୱ

**ପ୍ରଶାସନିକ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ**

ତୁଲାଇ ଆସୁଛନ୍ତି। ମୁଖ୍ୟ କିରାଣି ପଦରେ ଆକାଉଣ୍ଟସ୍ ସମ୍ପର୍କିତ କାର୍ଯ୍ୟର ଗୁରୁତ୍ୱ ଥିବା ସତ୍ତ୍ୱେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ଏହି ଦାୟିତ୍ୱ ଦେବାର କାରଣ ସ୍ପଷ୍ଟ କରାଯାଇନାହିଁ। ଏଥିସହ ବ୍ଲକ୍‌ରେ ବରିଷ୍ଠ କିରାଣି କାର୍ଯ୍ୟରତ ଥିବା ସତ୍ତ୍ୱେ ସେମାନଙ୍କୁ ଦାୟିତ୍ୱ ନ ଦେବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ହିମାଂଶୁ ଶେଖର ଦାଶ ୨୦୨୧ ମାର୍ଚ୍ଚ ୩୦ରୁ ମହାକାଳପଡ଼ା ବ୍ଲକ୍‌ରେ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ସମୟ ଧରି ଏକା ସ୍ଥାନରେ କାର୍ଯ୍ୟରତ ରହିବା ଓ ଅତିରିକ୍ତ ଭାବେ ମୁଖ୍ୟ କିରାଣି ଦାୟିତ୍ୱ ପାଳନ କରିବାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏହି ପରିସ୍ଥିତିରେ ବ୍ଲକ୍ ପ୍ରଶାସନ କେଉଁ ନିୟମ କିମ୍ବା ପ୍ରଶାସନିକ ଆଦେଶ ଆଧାରରେ ଏହି ଦାୟିତ୍ୱ ପ୍ରଦାନ କରିଛି, ତାହା ସ୍ପଷ୍ଟ କରିବା ସହ ସ୍ଥାୟୀ ମୁଖ୍ୟ କିରାଣି ନିଯୁକ୍ତି ଓ ସମଗ୍ର ଘଟଣାର ତଦନ୍ତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ମଧ୍ୟ ଦାବି କରାଯାଉଛି।

## ବିରୂପା ନଦୀରେ କୁମ୍ଭୀର, ଅଞ୍ଚଳବାସୀ ଆତଙ୍କିତ

ଡେରାବିଶ, ୫।୭(ସମିସ): ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ ଅନ୍ତର୍ଗତ ବିରୂପା ନଦୀର ଛୋଟି ବ୍ରିଜ୍ ନିକଟରେ ନଦୀରେ କୁମ୍ଭୀର ପହଁରୁଥିବା ଦେଖିବାକୁ ମିଳିଛି। ଏହି ଖବର ବ୍ୟାପିବା ପରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଉଛି। ଜଣେ ବ୍ୟକ୍ତି ବିରୂପା ନଦୀର ଛୋଟି ବ୍ରିଜ ନିକଟରେ ଯାଉଥିବାବେଳେ ନଦୀରେ ଏକ ବଡ଼ କୁମ୍ଭୀର ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକଙ୍କୁ ଡାକି ଏହାକୁ ଦେଖାଇଥିଲେ। ନଦୀରେ ପାଖାପାଖି ୮ରୁ ୧୦ ଫୁଟ ଲମ୍ବର କୁମ୍ଭୀର ପହଁରୁଥିବାବେଳେ ଲୋକଙ୍କ ପାଟି ଶୁଣି ସଠାରୁ ଗଭୀର ପାଣିକୁ ପଳାଇଯାଇଥିଲା। ଗତ କିଛିମାସ ତଳେ ନଦୀର ଏହି ସ୍ଥାନରୁ ଯାଜପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ କୁମ୍ଭୀର ନଦୀକୁ ଟାଣି ମାରିଦେଇଥିଲା। ଏହି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ନଦୀରେ ଏତେବଡ଼ କୁମ୍ଭୀରକୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ବନବିଭାଗ ଏହି ଘଟଣାକୁ ଗୁରୁତର ସହ ନେଇ କୁମ୍ଭୀରକୁ ଧରିନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଦୁର୍ଘଟଣା ଘଟାଇ ପଳାଇଯାଉଥିବା ଗାଡ଼ି ଜବତ, ଡ୍ରାଇଭର ଅଟକ

ରାଜକନିକା, ୫।୭(ସମିସ): ଦୁଇ ଦୁଇଟି ଦୁର୍ଘଟଣା ଘଟାଇ ଗୋଟିଏ ଚକ ପଙ୍କଚର ହୋଇ ଟାୟାର ବାହାରିଯିବା ପରେ ୨୩ କିମି ଦୂର ଯାଏ ଦ୍ରୁତ ଗତିରେ ଆସିବା ପରେ ରାଜକନିକା ପୁଲିସ ଗାଡ଼ିକୁ ଜବତ କରି ଡ୍ରାଇଭରକୁ ଅଟକ ରଖିଛି। ଏକ ହୁଣ୍ଡାଇ ସେଣ୍ଟ୍ରୋ କାର ଅତି ଦ୍ରୁତ ଗତିରେ ଭଦ୍ରକ ଜିଲ୍ଲା ମତୋ ବଜାରରେ ସ୍କୁଟିକୁ ପିଟି ପୁଣି ଚାନ୍ଦବାଲିରେ ଆଉ ଜଣକୁ ଧକ୍କା ଦେଇ ରାଜକନିକା ଆଡ଼କୁ ଆସୁଥିବାବେଳେ ଏହି ଗାଡିକୁ ଧରିବାକୁ ଚାନ୍ଦବାଲି ପୁଲିସ ରାଜକନିକା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଆଜି ଅପରାହ୍ନରେ ରାଜକନିକା ପୁଲିସ ୩ଟି ଚକରେ ଅତି ବିପଦଜନକ ଭାବେ ଆସୁଥିବା ଏହି ଗାଡ଼ିକୁ ଓସ୍ତିଆ ପାଖରେ ଅଟକ ରଖି ଡ୍ରାଇଭରକୁ ଅଟକ ରଖିଛି। କଟକ-ଚାନ୍ଦବାଲି ରାସ୍ତାରେ ଏହା ପୂର୍ବରୁ ଏକ ହାଇୱା ଆଳିଠାରେ ୩ ଗୋରୁଙ୍କୁ ଦଳି ଦେଇ ଏମିତି ପଛ ଚକ ଲିକ ହେବା ପରେ ବିନା ଟାୟାରରେ ଦ୍ରୁତ ଗତିରେ ଆସୁଥିବାବେଳେ ଜବତ ହୋଇଥିଲା।

## ପେଣ୍ଠ ବେଳାଭୂମିରେ ମୃତ ଡଲଫିନ



ରାଜନଗର, ୫।୭(ସମିସ): ପଣ୍ଠ ବେଳାଭୂମିରେ ମୃତ ଡ଼ଲଫିନ ଲାଗିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଯୁବକ ବେଳାଭୂମିରେ ବୁଲୁଥିବାବେଳେ ଡଲଫିନ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଓଡ଼ିଶାର ଗହୀରମଥାରେ ସବୁଠୁ ଅଧିକ ଡଲଫିନ ଦେଖିବାକୁ ମିଳେ। ଡଲଫିନଙ୍କ ସହିତ ଡଲଫିନ ଶାବକଙ୍କୁ ଦେଖିବାକୁ ମିଳିଥାଏ। କେଉଁ କାରଣରୁ ଡଲଫିନର ମୃତ୍ୟୁ ଘଟିଛି, ତାହା ଜଣାପଡ଼ିନାହିଁ।

## ବିଦ୍ୟୁତ ସେକ୍ସନ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ



ରାଜକନିକା, ୫।୭(ସମିସ): ଗତକାଲିଠୁ ବିଜୁଳି ନ ଥିବାରୁ ଆଜି ଅପରାହ୍ନ ୪ଟା ବେଳେ ରାଜକନିକା ବିଦ୍ୟୁତ ସେକ୍ସନ ଆଗରେ ଜାଗୁଲାଇପଡା ଗ୍ରାମବାସୀ ବିକ୍ଷୋଭ କରିବା ସହ ତାଲା ପକାଇଥିଲେ। ଦୁଇଘଣ୍ଟା ତାଲା ପଡ଼ିବା ପରେ ପୁଲିସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଦୁଇ ଘଣ୍ଟାରେ ଲାଇନ ପାଇବାର ପ୍ରତିଶ୍ରୁତି ପାଇବାରୁ ତାଲା ଖୋଲିଥିବା ଜଣାପଡ଼ିଛି। ରାଜକନିକାରେ ବାରମ୍ବାର ହେଉଥିବା ଅଘୋଷିତ ବିଜୁଳି କାଟରେ ଅତିଷ୍ଠ ହୋଇଉଠିଲେଣି ଗ୍ରାହକ। ବିଶେଷକରି ଓସ୍ତିଆ ଫିଡ଼ର ଅଧୀନ ଉପଭୋକ୍ତା ବିଜୁଳି ପାଇଁ ବେଶୀ ଦହଗଞ୍ଜ ହେଉଥିବାରୁ ଏଭଳି ଚରମ ପରିସ୍ଥିତି ସୃଷ୍ଟି ହେଉଛି। ଦାୟିତ୍ୱରେ ଥିବା ଜେଇଙ୍କ ଦାୟିତ୍ୱହୀନତା ଓ ଖାମଖିଆଲ ମନୋଭାବରୁ ଏଠାରେ ସବୁଦିନ ବିଦ୍ୟୁତ୍ ବିଭ୍ରାଟ ହେବା, ଜେଇ ଅନେକ ସମୟରେ ମୋବାଇଲ ଫୋନକୁ ନଟ ରିଚେବଲ କରୁଥିବାରୁ ଲୋକେ ସଠିକ ଖବର ପାଉନାହାନ୍ତି। ବିଭିନ୍ନ ସମୟରେ ଲୋକଙ୍କ ଆକ୍ରୋଶର ଶିକାର ଜେଇ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କ ଉପରେ ଆଜିର ତାଲା ବନ୍ଦ ବେଶ ପ୍ରଭାବ ପକାଇଥିବାବେଳେ ଦୁଇଦିନ ଧରି ବିନା ବିଜୁଳିରେ ଜୀବନ ବିତେଇ ଥିବା ଜାଗୁଲାଇପଡା ଗ୍ରାମବାସୀଙ୍କ ଆନ୍ଦୋଳନ ପରେ ରାଜକନିକାର ବିଜୁଳି ସେବା ବ୍ୟବସ୍ଥିତ ହେବା ଆଶା କରାଯାଇଛି।

● ଆର୍‌ଡି ବିଭାଗର ଦାୟିତ୍ୱହୀନତା

## ଶୁକଦେଇପୁର-ଗୋପାଳପୁର ରାସ୍ତାରେ ଗର୍ତ୍ତ



ରାଜକନିକା, ୫।୭(ସମିସ): ଆର୍‌ଡି ବିଭାଗର ଦାୟିତ୍ୱହୀନତା ଓ ମରାମତି ଅଭାବରୁ ବହୁ ରାସ୍ତାରେ ଉପର ଠାଉରିଆ ଢଙ୍ଗରେ ପିଚୁ କରାଯାଇଥିଲେ ହେଁ ଏହାର ମାନ ପ୍ରତି ଆଦୌ ଦୃଷ୍ଟି ଦିଆଯାଇନାହିଁ। ଫଳରେ ବ୍ୟସ୍ତବହୁଳ ଗୋପାଳପୁରରୁ ଶୁକଦେଇପୁର ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ମଝିରେ ଏତେ ବଡ଼ ଗାଡ଼ ହୋଇଥିବାରୁ ସ୍ୱେଚ୍ଛାସେବୀ ମାନେ ଏହି ଗର୍ତ୍ତରେ ଝଟା ପୋତି ଦିଆଯାଇଥିବାରୁ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରୁଛି। ତେବେ ଏଭଳି ବ୍ୟସ୍ତବହୁଳ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ କୌଣସି ଜଗୁଆଳି ନ ରହିବା କିମ୍ବା ଠିକାଦାରଙ୍କ ତରଫରୁ ରାସ୍ତା କାମର ଗ୍ୟାରେଣ୍ଟି ପାଇଁ ସମୟ ସୀମା ଥିଲେ ହେଁ ତାହା ବି ପାଳନ କରାଯାଉନାହିଁ। ବ୍ୟସ୍ତବହୁଳ ଏହି ରାସ୍ତାରେ ହୋଇଥିବା ଗର୍ତ୍ତର ମରାମତି କରାଯିବାକୁ ଦାବି ହେଉଛି।

## ମେଡିକାଲ ଓ ଅଗ୍ନିଶମ ବିଭାଗକୁ ଷ୍ଟ୍ରେଚର ଦାନ



ରାଜକନିକା, ୫।୭(ସମିସ): ରାଜକନିକା ମେଡିକାଲରେ ଷ୍ଟ୍ରେଚର ନ ଥିବାରୁ ରୋଗୀଙ୍କୁ ସେମାନଙ୍କ ସମ୍ପର୍କୀୟ ହାତରେ ହାତ ଛନ୍ଦି ମେଡିକାଲକୁ ନେଉଥିବା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ କଟକ ମେୟର ସୁବାସ ସିଂଙ୍କ ଧର୍ମପତ୍ନୀ ନିବେଦିତା ଦାସ ରାଜକନିକା ମେଡିକାଲ ଓ ଅଗ୍ନିଶମ ବିଭାଗକୁ ଗୋଟିଏ ଲେଖାଏଁ ଷ୍ଟ୍ରେଚର ଦାନ କରିଛନ୍ତି। ମେଡ଼ିକାଲର ଷ୍ଟ୍ରେଚର ଭାଙ୍ଗିଯିବା ପରେ ମେଡିକାଲରେ ରୋଗୀ ସେବା ପ୍ରଭାବିତ ହେଉଥିବା ଖବର ପ୍ରକାଶ ପରେ ନିବେଦିତାଙ୍କ ଦ୍ୱାରା ପ୍ରଦତ୍ତ ଷ୍ଟ୍ରେଚର ମିଳିବା ପରେ ରୋଗୀ ଆଶ୍ୱସ୍ତ ହୋଇଥିବାବେଳେ ଅନ୍ୟଏକ ଷ୍ଟ୍ରେଚର ଅଗ୍ନିଶମ ବିଭାଗକୁ ଦେଇ ସେ ନିଜର ମାଟି ମନସ୍କତାକୁ ପ୍ରମାଣ କରିଛନ୍ତି।

## ନାଗାନାରାୟଣ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ରାଜନଗର, ୫।୭(ସମିସ): ରାଜନଗର ବ୍ଲକ ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗାନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମାର୍ଶାଘାଇ ବ୍ଲକ ଅନ୍ତେଇ ସରକାରୀ ଉଚ୍ଚବିଦ୍ୟାଳୟର ବରିଷ୍ଠ ଗଣିତ ଶିକ୍ଷକ ତ୍ରୈଲୋକ୍ୟ ନାଥ ମହାପାତ୍ର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମହାପାତ୍ରଙ୍କୁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ପରିଚାଳନା କମିଟି ଓ ପଞ୍ଚସଖା ଶିକ୍ଷା ସେତୁ ପକ୍ଷରୁ ସ୍ୱାଗତ କରାଯାଇଛି। ଶୈକ୍ଷିକ ଓ ସହଶୈକ୍ଷିକ ବିକାଶ ସହ ବିଦ୍ୟାଳୟର ଉନ୍ନତିରେ ସମସ୍ତଙ୍କ ସହଯୋଗ ନୂତନ ଅଧ୍ୟକ୍ଷ କାମନା କରିଥିଲେ।

## ଚିଠା ଭୋଟର ତାଲିକା ପ୍ରକାଶ | ଅଗଷ୍ଟ ୪ ସୁଦ୍ଧା ଦାବି ଓ ଆପତ୍ତି ଦାଖଲ ପାଇଁ ଆହ୍ୱାନ


କେନ୍ଦ୍ରାପଡ଼ା, ୫।୭(ସମିସ)




କେନ୍ଦ୍ରାପଡ଼ା ଜିଲ୍ଲାର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଗତ ଚିଠା ଭୋଟର ତାଲିକା ରବିବାର ପ୍ରକାଶ ପାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇ ସମସ୍ତ ଯୋଗ୍ୟ ମତଦାତାଙ୍କୁ ନିଜ ନାମ ଓ ବିବରଣୀ ଯାଞ୍ଚ କରିବା ସହ କୌଣସି ତ୍ରୁଟି ଥିଲେ ଅଗଷ୍ଟ ୪ ସୁଦ୍ଧା ଦାବି ଓ ଆପତ୍ତି ଦାଖଲ କରିବାକୁ ଆହ୍ୱାନ କରିଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗତ ମେ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ପରିଗଣନା ପତ୍ର ବଣ୍ଟନ, ସଂଗ୍ରହ ଓ ତଥ୍ୟ ସନ୍ନିବେଶ କାର୍ଯ୍ୟ ଚାଲିଥିଲା। ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ଆଜିଠାରୁ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ, ମତଦାନ କେନ୍ଦ୍ର, ଭାରତ ନିର୍ବାଚନ ଆୟୋଗର ଅନଲାଇନ୍ ପୋର୍ଟାଲରେ ଉପଲବ୍ଧ ହୋଇଛି। ଜିଲ୍ଲାପାଳ କହିଛନ୍ତି, ସୁଦୃଢ଼ ଗଣତନ୍ତ୍ର ପାଇଁ ସଠିକ୍ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଅପରିହାର୍ଯ୍ୟ। ନୂତନ ନାମ ସାମିଲ, ନାମ ବିଲୋପ, ବିବରଣୀ ସଂଶୋଧନ ଓ ସ୍ଥାନାନ୍ତରଣ ଭଳି କାର୍ଯ୍ୟ ପାଇଁ ବୁଥସ୍ତରୀୟ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ କିମ୍ବା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଆବେଦନପତ୍ର ମାଧ୍ୟମରେ ଆବେଦନ କରାଯାଇପାରିବ। ଏଥିପାଇଁ ସହାୟତା ନମ୍ବର ୧୯୫୦ରେ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ଜିଲ୍ଲାରେ ମତଦାନ କେନ୍ଦ୍ର ସଂଖ୍ୟା ୧୪୪୯ରୁ ବୃଦ୍ଧି ପାଇ ୧୬୪୭ରେ ପହଞ୍ଚିଛି। ପୂର୍ବରୁ ମୋଟ ମତଦାତା ସଂଖ୍ୟା ୧୨,୫୧,୧୩୫ ଥିବାବେଳେ ତଥ୍ୟ ସନ୍ନିବେଶ ପରେ ଏହା ୧୧,୯୦,୮୯୫କୁ ହ୍ରାସ ପାଇଛି। ଅନୁପସ୍ଥିତ, ସ୍ଥାୟୀ ସ୍ଥାନାନ୍ତରଣ, ଏକାଧିକ ସ୍ଥାନରେ ନାମ ଥିବା ଓ ମୃତ୍ୟୁ ଭଳି କାରଣରୁ ୬୦,୨୪୦ ଜଣଙ୍କ ନାମ ସନ୍ନିବେଶ ହୋଇପାରିନାହିଁ।

ସେହିପରି ୧,୫୨,୫୩୪ ଜଣ ମତଦାତାଙ୍କ ବିବରଣୀରେ ସଂଶୋଧନ କରାଯିବ ଓ ବୁଥସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ଏହି କାର୍ଯ୍ୟ ସମ୍ପନ୍ନ କରିବେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୯୫.୧୯ ପ୍ରତିଶତ ଭୋଟର ତାଲିକାର ତଥ୍ୟ ସନ୍ନିବେଶ ସମ୍ପୂର୍ଣ୍ଣ ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଜିଲ୍ଲାପାଳ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ କରି ଚିଠା ଭୋଟର ତାଲିକା ପ୍ରଦାନ କରିବା ସହ ଭୋଟର ତାଲିକାକୁ ତ୍ରୁଟିମୁକ୍ତ କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାରାଣୀ ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ଅମୀୟ କେତନ ସ୍ୱାଇଁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଆସ୍ଥା ତୁଟୁଛି

ଭାରତର ଅର୍ଥ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ଆସ୍ଥା କ୍ରମଶଃ ତୁଟିବାରେ ଲାଗିଛି। ଏହାର ପ୍ରତିଫଳନ ବ୍ୟାଙ୍କ ଜମା-ଉଠାଣ କାରବାରରେ ଦେଖିବାକୁ ମିଳିଛି। ଗତ କିଛିମାସ ଧରି ଋଣ ବଢ଼ିଚାଲିଥିବା ବେଳେ ଜମା ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି। ଜମା-ଋଣ ଅନୁପାତର ଏହି କ୍ରମବର୍ଦ୍ଧିଷ୍ଣୁ ହାର ବ୍ୟାଙ୍କିଙ୍ଗ କ୍ଷେତ୍ର ପାଇଁ ଯେତିକି ଅସ୍ୱସ୍ତିକର ହୋଇଛି, ଦେଶର ସାମଗ୍ରିକ ଅର୍ଥନୀତିରେ ଏହାର ପରୋକ୍ଷ ନକାରାତ୍ମକ ପ୍ରଭାବ ତା'ଠାରୁ ଅଧିକ ଆଶଙ୍କା ସୃଷ୍ଟି କରିଛି।

ବିଶେଷଜ୍ଞଙ୍କ ମତରେ ପରିବାର ଓ ନିବେଶକମାନେ ସଞ୍ଚୟ ଜମାରୁ ମୁହଁ ଫେରାଇ ମିଆଦୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ପ୍ରତିଭୂତି(ସେୟାର ମାର୍କେଟ)ରେ ନିବେଶ କରିବାକୁ ଅଧିକ ଉଚିତ ମଣୁଛନ୍ତି। କିନ୍ତୁ ଜମା-ଋଣ ତାରତମ୍ୟ ବୃଦ୍ଧି ପଛରେ ଥିବା କାରକଗୁଡ଼ିକ ମଧ୍ୟରୁ ମୁଖ୍ୟ ହୋଇଛି ଦରଦାମ ବୃଦ୍ଧି। ଏବେ ସାଧାରଣ ଜୀବନଚର୍ଯ୍ୟା ବା ଦୈନନ୍ଦିନ ଚଳଣି ଏତେ ମହଙ୍ଗା ହେବାରେ ଲାଗିଛି ଯେ ସଞ୍ଚୟ ପାଇଁ ଆଉ କିଛି ବଳୁନାହିଁ। ଅପରପକ୍ଷରେ ନିଯୁକ୍ତି କମୁଛି ଓ ଛଟେଇ ବଢୁଛି, ରୋଜଗାର ସଂକୁଚିତ ହେଉଛି। ତେଣୁ ଲୋକମାନେ ଆପତ୍‌କାଳୀନ ଖର୍ଚ୍ଚ ପାଇଁ ଯାହା କିଛି ଜମା ରଖିଥିଲେ ତାହା ଉଠାଇବାରେ ଲାଗିଛନ୍ତି। ଭାରତୀୟ ନିବେଶକମାନେ ବାହାର ଦେଶରେ ପୁଞ୍ଜି ନିବେଶ କରିବାକୁ ଉଚିତ ମଣୁଥିବା ବେଳେ ବିଦେଶୀ ନିବେଶ ଆୟ ସ୍ରୋତ ସଂକୁଚିତ ହେବାରେ ଲାଗିଛି। ଭାରତର ଆର୍ଥିକ ସ୍ଥିତି ଏଥିରୁ ଅନୁମେୟ।

ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ମଧ୍ୟ ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି। ଏଭଳି ପରିସ୍ଥିତିରେ ରୋଜଗାରରୁ ସଞ୍ଚୟ ବଳିବ କେମିତି?

ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟାନୁଯାୟୀ ୨୦୨୫ ଡିସେମ୍ବର ମାସରେ ଜମା-ଋଣ ଅନୁପାତ ୧.୮ ଥିବା ବେଳେ ମାତ୍ର ଛଅମାସ ଭିତରେ ୫.୪କୁ ବୃଦ୍ଧି ପାଇଛି। ସେହିପରି ଗତ ୧୨ ମାସ ଭିତରେ ବ୍ୟାଙ୍କରୁ ଲୋକମାନେ ନେଉଥିବା ଋଣ ହାର ୭୫% ରୁ ୮୨%କୁ ବୃଦ୍ଧି ପାଇଛି। ସାଧାରଣତଃ ସଞ୍ଚୟ ଜମାରେ ସୁଧ ହାର ହାରାହାରି ୩-୪% ରହୁଥିବା ବେଳେ ମିଆଦୀ ଜମାରେ ୭-୮% ସୁଧ ମିଳୁଛି। ଏହା ଜମାକାରୀଙ୍କ ପାଇଁ ଲାଭଦାୟକ ହୋଇଥିଲେ ହେଁ ବ୍ୟାଙ୍କମାନଙ୍କ ପାଇଁ ମହଙ୍ଗା ହେଉଛି। ଋଣ ବାବଦ ସୁଧ ଆୟରୁ ଜମା ବବଦ ସୁଧ ଦେୟକୁ ବାଦ୍ ଦେଲେ ଯେଉଁ ଉଦ୍‌ବୃତ୍ତ ରହେ ତାହା ବ୍ୟାଙ୍କର ବ୍ୟବସାୟିକ ଲାଭ ବା ଆୟର ସିଂହଭାଗ ଭାବରେ ପରିଗଣିତ ହୁଏ। ଏଥିରୁ ପରିଚାଳନା ଓ ପ୍ରଶାସନିକ ଖର୍ଚ୍ଚ ଭରଣା ହୁଏ। ଏବେ ମିଆଦୀ ଜମା ସୁଧ ବାବଦ ଦେୟ ବଢୁଥିବାରୁ ବ୍ୟାଙ୍କର ଆୟ ମଧ୍ୟ ସଂକୁଚିତ ହୋଇଛି। ଗତ ୧୧ ମାସ ଭିତରେ ଋଣ ହାରରେ ଯେଉଁ ବୃଦ୍ଧି ଘଟିଛି ସେଥିରେ ମଧ୍ୟ ଉପରୋକ୍ତ ୫% ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସିଂହଭାଗ ରହିଛି। ସେମାନଙ୍କଠାରୁ ଋଣ କିସ୍ତି ଆଦାୟ କାଠିକର ପାଠ। ତେଣୁ ବ୍ୟାଙ୍କମାନଙ୍କର ଏନ୍‌ପିଏ(ଅନାଦାୟ ସମ୍ପଦା) ମଧ୍ୟ ବଢ଼ିଚାଲି ବାଲାନ୍ସ ସିଟ୍‌କୁ ପ୍ରଭାବିତ କରୁଛି। ସେହିପରି ସରକାରୀ ପୁଞ୍ଜିନିବେଶର ମୁଖ୍ୟ ସ୍ରୋତ ହେଉଛି ବ୍ୟାଙ୍କ ଓ ବିଭିନ୍ନ ସଞ୍ଚୟ ଜମା। ସୁଲଭ ବା ୩-୪% ସୁଧରେ ମିଳୁଥିବାରୁ ଏହି ପୁଞ୍ଜି ଉପରେ ସରକାର ଅଧିକ ନିର୍ଭରଶୀଳ। ସଞ୍ଚୟ ଜମା ହାର ହ୍ରାସ ପାଉଥିବାରୁ ସରକାରଙ୍କୁ ବାଧ୍ୟ ହୋଇ ଖୋଲା ବଜାରରୁ ଅଧିକ ସୁଧରେ ଋଣ କରିବାକୁ ପଡ଼ିବ। ଏହା ବିତ୍ତୀୟ ନିଅଣ୍ଟକୁ ଆହୁରି ବୃଦ୍ଧି କରିବ।

ଗତ ୧୧ ମାସ ଭିତରେ ଭାରତୀୟ ନିବେଶକମାନେ ବିଦେଶରେ ୨୨୦ କୋଟି ଡଲାର ନିବେଶ କରିଛନ୍ତି। ଗତବର୍ଷ ତୁଳନାରେ ଏହି ହାରରେ ୬୦% ବୃଦ୍ଧି ଘଟିଛି। ଭାରତରୁ ପୁଞ୍ଜିପତି, ବ୍ୟବସାୟୀ ଓ ନିବେଶକମାନେ ବିଦେଶକୁ ପଳାୟନ କରିବା ଭାରତୀୟ ଅର୍ଥନୀତି ପ୍ରତି ଶୁଭସଙ୍କେତ ନୁହେଁ। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇଚାଲିଛି। ଏଣୁ ସେମାନେ ନିବେଶର ଉଚିତ ମୂଲ୍ୟ ପାଉ ନାହାନ୍ତି। ଏହାଛଡ଼ା ଆମ ଅର୍ଥନୀତିର ସିଂହଭାଗ କେବଳ ଦୁଇ/ତିନିଟି ବୃହତ୍ ଘରୋଇ ଶିଳ୍ପସଂସ୍ଥା ନିୟନ୍ତ୍ରଣରେ ରହିଛି। ଯେଉଁକେତେକ ବ୍ୟବସାୟ ବା ସଂସ୍ଥା ଆଖିଦୃଶିଆ ଉନ୍ନତି ବା ଲାଭ କରୁଛନ୍ତି ସେମାନଙ୍କୁ ଉକ୍ତ ବଡ଼ ସଂସ୍ଥା ଅଧିଗ୍ରହଣ କରିନେଉଛନ୍ତି କିମ୍ବା ସରକାରୀ ପ୍ରଭାବରେ ଚାପଗ୍ରସ୍ତ କରି ରଖୁଛନ୍ତି। ତେଣୁ ଭାରତରେ କୌଣସି ଘରୋଇ କିମ୍ବା ବିଦେଶୀ ସଂସ୍ଥା ବ୍ୟବସାୟ କରିବାକୁ ଅମଙ୍ଗ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଭାରତୀୟ ଜମା କ୍ଷେତ୍ରରେ ପ୍ରତିଫଳିତ ହୋଇଛି।

ଆମ ଦେଶର ଆଉ ଏକ ବିଡ଼ମ୍ବନା ହେଲା ଯେଉଁ ଆଳରେ ଦରଦାମ ବଢ଼େ ପରିସ୍ଥିତିରେ ଉନ୍ନତି ଘଟିଲେ ମଧ୍ୟ ସେଥିରେ ସୁଧାର ଆସେ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଆଳରେ ଇନ୍ଧନ ମୂଲ୍ୟ ବଢ଼ିଥିଲା। ଏବେ ଆନ୍ତର୍ଜାତିକ ବଜାରରେ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିଲେ ମଧ୍ୟ ଭାରତୀୟ ଖାଉଟି ସେହି ଅଧିକ ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଜିଏସ୍‌ଟିର ଗୋଟିଏ ସ୍ଲାବ୍‌ରେ ହ୍ରାସ ଘଟିଥିବା ବେଳେ ଆନୁଷଙ୍ଗିକ ଅନ୍ୟ ସ୍ଲାବ୍‌ରେ ବଢ଼ିଛି। ଅର୍ଥାତ୍ ଦରଦାମ ବୃଦ୍ଧିରୁ ଲୋକଙ୍କୁ ନିସ୍ତାର ନାହିଁ। ଏଭଳି ପରିସ୍ଥିତିରେ ଦେଶର ଅର୍ଥବ୍ୟବସ୍ଥା ଉପରୁ ଆସ୍ଥା ତୁଟିବା ଏବଂ ଜମା ହାର କମିବା ସ୍ୱାଭାବିକ। ●

# ଭାଷା, ଅଭାଷା ଓ ଓଡ଼ିଆ ଅସ୍ମିତା

**ପ୍ରକାଶ ଚନ୍ଦ୍ର ମିଶ୍ର**

ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ; ଗୋଟିଏ ଜାତିର ପରିଚୟ, ଇତିହାସ, ସଂସ୍କୃତି, ପରମ୍ପରା, ଚିନ୍ତାଧାରା ଓ ସାମୂହିକ ସ୍ମୃତିର ବାହକ ଏବଂ ସଭ୍ୟତାର ଆଧାର। ଯେଉଁ ଜାତି ନିଜ ଭାଷାକୁ ଭଲପାଏ, ସେ ଜାତି ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରେ। ଯେଉଁ ଜାତି ନିଜ ମାତୃଭାଷାକୁ ଅବହେଳା କରେ, ସେ ଧୀରେ ଧୀରେ ନିଜର ଅସ୍ମିତାକୁ ହରାଇବାକୁ ଲାଗେ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ସମୃଦ୍ଧ ଭାଷା। ଭାରତର ୧୨୧ଟି ପ୍ରମୁଖ ଭାଷା ମଧ୍ୟରୁ ମାତ୍ର ୨୨ଟି ଭାଷା ସମ୍ବିଧାନର ସ୍ୱୀକୃତି ପାଇଛି ଏବଂ ଓଡ଼ିଆ ସେଥିରେ ଗୋଟିଏ। ନିଜସ୍ୱ ଲିପି, ହଜାର ବର୍ଷର ଐତିହ୍ୟ, ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଭାଷାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି। କିନ୍ତୁ ଏତେ ସମୃଦ୍ଧ ଐତିହ୍ୟର ଉତ୍ତରାଧିକାରୀ ହୋଇ ମଧ୍ୟ ଆଜି ଆମେ କେଉଁଠି ଛିଡ଼ା ହୋଇଛୁ? ପ୍ରଶ୍ନଟି ଅସ୍ୱସ୍ତିକର ହୋଇଥିଲେ ମଧ୍ୟ ଏହାର ଉତ୍ତର ଖୋଜିବା ଆବଶ୍ୟକ।

ପୃଥିବୀର ଅନେକ ଦେଶର ଲୋକ ବିଦେଶରେ ରହିଲେ ମଧ୍ୟ ନିଜ ଭାଷାରେ କଥା କହିବାକୁ ଗର୍ବ ବୋଲି ମନେ କରନ୍ତି। ଦୁଃଖର ବିଷୟ, ଆଜି ଅନେକ ଶିକ୍ଷିତ ଓଡ଼ିଆ, ବିଶେଷକରି ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆମାନେ, ସାର୍ବଜନୀନ ସ୍ଥାନରେ ଓଡ଼ିଆରେ କଥା କହିବାକୁ ସଙ୍କୋଚବୋଧ କରନ୍ତି। ଅନେକଙ୍କ ପାଇଁ ଇଂରାଜୀ କିମ୍ବା ହିନ୍ଦୀରେ କଥା କହିବା ସାମାଜିକ ମର୍ଯ୍ୟାଦାର ପ୍ରତୀକ, ଓଡ଼ିଆରେ କଥା କହିବା ଯେପରି ପଛୁଆପଣର ଚିହ୍ନ। ଏହି ମାନସିକତା କେବଳ ଭାଷା ପ୍ରତି ନୁହେଁ, ନିଜ ମୂଳ ପରିଚୟ ପ୍ରତି ମଧ୍ୟ ଏକପ୍ରକାର ଅବହେଳା। ଏହି ମାନସିକତାର ପ୍ରଭାବ ଆମ ସାହିତ୍ୟ ଓ ସଂସ୍କୃତି ଉପରେ ପଡୁଛି। ପୂର୍ବରୁ ଘରେ ଘରେ ଖବରକାଗଜ ଓ ସାହିତ୍ୟ ପତ୍ରିକା ଆସୁଥିଲା; ନୂଆ ପୁସ୍ତକ ପ୍ରକାଶ ପାଇଲେ ପାଠକମାନେ ଅପେକ୍ଷା କରୁଥିଲେ। ଆଜି ସେହି ସଂସ୍କୃତି କ୍ରମେ କ୍ଷୀଣ ହେଉଛି। ଅନେକ ଯୁବପିଢ଼ି ଓଡ଼ିଆରେ ଗୋଟିଏ ସମ୍ପୂର୍ଣ୍ଣ ପୁସ୍ତକ ପଢ଼ିବାକୁ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି। ସାହିତ୍ୟ ପ୍ରତି ଆଗ୍ରହ କମିଲେ ତାହାର ପ୍ରଭାବ ଅନ୍ୟ କ୍ଷେତ୍ରରେ ମଧ୍ୟ ପଡ଼େ। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଦୀର୍ଘ ଦିନ ଧରି ସଂଘର୍ଷ କରୁଛି। ଏହାର ପଛରେ ଅର୍ଥନୈତିକ କାରଣ ଥିଲେ ମଧ୍ୟ ନିଜ ଭାଷା ପ୍ରତି କମୁଥିବା ଆଗ୍ରହ ଆଉ ଏକ ପ୍ରମୁଖ କାରଣ। ଯେତେବେଳେ ଆମେ ନିଜ ଭାଷାର ସାହିତ୍ୟ ପଢ଼ିବା ବନ୍ଦ କରିଦେଉ, ନିଜ ଭାଷାର ସିନେମା ଦେଖିବାକୁ ଅନାଗ୍ରହ ପ୍ରକାଶ କରୁ, ସେତେବେଳେ ସେହି ଭାଷାର ସୃଜନଶୀଳ ଜଗତ ମଧ୍ୟ ଦୁର୍ବଳ ହୋଇପଡ଼େ। ଭାଷା କେବଳ ବଞ୍ଚି ରହିଲେ ହେବ ନାହିଁ; ତାହାକୁ ବ୍ୟବହାର କରିବାକୁ ପଡ଼ିବ, ପଢ଼ିବାକୁ ପଡ଼ିବ, ଲେଖିବାକୁ ପଡ଼ିବ, ଗବେଷଣା କରିବାକୁ ପଡ଼ିବ ଏବଂ ନୂଆ ପିଢ଼ି ମଧ୍ୟରେ ଗର୍ବର ସହିତ ପହଞ୍ଚାଇବାକୁ ପଡ଼ିବ। ନଚେତ୍ ଭାଷା ସମ୍ବିଧାନର ପୃଷ୍ଠାରେ ରହିଯିବ, କିନ୍ତୁ ଲୋକଙ୍କ ହୃଦୟରୁ ଧୀରେ ଧୀରେ ଲୋପ ପାଇବ।

ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ସହରଠାରୁ ଗାଁ ପର୍ଯ୍ୟନ୍ତ ପ୍ରାୟ ସବୁଠି ନୂଆ ନୂଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଢ଼ିଉଠୁଛି। ଆକର୍ଷଣୀୟ ନାମ, ଚକଚକିଆ ବିଜ୍ଞାପନ, ସୁନ୍ଦର ୟୁନିଫର୍ମ ଓ ଆଧୁନିକ ଭବନ ଦେଖି ଅଭିଭାବକମାନେ ବିଶ୍ୱାସ କରୁଛନ୍ତି ଯେ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କ ପିଲା ନିଶ୍ଚିତ ଭାବରେ ସ୍ମାର୍ଟ ହେବ, ଭବିଷ୍ୟତରେ ଭଲ ଚାକିରି ପାଇବ ଏବଂ ଜୀବନରେ ସଫଳ ହେବ। ଇଂରାଜୀ ଶିଖିବା ନିଶ୍ଚିତ ଭାବରେ ସମୟର ଆବଶ୍ୟକତା। ବିଶ୍ୱ ସହିତ ତାଳ ମିଳାଇବା ପାଇଁ ଇଂରାଜୀର ଜ୍ଞାନ ଜରୁରୀ। କିନ୍ତୁ ଇଂରାଜୀ ଶିଖିବା ଓ ଇଂରାଜୀ ମାଧ୍ୟମରେ ପଢ଼ିବା ଏହି ଦୁଇଟି ଏକ କଥା ନୁହେଁ। ଏହି ଦୁଇଟିକୁ ସମାର୍ଥକ ଭାବିବା ହିଁ ଆମର ସବୁଠାରୁ ବଡ଼ ଭୁଲ। ବାସ୍ତବତା ହେଉଛି, ଓଡ଼ିଶାର ଅଧିକାଂଶ କଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରକୃତ ଇଂରାଜୀ ମାଧ୍ୟମରେ ପାଠପଢ଼ା ହୁଏ ନାହିଁ। ଶ୍ରେଣୀଗୃହରେ ଅନେକ ସମୟରେ ପାଠ ପଢ଼ାଯାଏ ଓଡ଼ିଆ ଓ ଇଂରାଜୀ ମିଶ୍ରିତ ଭାଷାରେ, କିମ୍ବା କଥିତ 'ହିଙ୍ଗ୍ଲିଶ'ରେ। ଏହାକୁ ବ୍ୟଙ୍ଗ କରି ଅନେକେ 'ଅଙ୍ଗ୍ଲିଶ' ମଧ୍ୟ କହନ୍ତି। ଫଳରେ ଛାତ୍ରଛାତ୍ରୀମାନେ ନା ଶୁଦ୍ଧ ଇଂରାଜୀ ଶିଖୁଛନ୍ତି, ନା ନିଜ ମାତୃଭାଷାରେ ଦୃଢ଼ ଦଖଲ ସୃଷ୍ଟି କରିପାରୁଛନ୍ତି।

ଇଂରାଜୀ ମାଧ୍ୟମରେ ପାଠଦାନ କରିବା ପାଇଁ କେବଳ ଇଂରାଜୀ କହିପାରିଲେ ହେବ ନାହିଁ; ବିଷୟବସ୍ତୁକୁ ଇଂରାଜୀରେ ସହଜ ଭାବେ ବୁଝାଇବାର କୌଶଳ ଓ ଯଥୋଚିତ ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ। ଦୁର୍ଭାଗ୍ୟର ବିଷୟ, ଅନେକ ବିଦ୍ୟାଳୟରେ ଏହି ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କ ଘୋର ଅଭାବ ରହିଛି। ଅନେକ ବିଦ୍ୟାଳୟରେ ଖେଳପଡ଼ିଆ, ଖେଳ ଶିକ୍ଷକ, ପାଠାଗାର, ପରୀକ୍ଷାଗାର ଆଦି ମୌଳିକ ଭିତ୍ତିଭୂମି ନାହିଁ। ଶିକ୍ଷା କେବଳ ପୁସ୍ତକ ଓ ପରୀକ୍ଷାରେ ସୀମିତ ହୋଇଯାଉଛି। ସାର୍ବଜନୀନ ବିକାଶ ପାଇଁ ଯେଉଁ ପରିବେଶ ଦରକାର, ତାହା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହେଉନାହିଁ। ନିଶ୍ଚୟ ଓଡ଼ିଶାରେ କେତେକ ପୁରାତନ ଓ ସୁପ୍ରତିଷ୍ଠିତ ବିଦ୍ୟାଳୟ ରହିଛି, ଯେଉଁଠାରେ ଉଚ୍ଚମାନର ଶିକ୍ଷା ଦିଆଯାଉଛି। କିନ୍ତୁ ସେହି କିଛି ବିଦ୍ୟାଳୟକୁ ଆଧାର କରି ସମଗ୍ର ବ୍ୟବସ୍ଥାକୁ ବିଚାର କରିହେବ ନାହିଁ।

ଅଭିଭାବକମାନଙ୍କ ମନରେ ଆଉ ଏକ ଭୁଲ ଧାରଣା ଗଢ଼ିଉଠିଛି 'ଯେତେ ଅଧିକ ଫି, ସେତେ ଭଲ ଶିକ୍ଷା।' ପ୍ରକୃତରେ ଶିକ୍ଷାର ଗୁଣବତ୍ତା କେବେ ମଧ୍ୟ କେବଳ ଅର୍ଥ ଉପରେ ନିର୍ଭର କରେ ନାହିଁ। ଭଲ ଶିକ୍ଷା ନିର୍ଭର କରେ ଭଲ ଶିକ୍ଷକ, ସୁସ୍ଥ ଶିକ୍ଷା ପରିବେଶ, ମୂଲ୍ୟବୋଧ, ଶୃଙ୍ଖଳା ଓ ଛାତ୍ରର ଚିନ୍ତନଶକ୍ତିର ବିକାଶ ଉପରେ। ଏହାଠାରୁ ମଧ୍ୟ ବଡ଼ ଚିନ୍ତାର ବିଷୟ ହେଉଛି, ଶୁଦ୍ଧ ଇଂରାଜୀରେ କଥା କହିବା, ଲେଖିବା କିମ୍ବା ଚିନ୍ତା କରିବାର ଦକ୍ଷତା ଗଢ଼ିଉଠିବା ପରିବର୍ତ୍ତେ ଅନେକ ପିଲା ଇଂରାଜୀର କେତେକ ଅଶ୍ଳୀଳ ଶବ୍ଦ ଓ ଗାଳିକୁ ଦୈନନ୍ଦିନ କଥାବାର୍ତ୍ତାର ଅଂଶ କରିଦେଉଛନ୍ତି। ଘରେ, ବାହାରେ, ବନ୍ଧୁମାନଙ୍କ ମଧ୍ୟରେ ଏପରି ଶବ୍ଦ ବ୍ୟବହାର କରିବାକୁ ସେମାନେ ଆଧୁନିକତା ଓ ସ୍ମାର୍ଟନେସର ପ୍ରତୀକ ବୋଲି ଭାବୁଛନ୍ତି। ଏହାର ପରିଣାମ ଆହୁରି ଗମ୍ଭୀର। ଆହୁରି ମଧ୍ୟ ଯେଉଁ ପିଲାମାନେ ଦୁର୍ବଳ ଭିତ୍ତିଭୂମି ଓ ଅପ୍ରଶିକ୍ଷିତ ଶିକ୍ଷକ ଥିବା ବିଦ୍ୟାଳୟରେ ପଢୁଛନ୍ତି, ସେମାନେ ଓଡ଼ିଆ ଏକ ବିଷୟ ଭାବେ ପଢୁଥିଲେ ମଧ୍ୟ ଅନେକଙ୍କ ପାଇଁ ଶୁଦ୍ଧ ଓଡ଼ିଆ ପଢ଼ିବା କିମ୍ବା ଲେଖିବା କଷ୍ଟକର ହୋଇପଡୁଛି। ଏହି ପ୍ରବୃତ୍ତି କେବଳ ଶିକ୍ଷାର ସମସ୍ୟା ନୁହେଁ; ଏହା ଆମର ଭାଷାଗତ ଓ ସାଂସ୍କୃତିକ ଭବିଷ୍ୟତ ସହ ଜଡ଼ିତ ଏକ ଗଭୀର ପ୍ରଶ୍ନ।

ଭାଷା କେବଳ ଶବ୍ଦର ସମଷ୍ଟି ନୁହେଁ; ଏହା ମଣିଷର ଚରିତ୍ର ଓ ସଂସ୍କାରର ଦର୍ପଣ। ଆମର କଥାବାର୍ତ୍ତାରେ ଯେଉଁ ଶବ୍ଦର ବ୍ୟବହାର ହୁଏ, ତାହା ଆମର ଶିକ୍ଷା, ରୁଚି ଓ ମୂଲ୍ୟବୋଧର ପରିଚୟ ଦିଏ। ତେଣୁ ଅଭାଷାକୁ ସ୍ୱାଭାବିକ ବୋଲି ଗ୍ରହଣ କରିବା ନୁହେଁ, ବରଂ ତାହାକୁ ସାମାଜିକ ଭାବରେ ନିରୁତ୍ସାହିତ କରିବା ଆବଶ୍ୟକ। ଆଜି ଆମକୁ ନିଜକୁ କିଛି କଠିନ ପ୍ରଶ୍ନ ପଚାରିବାକୁ ପଡ଼ିବ। ଆମେ ସତରେ ଆମ ପିଲାମାନଙ୍କୁ ଭାଷା ଶିଖାଉଛୁ, ନା କେବଳ ଭାଷାର ନାମରେ ଏକ ମୋହ ବିକ୍ରି କରୁଛୁ? ଆମେ ସେମାନଙ୍କୁ ପୁସ୍ତକ ସହ ଯୋଡୁଛୁ, ନା କେବଳ ପରୀକ୍ଷା ଓ ନମ୍ବରରେ ସୀମିତ କରିଦେଉଛୁ? ଆମେ ସେମାନଙ୍କୁ ନିଜ ମାତୃଭାଷାକୁ ଭଲ ପାଇବା ଶିଖାଉଛୁ, ନା ତା'କୁ ହୀନ ବୋଲି ଭାବିବାକୁ ବାଧ୍ୟ କରୁଛୁ? ଇଂରାଜୀ ଶିଖନ୍ତୁ, ହିନ୍ଦୀ ଶିଖନ୍ତୁ, ଦରକାର ପଡ଼ିଲେ ଆହୁରି ଅନେକ ଭାଷା ଶିଖନ୍ତୁ। ଯେତେ ଅଧିକ ଭାଷା ଜାଣିବେ, ସେତେ ଅଧିକ ଜ୍ଞାନର ଦ୍ୱାର ଖୋଲିବ। କିନ୍ତୁ ସେଥିପାଇଁ ନିଜ ମାତୃଭାଷାକୁ ଭୁଲିଯିବା, ତାହାକୁ ହୀନ ମନେ କରିବା କିମ୍ବା ତାହାର ବ୍ୟବହାରକୁ ଲଜ୍ଜାର ବିଷୟ ବୋଲି ଭାବିବା କେବେ ମଧ୍ୟ ଉଚିତ ନୁହେଁ। ବହୁଭାଷୀ ହେବା ଏକ ଶକ୍ତି, କିନ୍ତୁ ମାତୃଭାଷାବିମୁଖ ହେବା ଏକ ଦୁର୍ବଳତା।

ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଲେ ଚାଲିବ ନାହିଁ। ଘରେ ଓଡ଼ିଆ କହିବାକୁ ପଡ଼ିବ, ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ପଢ଼ିବାକୁ ଉତ୍ସାହିତ କରିବାକୁ ପଡ଼ିବ, ଓଡ଼ିଆ ସିନେମା, ନାଟକ ଓ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ବିଦ୍ୟାଳୟରେ ଭଲ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା କରିବାକୁ ପଡ଼ିବ। ସରକାର, ଶିକ୍ଷକ, ଅଭିଭାବକ, ସାହିତ୍ୟିକ, ଗଣମାଧ୍ୟମ ଓ ସମାଜ ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି। ମନେ ରଖିବା ଦରକାର, ଭାଷାର ମୃତ୍ୟୁ ହଠାତ୍ ହୁଏ ନାହିଁ। ପ୍ରଥମେ ଲୋକମାନଙ୍କ ମନରୁ ଗର୍ବ ହଜିଯାଏ, ତା'ପରେ ବ୍ୟବହାର କମିଯାଏ, ତା'ପରେ ସାହିତ୍ୟ ଦୁର୍ବଳ ହୁଏ, ଆଉ ଶେଷରେ ଭାଷା କେବଳ ଇତିହାସର ପୃଷ୍ଠାରେ ରହିଯାଏ। ଓଡ଼ିଆ ଭାଷା ଆମର ଗର୍ବ, ଆମର ପରିଚୟ ଓ ଆମର ଉତ୍ତରାଧିକାର। ତାହାକୁ ବଞ୍ଚାଇ ରଖିବା କେବଳ ସରକାରର କାମ ନୁହେଁ; ପ୍ରତ୍ୟେକ ଓଡ଼ିଆର ନୈତିକ ଦାୟିତ୍ୱ। ଆମେ ଯଦି ନିଜ ଭାଷାକୁ ସମ୍ମାନ ଦେବା, ତେବେ ଭାଷା ଆମକୁ ପରିଚୟ ଦେବ। ଆଉ ଯଦି ଆମେ ତାହାକୁ ଅବହେଳା କରିବା, ଇତିହାସ ମଧ୍ୟ ଆମକୁ କ୍ଷମା କରିବ ନାହିଁ। ●

ଦାଣ୍ଡମୁକୁନ୍ଦପୁର, ମୋ: ୮୦୭୪୮ ୯୩୭୭୮

# ଉପାଧିର ହାଟ: ସମ୍ମାନର ଦୋକାନ, ବିବେକର ନିଲାମ

**ଶଙ୍ଖସିନ୍ଧୁ ପୁରୋହିତ**




ଏକଦା ଉପାଧି ଥିଲା ସମାଜର କୃତଜ୍ଞତାର ସ୍ୱାକ୍ଷର। ପୁରସ୍କାର ଥିଲା ଜୀବନର ଦୀର୍ଘ ସାଧନାର ନିରବ ସ୍ୱୀକୃତି। ସେତେବେଳେ ଲୋକେ ସମ୍ମାନ ପାଇବାକୁ ଦୌଡୁ ନ ଥିଲେ; ସମ୍ମାନ ନିଜେ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରରେ ପହଞ୍ଚୁଥିଲା। ଆଜି ଦୃଶ୍ୟଟି ଓଲଟିଯାଇଛି। ଉପାଧି ଦ୍ୱାର ଖୋଲି ବସିଛି, ଆଉ ଖରିଦଦାର ହାତରେ ଟଙ୍କା ଧରି ଧାଡ଼ିରେ ଠିଆ ହୋଇଛନ୍ତି।

ଆଜିକାଲି ସମ୍ମାନର ମଧ୍ୟ ବଜାର ଦର ଅଛି। 'ଅନ୍ତର୍ଜାତୀୟ ଗୌରବ', 'ଜାତୀୟ ରତ୍ନ', 'ବିଶ୍ୱ ପ୍ରତିଭା', 'ଗ୍ଲୋବାଲ ଆଇକନ', 'ଏକ୍ସିଲେନ୍ସ ଆୱାର୍ଡ', 'ଡକ୍ଟରେଟ୍ (ସମ୍ମାନସୂଚକ)' ଏମିତି ଶବ୍ଦଗୁଡ଼ିକ ଏବେ ସଫଳତାର ନୁହେଁ, ବିଜ୍ଞାପନର ଅଭିଧାନରେ ଅଧିକ ଦେଖାଯାଉଛି। ସାମାଜିକ ଗଣମାଧ୍ୟମ ଖୋଲିଲେ ଲାଗେ, ଦେଶରେ କାମ କରୁଥିବା ଲୋକ କମ୍, ପୁରସ୍କାର ପାଉଥିବା ଲୋକ ବେଶି। ରମ୍ୟ କଥା ହେଉଛି, ଏବେ ପୁରସ୍କାର ପାଇଁ ପରିଶ୍ରମଠାରୁ ପଞ୍ଜୀକରଣ ଶୁଳ୍କ ଅଧିକ ଜରୁରୀ। ଆୟୋଜକ କହନ୍ତି, 'ଆପଣ ମନୋନୀତ ହୋଇଛନ୍ତି।' ପ୍ରାର୍ଥୀ ଭାବବିହ୍ୱଳ। ପରେ ଏକ ଛୋଟ ଅନୁରୋଧ- 'କେବଳ ପାଞ୍ଚ ହଜାର ଟଙ୍କା ରେଜିଷ୍ଟ୍ରେସନ ଫି, ତିନି ହଜାର ଟଙ୍କା ସ୍ମାରକ ପୁସ୍ତକ, ଦୁଇ ହଜାର ଟଙ୍କା ମଞ୍ଚ ବ୍ୟବସ୍ଥା।' ସମ୍ମାନର ଓଜନ ଯେତେ ବଢ଼େ, ରସିଦର ଲମ୍ବ ମଧ୍ୟ ସେତେ ବଢ଼େ। ଏହି ବ୍ୟବସାୟର ଅର୍ଥନୀତି ବି ବଡ଼ ଚମତ୍କାର। ଯେଉଁ ସଂସ୍ଥାର କାର୍ଯ୍ୟାଳୟର ଠିକଣା ନାହିଁ, ସେମାନଙ୍କ ପାଖରେ 'ବିଶ୍ୱସ୍ତରୀୟ' ପୁରସ୍କାର ଅଛି। ଯେଉଁ ଆୟୋଜନରେ ଦର୍ଶକଠାରୁ ପୁରସ୍କୃତ ବ୍ୟକ୍ତି ଅଧିକ, ସେହି ଅନୁଷ୍ଠାନକୁ କୁହାଯାଉଛି 'ଇତିହାସ ସୃଷ୍ଟି'। ଫଟୋ ଉଠିବା ପରେ ସମ୍ମାନ ସରିଯାଏ; ଫେସବୁକ୍ ପୋଷ୍ଟ ଆରମ୍ଭ ହୋଇଯାଏ।

ଏକଦା ଲୋକେ ନାମ ପଛରେ 'ଏମ୍.ଏ.', 'ପିଏଚ୍.ଡି.' ଲେଖିବା ପୂର୍ବରୁ ବର୍ଷ ବର୍ଷ ଗବେଷଣା କରୁଥିଲେ। ଏବେ କେତେକ ସ୍ଥାନରେ ଟଙ୍କା ଦେଲେ 'ଡକ୍ଟର' ଉପାଧି ମିଳିଯାଉଛି। ଗବେଷଣା ପ୍ରବନ୍ଧ ନୁହେଁ, ବ୍ୟାଙ୍କ ଟ୍ରାଞ୍ଜାକ୍ସନ ହିଁ ଯୋଗ୍ୟତାର ପ୍ରମାଣ ହୋଇଯାଉଛି। ଜ୍ଞାନର ମୂଲ୍ୟ କମିଲେ, ଉପାଧିର ମୂଲ୍ୟ ବଢ଼ିବା ସ୍ୱାଭାବିକ।

ସାମାଜିକ ମନୋବିଜ୍ଞାନ କୁହେ ମଣିଷ ସ୍ୱୀକୃତି ଚାହେଁ। ସେହି ଆକାଂକ୍ଷା ସ୍ୱାଭାବିକ। କିନ୍ତୁ ଯେତେବେଳେ ସ୍ୱୀକୃତିର ଭୋକକୁ ବଜାର ଚିହ୍ନିଯାଏ, ସେତେବେଳେ ସମ୍ମାନ ମଧ୍ୟ ପଣ୍ୟ ହୋଇଯାଏ। ସମ୍ମାନ ବିକ୍ରି କରୁଥିବା ସଂସ୍ଥା ଜାଣେ ମଣିଷର ଅହଂକାର ହିଁ ସବୁଠାରୁ ଲାଭଜନକ ବ୍ୟବସାୟ।

ସମାଜବିଜ୍ଞାନୀମାନେ କହନ୍ତି, ଯେତେବେଳେ ପ୍ରତୀକର ମୂଲ୍ୟ ପରିଶ୍ରମର ମୂଲ୍ୟକୁ ଅତିକ୍ରମ କରେ, ସେତେବେଳେ ସମାଜରେ 'ପ୍ରତୀକାତ୍ମକ ଦୁର୍ନୀତି' ଆରମ୍ଭ ହୁଏ। ଆଜି ସେହି ଅବସ୍ଥା। ଲୋକେ କାମ କମ୍, ସାର୍ଟିଫିକେଟ୍ ଅଧିକ ସଂଗ୍ରହ କରୁଛନ୍ତି। ଜୀବନବୃତ୍ତାନ୍ତରେ ସମ୍ମାନର ସଂଖ୍ୟା ବଢୁଛି, କିନ୍ତୁ ସମାଜ ପାଇଁ ଅବଦାନର ପୃଷ୍ଠା ଖାଲି ରହୁଛି। ଏହାର ସବୁଠାରୁ ବଡ଼ କ୍ଷତି ହେଉଛି ପ୍ରକୃତ ପ୍ରତିଭାର ଅବମୂଲ୍ୟାୟନ। ଜଣେ ନିଷ୍ଠାବାନ ଶିକ୍ଷକ, ଜଣେ ସଚ୍ଚୋଟ ଚାଷୀ, ଜଣେ ନିରବ ବୈଜ୍ଞାନିକ କିମ୍ବା ଜଣେ ନିବେଦିତ ସମାଜସେବୀ ବର୍ଷ ବର୍ଷ ଧରି କାମ କରୁଥା'ନ୍ତି; କିନ୍ତୁ ସେମାନଙ୍କ ପାଖରେ ଫଟୋସୁଟ୍ ନାହିଁ, ପ୍ରଚାର ନାହିଁ। ଅନ୍ୟପଟେ ଜଣେ ବ୍ୟକ୍ତି ଦୁଇ ଦିନରେ ତିନୋଟି 'ଅନ୍ତର୍ଜାତୀୟ' ସମ୍ମାନ ନେଇ ସମାଜ ଆଗରେ 'ବିଶିଷ୍ଟ ବ୍ୟକ୍ତିତ୍ୱ' ହୋଇଯାଆନ୍ତି। ଏହା କେବଳ ଠକେଇ ନୁହେଁ; ସାମାଜିକ ବିଶ୍ୱାସର କ୍ଷୟ। ଯେତେବେଳେ ନକଲି ସମ୍ମାନ ଅସଲ ସମ୍ମାନର ସ୍ଥାନ ନେଉଛି, ସେତେବେଳେ ଯୁବପିଢ଼ି ଭୁଲ ସନ୍ଦେଶ ପାଉଛି - 'ସାଧନା କରନ୍ତୁ ନାହିଁ, ସାର୍ଟିଫିକେଟ୍ କିଣନ୍ତୁ।'

ଅବଶ୍ୟ ସବୁ ସମ୍ମାନକୁ ସନ୍ଦେହଚକ୍ଷୁରେ ଦେଖିବା ଠିକ୍ ନୁହେଁ। ଅନେକ ସଂସ୍ଥା ଅତ୍ୟନ୍ତ ସ୍ୱଚ୍ଛ, ନିରପେକ୍ଷ ଓ କଠୋର ଚୟନ ପ୍ରକ୍ରିୟା ମାଧ୍ୟମରେ ପୁରସ୍କାର ପ୍ରଦାନ କରନ୍ତି। ସେହି ସମ୍ମାନଗୁଡ଼ିକ ସମାଜର ପ୍ରେରଣା। ସମସ୍ୟା ସେଠାରେ, ଯେଉଁଠାରେ ସମ୍ମାନ ମେଧାର ସ୍ୱୀକୃତି ନୁହେଁ, ବରଂ ବ୍ୟବସାୟର ପଣ୍ୟ ହୋଇଯାଏ। ଶେଷରେ ଗୋଟିଏ ପ୍ରଶ୍ନ ରହିଯାଏ - ଯଦି ଉପାଧି କିଣିହେବ, ତେବେ ମର୍ଯ୍ୟାଦା କେଉଁଠି ମିଳିବ? ଯଦି ପୁରସ୍କାର ବିକ୍ରି ହେବ, ତେବେ ପ୍ରେରଣା କିଏ ଦେବ? ସମ୍ମାନର ପ୍ରକୃତ ଠିକଣା କୌଣସି ମଞ୍ଚ ନୁହେଁ, କୌଣସି ଫଳକ ନୁହେଁ, କୌଣସି ସୁନାର ପଦକ ନୁହେଁ। ତାହାର ଠିକଣା ହେଉଛି ଲୋକଙ୍କ ହୃଦୟ। ଟଙ୍କାରେ ଉପାଧି କିଣିହେବ, କିନ୍ତୁ ଇତିହାସରେ ସ୍ଥାନ କେବେ ନୁହେଁ। ଆଉ ଯେଉଁ ସମ୍ମାନର ମୂଲ୍ୟ ରସିଦରେ ଲେଖାଯାଏ, ସେହି ସମ୍ମାନର ମୂଲ୍ୟ ଇତିହାସରେ ଶୂନ୍ୟ ହୋଇଯାଏ। ●

କୋଟସମଲାଏ(ସୁବର୍ଣ୍ଣପୁର), ମୋ: ୭୯୭୮୨୩୮୬୦୬

# ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳା

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



**ଚନ୍ଦନ ସୁବୁଦ୍ଧି**

(ପୂର୍ବପ୍ରକାଶିତ ଉତ୍ତାରୁ...)

**ନରସିଂହ ଦେବ:** ନରସିଂହ ଦେବଙ୍କ ଚତୁର୍ଥ ଅଙ୍କରେ (୧୬୨୨)ଅହମ୍ମଦ ବେଗ ବାଣପୁର ଆକ୍ରମଣ କଲା। ସମୟ ଅଭାବରୁ ବିଗ୍ରହମାନଙ୍କୁ ସ୍ଥାନାନ୍ତର କରି ନ ହେବାରୁ ଦଇତାମାନେ ବ୍ରହ୍ମଙ୍କୁ କାଢ଼ି ଏକ ବସ୍ତ୍ରରେ ଗୁଡ଼େଇ ଗଡ଼ମାଣତ୍ରୀ ନଅରରେ ଲୁଚେଇ ରଖିଲେ। ପରେ ମୋଗଲ ଗୋଳ କମିବାରୁ ଅଦିନରେ ନବକଳେବର କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନୀଳାଦ୍ରି ବିଜେ କରାଯାଇଥିଲା।

**ଦିବ୍ୟସିଂହ ଦେବ:** ଦିବ୍ୟସିଂହ ଦେବଙ୍କ ସପ୍ତମ ଅଙ୍କରେ ଔରଙ୍ଗଜେବର ଦୁଇ ସୁବେଦାର ଏକରମ ଖାଁ ଓ ଅବଦୁଲ ଖାଁ ମୋଗଲ ସେନା ଧରି ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ବାରମ୍ବାର ଆକ୍ରମଣ ଦ୍ୱାରା ପାଇକମାନଙ୍କ ମନୋବଳ ଭାଙ୍ଗି ଯାଇଥିଲା ଏବଂ ରାଜ୍ୟର ଆର୍ଥିକ ଦୁର୍ବଳତା ବଢ଼ିବାରେ ଲାଗିଲା। ତେଣୁ ଗଜପତି ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। କିନ୍ତୁ ଆକ୍ରମଣ ପୂର୍ବରୁ କିଛି ସେବକମାନଙ୍କ ଦ୍ୱାରା ବଡ଼ଠାକୁର, ଦେବୀ ସୁଭଦ୍ରା ଏବଂ ଦକ୍ଷିଣୀଘରର ଠାକୁରଙ୍କୁ କୋକଳଗଡ଼କୁ ପଠାଇଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ବିମଳାଙ୍କ ପଛ ପାଖେ ଲୁଚାଇ ରଖିଥିଲେ। ଔରଙ୍ଗଜେବ ସହ ଚୁକ୍ତି ଅନୁସାରେ ଦିଅଁମାନଙ୍କୁ ତାଙ୍କୁ ସମର୍ପି ଦେବାକୁ ଦିବ୍ୟସିଂହ ଦେବ ରାଜି ହୋଇଯାଇଥିଲେ। କିନ୍ତୁ ପ୍ରକୃତରେ ଠାକୁରମାନଙ୍କୁ କୋକଳଗଡ଼ ପଠାଇ କାଠର ପ୍ରତିମା ଯେଉଁଥିରେ ହୀରା ଆଖି ଲାଗିଥିଲା, ତାକୁ ସିଂହାସନରେ ରଖିଥିଲେ। ଏକରମ ଖାଁ ସିଂହାସନ ଉପରକୁ ଉଠି ଉକ୍ତ ପ୍ରତିମାମାନଙ୍କୁ ବାନ୍ଧି ଔରଙ୍ଗଜେବ୍‌କୁ ଉପହାର ଦେଇଥିଲା(ଖୁରୁଧାଇତିହାସ: ଶ୍ରୀ କେଦାରନାଥ ମହାପାତ୍ର)। ଏହାପରେ ଗୋପନରେ ମହାପ୍ରଭୁଙ୍କୁ ମଧ୍ୟ କୋକଳଗଡ଼କୁ ପଠାଯାଇଥିଲା। ସେଠାରେ କିଛିମାସ ରହି ଠାକୁରମାନେ ଚନ୍ଦନ ଯାତ୍ରା ସେହିଠାରେ ବଢ଼ାଇଥିଲେ। କୋକଳଗଡ଼ରେ ଶ୍ରୀଜୀଉମାନଙ୍କୁ ସୁରକ୍ଷିତ ନ ମଣିବାରୁ ସାନ ବିଷ୍ଣୁ ପରିଛା ମହାପ୍ରଭୁମାନଙ୍କୁ ବାଣପୁରର ବଙ୍କାଡ଼କୁ ସ୍ଥାନାନ୍ତର କରିଥିଲେ। ନୀଳାଦ୍ରୀଶଙ୍କୁ ସାହାରା ଦେଇଥିବାରୁ ଏହି ସ୍ଥାନର ନାଁ ନୀଳାଦ୍ରିପ୍ରସାଦ ହୋଇଛି। ଦିବ୍ୟସିଂହ ଦେବଙ୍କ ଚତୁର୍ଦ୍ଦଶ ଅଙ୍କରେ ଠାକୁରମାନେ ପୁଣି ଥରେ ରତ୍ନସିଂହାସନକୁ ଫେରିଥିଲେ। ସାତ ବର୍ଷ ପରେ ମହାପ୍ରଭୁ ନୀଳାଦ୍ରି ବିଜେ କଲେ।

**ରାମଚନ୍ଦ୍ର ଦେବ:** ଗୋପୀନାଥ ଦେବଙ୍କ ପରେ ତାଙ୍କ ସାନ ଭାଇ କେଶବ ରାୟ ରାଜା ହେଲେ, ଯିଏ ପରବର୍ତ୍ତୀ ସମୟରେ ଗଜପତି ରାମଚନ୍ଦ୍ର ଦେବଙ୍କ ନାମରେ ପରିଚିତ ହେଲେ। ରାମଚନ୍ଦ୍ର ଦେବଙ୍କ ଅଷ୍ଟମ ଅଙ୍କରେ ମହମ୍ମଦ ତକି ଖାଁ ଖୋର୍ଦ୍ଧା ଆକ୍ରମଣ କଲା। ରାମଚନ୍ଦ୍ର ଦେବଙ୍କ କୂଟନୀତି ଓ ରଣନୀତି ଫଳରେ ସେ ଶ୍ରୀଜୀଉମାନଙ୍କ କିଛି କ୍ଷତି ନକରି ଫେରିଗଲା। ଗୃହ ଯୁଦ୍ଧ ଆଉ ପୁନଃ ଆକ୍ରମଣର ସୂଚନା ପାଇ ରାମଚନ୍ଦ୍ର ଦେବ ମହାପ୍ରଭୁଙ୍କୁ ସୁରକ୍ଷିତ ରଖିବା ପାଇଁ ବାଣପୁର ନଈ ନିକଟ ହରିଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଲୁଚେଇ ରଖିଲେ। ପୁନଶ୍ଚ ରାମଚନ୍ଦ୍ର ଦେବଙ୍କ ଦଶମ ଅଙ୍କରେ ତକି ଖାଁ ବୋଲଗଡ଼ ପର୍ଯ୍ୟନ୍ତ ଆକ୍ରମଣ କଲା। ନଈକୁ ସୁରକ୍ଷିତ ନମଣି ରାମଚନ୍ଦ୍ର ଦେବ ଶ୍ରୀଜୀଉମାନଙ୍କୁ ଚଉଦୋଳରେ ଖଲିକୋଟ ସୀମାନ୍ତ ଟିକିରିକୁ ନେଇଯାଇଥିଲେ।

ଓଡ଼ିଶାର ସ୍ୱାଧୀନତା ପାଇଁ ଗଜପତିମାନେ ଯେମିତି ଯାଯାବରତ୍ୱ ସ୍ୱୀକାର କରିଥିଲେ ତତସମ ଓଡ଼ିଶାର ଏକଛାତ୍ରବାଦୀ ସମ୍ରାଟ ଜଗନ୍ନାଥ ମଧ୍ୟ ଯାଯାବରତ୍ୱକୁ ସ୍ୱୀକାର କରିଥିଲେ। ଜଗନ୍ନାଥ ଏ ଓଡ଼ିଆ ଜାତିର ଅମ୍ଳାନ ଜ୍ୟୋତି। ଆଉ ସେଇ ଜ୍ୟୋତିକୁ ନିଷ୍ପ୍ରଭ କରିବା ପାଇଁ କାଳେ କାଳେ ଯେପରି ଶ୍ରୀକ୍ଷେତ୍ର ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି, ଜଗନ୍ନାଥ ସେହିପରି କାଳେ କାଳେ ନୀଳଶୈଳର କୋଟି ଐଶ୍ୱର୍ଯ୍ୟକୁ ତୁଚ୍ଛ କରିଦେଇ ଅପରାଜେୟ ଓଡ଼ିଆର ଅଭିମାନ ରକ୍ଷା ପାଇଁ ବହୁ ଦୁର୍ଗମ ଗିରିକାନ୍ତରେ ଆତ୍ମରକ୍ଷା କରିଛନ୍ତି। କିନ୍ତୁ କେବେ ବି ସେ ଅମ୍ଳାନ ଜ୍ୟୋତି ମଳିନ ପଡ଼ି ନାହିଁ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆମେରିକାରେ ଅଚ୍ୟୁତ ସାମନ୍ତ ସମ୍ମାନିତ



ଭୁବନେଶ୍ୱର,୫।୭(ସମିସ):ଆମେରିକାନ ଆସୋସିଏସନ୍ ଅଫ୍ ଫିଜିସିଆନ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଆପି) ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ 'ଆପି ଆୱାର୍ଡ ଫର ଟ୍ରାନ୍ସଫରମେସନାଲ୍ ସୋସିଆଲ୍ ୱାର୍କ ଆଣ୍ଡ ଇଣ୍ଡୋ-ୟୁଏସ୍ ପାର୍ଟନରସିପ୍' ସମ୍ମାନ ପ୍ରଦାନ କରାଯାଇଛି। ଫ୍ଲୋରିଡାର ଟାମ୍ପାରେ ଜୁଲାଇ ୨ରୁ ୫ ତାରିଖ ୪ଦିନ ବ୍ୟାପୀ ଅନୁଷ୍ଠିତ ଆପିର ବାର୍ଷିକ ସମ୍ମିଳନୀ ଆପିକନ୍ ୨୦୨୬ ତଥା ଆପିର ୪୪ତମ କଂଗ୍ରେସ୍ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅସାଧାରଣ ଓ କ୍ରାନ୍ତିକାରୀ ସମାଜସେବା, ଦୂରଦୃଷ୍ଟିସଂପନ୍ନ ମାନବବାଦୀ ପ୍ରୟାସ ଏବଂ 'ଗ୍ଲୋବାଲ୍ ହେଲ୍‌ଥ ସମିଟ୍ ୨୦୨୬' ସମୟରେ ଆପିକୁ ସମର୍ଥନ, ବ୍ୟକ୍ତିଗତ ଭାବେ ଭାରତ-ଆମେରିକା ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସମାଜ ପ୍ରତି ଅଚ୍ୟୁତ ସାମନ୍ତଙ୍କ ସମର୍ପିତ ଜୀବନ, ସାମାଜିକ କାର୍ଯ୍ୟ ଓ ଅନ୍ୟାନ୍ୟ ପ୍ରୟାସ ପାଇଁ ସଂଘ ପକ୍ଷରୁ ପ୍ରଶଂସା କରାଯାଇଛି। ଆପି ସଭାପତି ଡ. ଅମିତ ଚକ୍ରବର୍ତ୍ତୀ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଆପି ହେଉଛି ୧ଲକ୍ଷ ୨୦ ହଜାର ପ୍ରବାସୀ ଭାରତୀୟ ଡାକ୍ତରଙ୍କୁ ନେଇ ଗଠିତ ଆମେରିକାର ବହୁ ପୁରାତନ ସଂଘ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନୁରୋଧକୁ ସମର୍ଥନ ଜଣାଇ ପ୍ରତିମାସ ୭ରୁ ୧୫ ଦିନ ପର୍ଯ୍ୟନ୍ତ ଭାରତରେ ସ୍ୱାସ୍ଥ୍ୟସେବା ପରାମର୍ଶ ଦେବାକୁ ଆପିର ସଦସ୍ୟମାନେ ସ୍ୱୀକୃତି ଦେଇଛନ୍ତି ।

# ଭିଡିଓ ସୁଟିଂ ବାହାନାରେ ଡକାୟତି

ଧର୍ମଗଡ଼,୫।୭(ସମିସ): ଜନ୍ମଦିନ ପାଳନ ପାଇଁ ଭିଡିଓ ସୁଟିଂ ବାହାନାରେ ଯୋଜନାବଦ୍ଧ ଭାବେ ଡକାୟତି ଓ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗତ ୨ ତାରିଖ ଦିନ କେଗାଁ ଥାନା ଅଧୀନ ମକରାଗୁଡ଼ା ଗ୍ରାମର ଆଦିତ୍ୟ ବାଗ (୨୧) କଲମପୁର ଥାନା ଅଧୀନ ପଣ୍ଡି ଗାଁ ର ଘନଶ୍ୟାମ ଦୁର୍ଗାଙ୍କୁ ଗୋଲାମୁଣ୍ଡା ବ୍ଲକ ବାଗମୁଣ୍ଡା ଗ୍ରାମରେ ଏକ ଜନ୍ମ ଦିନ ପାଳନ ଅବସରରେ ଭିଡିଓ ସୁଟିଂ ପାଇଁ ଫୋନ୍ କରି ଅଗ୍ରୀମ ଆକାରରେ ୫୦୦୦ ଟଙ୍କା ଫୋନ୍ ପେ' ମାଧ୍ୟମରେ ପଠାଇଥିଲେ। ପରେ ଜୁନାଗଡ଼ ଥାନା ଅଧୀନ ପିଲିକିଆ ଗ୍ରାମର ରାକେଶ ନାଏକ ଓ ଘନଶ୍ୟାମ ଦୁର୍ଗା ଭିଡିଓ ସୁଟିଂ ପାଇଁ ଦୁଇଟି କ୍ୟାମେରା ସହ ଯାବତୀୟ ସାମଗ୍ରୀ ଧରି ବାଗମୁଣ୍ଡା ବାହାରିଥିଲେ। ଦୁଇ ଜଣକୁ ରାସ୍ତା ଦେଖାଇବା ପାଇଁ ଆଦିତ୍ୟ ବାଗ ଗୋଲାମୁଣ୍ଡା ଠାରେ ଅପେକ୍ଷା କରିଥିଲେ। ପରେ ଗୋଟିଏ ସ୍କୁଟିରେ ତିନି ଜଣ ବାଗମୁଣ୍ଡା ଅଭିମୁଖେ ବାହାରିଥିଲେ। ଠିକ୍ ରାତି ୯ ଘଣ୍ଟା ସମୟରେ ଆଦିତ୍ୟ ବାଗ ଏକ ନିଛାଟିଆ ସ୍ଥାନ ବାବେରମୁଣ୍ଡା ଡ୍ୟାମ୍ ସରପ୍ଲସ ପୋଲ ନିକଟରେ ପରିସ୍ରା ଯିବା ବାହାନାରେ ଅଟକି ଥିଲେ। ଏହି ସମୟରେ ହଠାତ୍ ୪ ଜଣ ବ୍ୟକ୍ତି ମୁହଁରେ ଗାମୁଛା ଘୋଡାଇ ମାରଣାସ୍ତ୍ର ଧରି ଉକ୍ତ ସ୍ଥାନରେ ପହଞ୍ଚି ଦୁଇ ଜଣଙ୍କ ଆଖିରେ ମରିଚ ଗୁଣ୍ଡ ଫିଙ୍ଗି ଆକ୍ରମଣ କରି ଘନଶ୍ୟାମ ବାଗକୁ ପୋଲତଳକୁ ଫିଙ୍ଗି ଦେଇଥିଲେ। କୌଶଳ କ୍ରମେ ରାକେଶ ନାଏକ ଡକାୟତି ଗ୍ୟାଙ୍ଗଙ୍କ ଠାରୁ ଖସି ପଳାଇଥିଲେ। ସେମାନଙ୍କ ଠାରୁ ଦୁଇଟି ଭିଡିଓ କ୍ୟାମେରା ସହ ସମସ୍ତ ସାମଗ୍ରୀ ଛଡ଼ାଇ ନେଇ ପଳାଇଥିଲେ। ଡକାୟତି ଗ୍ୟାଙ୍ଗ ସହ ଆଦିତ୍ୟ ବାଗ ମଧ୍ୟ ଚମ୍ପଟ ମାରି ମୋବାଇଲ ଫୋନ୍ ବନ୍ଦ କରି ଦେଇଥିଲା। ଅନ୍ୟପଟେ ରାକେଶ ନାଏକ ନିକଟସ୍ଥ ବାବେରମୁଣ୍ଡା ଗ୍ରାମ ଯାଇ ଗ୍ରାମର ୭/୮ ଜଣ ବ୍ୟକ୍ତିଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚି ପୋଲତଳୁ ଘନଶ୍ୟାମଙ୍କୁ ଉଦ୍ଧାର କରି ଚପରିଆ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ ମେଡିକାଲ ନିଆଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନିପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡାହାଣ ହାତ ଭାଙ୍ଗି ଯାଇଛି। ଏନେଇ ରାକେଶ ନାଏକ କେଗାଁ ଥାନାରେ ଅଭିଯୋଗ କରି ଘଟଣାର ମାଷ୍ଟରମାଇଣ୍ଡ ଆଦିତ୍ୟ ବାଗ ସହ ସମସ୍ତ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାକୁ ଦାବି କରିଛନ୍ତି।





## ପାଲବଣି ଦୁର୍ଘଟଣା
# ଦୁଇ ଗାଡ଼ିର ପଞ୍ଜୀକରଣ ରଦ୍ଦ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ବାରିପଦା, ୫।୭(ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦାର ପାଲବଣିଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଉଭୟ ଡମ୍ଫର ଓ ଟାଟା ଏସି ଭ୍ୟାନର ବୈଧ ଫିଟନେସ୍ ପ୍ରମାଣପତ୍ର ନ ଥିବା ଜଣାପଡ଼ିଛି। ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ଉକ୍ତ ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ବିନା ଫିଟନେସ୍, ବୀମା ଓ ପରମିଟ୍‌ରେ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟର ସମସ୍ତ ଆରଟିଓ ଓ ଏଆରଟିଓଙ୍କୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ସେ ଆଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ମୃତକଙ୍କ ପରିବାର ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସୂଚନା ମୁତାମକ, ପାଲବଣି ଓବରବ୍ରିଜ ପରେ ୧୮ନଂ ଜାତୀୟ ରାଜପଥରେ ଏକ କାଠ ବୋଝେଇ ଟାଟା ଏସି ଭ୍ୟାନ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ତିନି ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟ ଖବର ସଂଗ୍ରହ କରୁଥିବା ସମୟରେ ଓଭରବ୍ରିଜ ଉପରପଟୁ ଏକ ଡଷ୍ଟ ବୋଝେଇ ଡମ୍ଫର ଆସି ଭ୍ୟାନକୁ ଧକ୍କା ଦେଇ ଓଲଟି ପଡିବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସହିତ ୭ ଜଣ ଗୁରୁତର ଆହତ ହୋଇ ଭିନ୍ନ ଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ମୃତ ଦୁଇ ଯୁବକ ମିହିର ମାଇତି ଓ ସେକ ଜଲାଲଉଦ୍ଦିନଙ୍କ ପରିବାରକୁ କ୍ଷତିପୂରଣ ଓ ସରକାରୀ ସହାୟତା ରାଶି ପ୍ରଦାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଯୁବନେତା ଦେବାଶିଷ ମହାନ୍ତି ଓ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶବ ବ୍ୟବଚ୍ଛେଦ ଗୃହକୁ ଯାଇ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସାକ୍ଷାତ କରିବା ସହ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହିତ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ତୁରନ୍ତ ୨୫,୦୦୦ ସହାୟତା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧,୦୦,୦୦୦ ଆର୍ଥିକ ସହାୟତା ପାଇଁ ସୁପାରିଶ କରାଯିବ ବୋଲି ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚାକିରି ପ୍ରଦାନ କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଡାକ୍ତରଖାନାରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ଉନ୍ନତ ଚିକିତ୍ସା ଓ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରି ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ମୃତକ ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ବିଜେଡିର ଦାବି



# ଫୁଲୁଛି ବୈତରଣୀ

ବାରିକପୁର, ୫।୭ (ସମିସ): ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ ନଦୀ ଫୁଲି ଉଠିଛି। ଯଦିଓ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଆଶଙ୍କା ନାହିଁ; ତଥାପି ଲଗାଣ ବର୍ଷା କାରଣରୁ ନଦୀ ଗର୍ଭ ଜଳପୂର୍ଣ୍ଣ ହୋଇଛି। ଆଖୁଆପଦା ଆନିକଟଠାରେ ରବିବାର ଅପରାହ୍ଣ ୩ଟା ସୁଦ୍ଧା ୧୬.୬୬ ମିଟରରେ ଜଳ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୧୭.୮୩ ମିଟର ଥିବାବେଳେ ବିପଦ ସଂକେତ ରହିଛି ୧୮.୩୩ ମିଟର। ମିଳିଥିବା ସୂଚନା ମୁତାବକ, ରବିବାର ସକାଳ ୮ଟା ୩୦ ସୁଦ୍ଧା ନଦୀର ଉପର ମୁଣ୍ଡ ସ୍ୱାମପାଟଣାଠାରେ ସର୍ବାଧିକ ୬୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଆନନ୍ଦପୁରଠାରେ ୨୦.୪, ଚମ୍ପୁଆଠାରେ ୬୨.୮, ଭଦ୍ରକଠାରେ ୪୫.୮ ମିମି ବର୍ଷା ରେକର୍ଡ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ବାଦ୍...

ନିୟୋଜିତ ହୋଇଥିଲେ। ଏହି ପ୍ରକ୍ରିୟାରେ ୭ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୮୪ ହଜାର ୫୯୪ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ(ବିଏଲଏ) ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଗତ ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ ବୋଲି ଶ୍ରୀ ଗୋପାଳନ ସୂଚନା ଦେଇଛନ୍ତି। ତେବେ ନିର୍ବାଚନ ଅଧିକାରୀଙ୍କ ସୂଚନା ପ୍ରଦାନ ପରେ ଭୋଟରତାଲିକାରୁ ନାମ ବାଦକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ତାଲିକାରେ ନାମ ଥିବା ସମସ୍ତଙ୍କୁ ପରିଗଣନା ଫର୍ମ ପ୍ରଦାନ କରାଯାଇଥିବା କହୁଥିବାବେଳେ ୮ ଲକ୍ଷରୁ ଉର୍ଦ୍ଧ୍ୱ କଥିତ ମୃତକ ଓ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଅନୁପସ୍ଥିତ ବା ସ୍ଥାନାନ୍ତରିତଙ୍କୁ ପରିଗଣନା ଫର୍ମ କିପରି ବଣ୍ଟନ ହେଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୁନଶ୍ଚ କେବଳ କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ ପଡ଼ିଥିବା କୁହାଯାଉଥିବାବେଳେ ୭୫ରୁ ଉର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କଟିବାକୁ ନେଇ ବିରୋଧୀ ସନ୍ଦେହ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ ଏହି ଚିଠା ତାଲିକା ଚୂଡ଼ାନ୍ତ ନୁହେଁ; ଯଦି କେହି ଯୋଗ୍ୟ ଭୋଟର ବାଦ ପଡ଼ିଥିବେ ସେମାନେ ଆପତ୍ତି କରି ନିଜ ନାମ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ କରିପାରିବେ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ବାସସ୍ଥାନ ପରିବର୍ତ୍ତନ, ପ୍ରଚଳିତ ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଦୁଇଟି ଇପିଆଇସି ନମ୍ବର କିମ୍ବା ଦିବ୍ୟାଙ୍ଗ ଚିହ୍ନିତକରଣ ପାଇଁ ଭୋଟର ଫର୍ମ-୮ ରେ ଆବେଦନ କରିପାରିବେ। ସେହିପରି ନୂତନ ଭୋଟରଙ୍କ ପାଇଁ ଫର୍ମ-୬ରେ ଆବେଦନ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ଫର୍ମ-୭ରେ ପ୍ରଚଳିତ ଭୋଟର ତାଲିକାରେ ନାମ ଯୋଗ କିମ୍ବା ନାମ ବାଦ୍ କରାଯାଇ ପାରିବ। ତେବେ ଚିଠା ଭୋଟର ତାଲିକାରେ ଗୋଟିଏ ଘର ନମ୍ବରରେ ଏକାଧିକ ଭୋଟରଙ୍କ ନାମ, ଭୋଟରଙ୍କ ନାମରେ ତ୍ରୁଟି ତଥା ଅନ୍ୟ ବିବରଣୀ ତ୍ରୁଟିକୁ ନେଇ ସାଧାରଣରେ ଆରମ୍ଭରୁ ଅସନ୍ତୋଷ ଦେଖାଦେଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗଣନାକାରୀଙ୍କ ତ୍ରୁଟି ପାଇଁ ସାଧାରଣ ଲୋକମାନେ କାହିଁକି ସମସ୍ୟାରେ ପଡ଼ିବେ ବୋଲି ପ୍ରଶ୍ନ କରିବା ସହ ପ୍ରତ୍ୟେକ ତ୍ରୁଟି ନିଜଆଡ଼ୁ ନିର୍ବାଚନ ଅଧିକାରୀ ସଂଶୋଧନ କରିବା ଆବଶ୍ୟକ ବୋଲି ଲୋକମାନେ କହିଛନ୍ତି।

### ରାମ ମନ୍ଦିରରୁ ଲୁଟିନେଲେ...

ଗ୍ରନ୍ଥଟି ମନ୍ଦିରର ମୁଖ୍ୟ ପରିସରରେ ଦେଖିବାକୁ ନ ମିଳିବାରୁ ସେ ପ୍ରଶ୍ନ ଉଠାଇଛନ୍ତି। ଏସଂପର୍କରେ ସେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ ଜଣାଇଥିଲେ। କିନ୍ତୁ ଚମ୍ପତଙ୍କ ଉତ୍ତର ତାଙ୍କୁ ବିସ୍ମିତ କରିଛି। ଚମ୍ପତ ତାଙ୍କୁ କହିଥିଲେ ଯେ ମନ୍ଦିରକୁ ଆସୁଥିବା ସବୁ ଦାନ ସାମଗ୍ରୀକୁ ପ୍ରଦର୍ଶିତ କରାଯାଇପାରିବ ନାହିଁ। ତେବେ କେବଳ ସୁନା ଛାଉଣି ଗ୍ରନ୍ଥ ନୁହେଁ, ବରଂ ମନ୍ଦିରକୁ ମିଳିଥିବା ବହୁ ପରିମାଣର ରୁପା ଇଟା ଏବଂ ଅଳଙ୍କାର ନିଖୋଜ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ବିରୋଧୀ ଦଳ ଏବଂ ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆବିଜେଏ) ମଧ୍ୟ ମନ୍ଦିରରୁ ରୁପା ହେରଫେର ହୋଇଥିବା ପ୍ରସଙ୍ଗ ଉଠାଇଛି। ଏଥିମଧ୍ୟରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଦ୍ୱାରା ପ୍ରଦତ୍ତ ୪ କିଲୋଗ୍ରାମର ରୁପା ଇଟା ମଧ୍ୟ ସାମିଲ ରହିଛି। ଏସଂପର୍କରେ ଟ୍ରଷ୍ଟର କୌଣସି କର୍ମକର୍ତ୍ତା ମୁହଁ ଖୋଲୁ ନାହାନ୍ତି। ସେମାନଙ୍କର ରହସ୍ୟମୟ ନିରବତା କୋଟି କୋଟି ଭକ୍ତଙ୍କୁ ମର୍ମାହତ କରିଛି।

ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ଦଳ ବର୍ତ୍ତମାନ ଏହି ଦାନ ହେରଫେର ମାମଲାର ଯାଞ୍ଚ କରୁଛି। ଧରାପଡ଼ିଯିବା ଭୟରେ ଚୋରି ସୁନା ଓ ରୁପା ଅଳଙ୍କାରଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରିଛନ୍ତି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଦାନ ଗଣତି ପ୍ରକ୍ରିୟା ସହ ଜଡିତ ୮ ଜଣଙ୍କୁ ଗିରଫ କରାଯାଇ ସାରିଛି। ଇତିମଧ୍ୟରେ ରାମ ମନ୍ଦିର ଟ୍ରଷ୍ଟର ଆପାତକାଳି ବୈଠକ ବସିବ। ଏଥିରେ ଟ୍ରଷ୍ଟ ସଂପାଦକ ଚମ୍ପତ ରାୟ, ଅନିଲ ମିଶ୍ର ଓ ଗୋପାଳ ରାଓଙ୍କ ଇସ୍ତଫା ଉପରେ ନିଷ୍ପତ୍ତି ନିଆଯିବ।

ଅନ୍ୟପକ୍ଷରେ ଏସଆଇଟିର ପ୍ରାଥମିକ ତଦନ୍ତ ଅନୁଯାୟୀ, ମନ୍ଦିରରୁ ଦୈନିକ ପ୍ରାୟ ୬ ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିବା ସନ୍ଦେହ କରାଯାଉଛି। ବିଶେଷ କରି ୨୦୨୫ ମହାକୁମ୍ଭ ସମୟରେ ଅତ୍ୟଧିକ ଭିଡ଼ର ସୁଯୋଗ ନେଇ ଏହି ଚୋରି ବୃଦ୍ଧି ପାଇଥିଲା। ଏସଆଇଟିର ପ୍ରାଥମିକ ରିପୋର୍ଟ ପ୍ରକାଶ କରାଯାଇନଥିଲେ ମଧ୍ୟ କେତେକ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ ଲୁଟ୍‌ର ପର୍ଦ୍ଦାଫାସ ହେବା ପୂର୍ବରୁ ଦାନ ବାକ୍ସରେ ଦୈନିକ ୧୬ରୁ ୧୮ ଲକ୍ଷ ଟଙ୍କା ପଡୁଥିଲା ଏବଂ ବ୍ୟାଙ୍କ ଖାତାରେ ଏହା ଜମା ହେଉଥିଲା। କିନ୍ତୁ ଲୁଟ୍‌ର ପର୍ଦ୍ଦାଫାସ ହେବାପରେ ଏବେ ଦିନକୁ ଦାନ ଅର୍ଥ ୨୪ରୁ ୨୬ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ।।ହେଉଛି। ଏହାକୁ ଆଧାର କରି ସେମାନେ କହିଛନ୍ତି ଯେ ୨୦୨୫ ମହାକୁମ୍ଭ ସମୟରୁ ଦିନକୁ ୬ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଅଭିନାଶ ଶୁକ୍ଲାଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ମୋଜା ଓ ପକେଟରେ ଟଙ୍କା ଲୁଚାଇବା ସହ ସିସିଟିଭିକୁ ମଧ୍ୟ ଏଡ଼ାଉଥିବା ପ୍ରମାଣ ମିଳିଛି। ଅଭିନାଶ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଏବଂ ୧୨୦୦ ଡଲାର ଜବତ କରାଯାଇଛି।

ଦାନ ଟଙ୍କା ଚୋରି ସଂପର୍କରେ ଟ୍ରଷ୍ଟ କର୍ମକର୍ତ୍ତା ଜାଣିଥିଲେ ମଧ୍ୟ ଚୁପ ରହିଥିଲେ। ସମାଜବାଦୀ ପାର୍ଟି ନେତା ଏବଂ କେତେକ ବ୍ୟାଙ୍କ କର୍ମଚାରୀ ଅଭିଯୋଗ କରିବା ପରେ ଏହି ମାମଲା ସାମନାକୁ ଆସିଥିଲା। ଅଭିଯୁକ୍ତମାନେ ଦାନ ଟଙ୍କା ଚୋରି କରୁଥିବାର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ଅଛି।

### ଅବପାତ ଝାଡ଼ଖଣ୍ଡମୁହାଁ..

ସ୍ଥାନରେ ଭାରି ବର୍ଷା (୭ ରୁ ୧୧ ସେମି) ରେକର୍ଡ ହୋଇଛି। କନ୍ଧମାଳ ଖଜୁରୀପଦାରେ ସର୍ବାଧିକ ୨୭୬ମିମି, ବଲାଙ୍ଗିର ତୁରେଇକେଲା ଠାରେ ୨୬୪ମିମି ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୧୧୯ ଓ କଟକରେ ୧୨୪ ମିମି ବର୍ଷା ରେକର୍ଡ ହୋଇଛି।

ମୌସୁମୀ ଅତ୍ୟଧିକ ସକ୍ରିୟ ହେତୁ ଗତ ୨୪ଘଣ୍ଟାର ୬୨.୮ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୮.୪ମିମି ତୁଳନାରେ ୬୪୯ ପ୍ରତିଶତ ଅଧିକ ରହିଛି। ଜୁଲାଇ ମାସର ସ୍ୱାଭାବିକ ବର୍ଷା ୩୪୧.୪ ମିମି ହୋଇଥିବା ବେଳେ ରାଜ୍ୟରେ ପ୍ରଥମ ୫ ଦିନରେ ୧୫୫.୨ ମିମି ବର୍ଷା ରେକର୍ଡ ହୋଇସାରିଛି, ଯାହାକି ପୁରା ମାସର ସ୍ୱାଭାବିକ ବର୍ଷାର ୪୫ ପ୍ରତିଶତ ଭରଣା ହୋଇଛି। ଏପର୍ଯ୍ୟନ୍ତ ଜୁଲାଇରେ ପ୍ରଥମ ୫ ଦିନରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୩୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ରବିବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ବରଗଡ଼, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର କହିଛି, ଜୁନ ୧ ରୁ ଏଯାବତ ୨୬୫.୫ ମିମି ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୨୫୫.୮ ତୁଳନାରେ ଏବେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ୧୧ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ସହ ୧୧ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଏବେ ବି ୬ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ୨ଟି ଜିଲ୍ଲା ବୌଦ୍ଧ ଓ କନ୍ଧମାଳରେ ସ୍ୱାଭାବିକ ଠାରୁ ଯଥେଷ୍ଟ ଅଧିକା ବର୍ଷା ରେକର୍ଡ କରାଯାଇଛି।

ଅନ୍ୟପଟେ ଅବପାତ ସ୍ଥଳଭାଗ ଅତିକ୍ରମ କରିବା ପରେ ଜୁଲାଇ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଓଡ଼ିଶାର ସମସ୍ତ ବନ୍ଦରରେ ୩ ନମ୍ବର ସ୍ଥାନୀୟ ସତର୍କତା ସଙ୍କେତ ଜାରି କରାଯାଇଛି।

### ଡିଏସ୍‌ପିଙ୍କ ସମ୍ପତ୍ତି...

ସମୟରେ ତାଙ୍କର ଘୋଷିତ ସମ୍ପତ୍ତି ସହ ଏକ ଡ଼ାଏରୀ ମିଳିଥିଲା ଓ ଏଥିରେ ସମସ୍ତ ବେନାମୀ ସମ୍ପତ୍ତିର ସୂଚନା ରହିଥିଲା। ତାହା ଆଧାରରେ ଅନ୍ୟସ୍ଥାନରେ ଚଢ଼ଉ କରାଯାଇ ବିପୁଳ ସମ୍ପତ୍ତି ଜବତ କରାଯାଇଛି। ତାଙ୍କ ଘରୁ ନଗଦ ୪୦ ଲକ୍ଷ ଟଙ୍କା, ୨ କିଲୋ ସୁନା ଗହଣା, ୨୦ କିଲୋ ରୁପା ସାମଗ୍ରୀ ସହ ବିଭିନ୍ନ ବିପୁଳ ଅର୍ଥ ଜମାଥିବା ବ୍ୟାଙ୍କ ଖାତା ମିଳିଛି। ଏହାବ୍ୟତୀତ ଅନ୍ୟସବୁ ସମ୍ପତ୍ତି, ଫର୍ମହାଉସ, ଆପାର୍ଟମେଣ୍ଟ, ବିପୁଳ ଜମି ତାଙ୍କର ପରିବାର ସଦସ୍ୟ, ବନ୍ଧୁ, ପରିଜନଙ୍କ ନାମରେ ନାମରେ ରହିଥିବା କୁହାଯାଉଛି। ସମ୍ପ୍ରତି ସେ ତେଲଙ୍ଗାନା ପୁଲିସ ଡ଼ିଜିଙ୍କ କାର୍ଯ୍ୟାଳୟରେ ଷ୍ଟେସନାରୀ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ସଙ୍ଗାରେଡ୍ଡି, ବାନସ୍ଥଳୀପୁରମ, ଜାହିରାବାଦ, ବାଲାନଗର ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି ।

### କାଠଯୋଡ଼ି ସ୍ରୋତରେ...

ବାଧା ସୃଷ୍ଟି ହୋଇଥିଲେ ମଧ୍ୟ ସକାଳୁ ପୁଣି ସର୍ଚ୍ଚ ଅପରେସନକୁ ଜୋରଦାର କରାଯିବ। ଏହି ୩ ଜଣ ଯୁବକ ରବିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନରାଜ ପୁରୁଣା ପଥର ବନ୍ଧ ନିକଟକୁ ବୁଲିବାକୁ ଯାଇଥିଲେ। ଯୁବକମାନେ ପାଣି ପାଖକୁ ଯାଇ ପଥର ଉପରେ ଛିଡ଼ା ହୋଇ ସେଲଫି ଉଠାଉଥିବା ବେଳେ ହଠାତ୍ ପାଦ ଖସିଯିବାରୁ ପାଣିସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ କିଛି ସାହସୀ ଯୁବକ ତୁରନ୍ତ ଡଙ୍ଗା ଏବଂ ଗାମୁଛା ସାହାଯ୍ୟରେ ଦୁଇ ଜଣଙ୍କୁ ଜୀବନ୍ତ ଓ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।


## AFFIDAVIT

By Virtue of an affidavit sworn before Executive Magistrate, Balasore, dtd-30/06/2026 by Affidavit Sl No: - 4903. I, Azharuddin Shaikh,Age 42yrs, S/o- Nasiruddin Shaikh, of Resident At-Pijuruddin lane, Po-Sunhat,Phandi Chhak,Goni Pada,Balubazar, P.S.- Town, Dist-Balasore , Odisha - 756002. Declared that. I have changed my name from Azharuddin Nasiruddin Shaikh to Azharuddin Shaikh. Henceforth, I shall be known as **Azharuddin Shaikh** for all future purposes.
**Azharuddin Shaikh**

## AFFIDAVIT

By virtue of Affidavit No. 93, Dt.25.05.2026 sworn before the Executive Magistrate, Angul, I, Ipsita Agarwal, D/o- Pradeep Agarwal and Sanju Agarwal, Resident of At- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL", "AGARWALLA" in certain previous documents, including my earlier Passport. The surnames "AGRAWAL" , "AGARWALLA" and "AGARWAL" refer to one and the same person, namely myself. Henceforth, I shall be known as IPSITA AGARWAL for all purposes.

## AFFIDAVIT

By virtue of an affidavit before the Executive Magistrate, Dhamnagar, I, Sri Dillip Kumar Malik, 41 years, S/o-Kanhu Malik, Vill/PO- Kothar, P.S.- Dhusuri, Dist- Bhadrak, Odisha, on behalf of my minor daughter Sibani Malik. In birth certificate, wrongly it has been mentioned as Shivan Malik in Aadhaar Card bearing No. 7217 4462 7832. Sibani Malik and Shivan Malik is one and same. This affidavit is for Aadhaar correction.

## AFFIDAVIT

By virtue of Affidavit No. 95, Dt.27.05.2026 sworn before the Executive Magistrate, Angul, I, PRADEEP AGARWAL, S/o- Srinibas Agarwal, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "PRADEEP AGARWAL" for all purposes.

## AFFIDAVIT

By virtue of Affidavit No. 94, Dt. 27.05.2026 sworn before the Executive Magistrate, Angul, I, SANJU AGARWAL, W/o- PRADEEP AGARWAL, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "SANJU AGARWAL" for all purposes.

## AFFIDAVIT

By Virtue of an affidavit sworn before in the Court of Executive Magistrate and Tahasildar, Basta,Balasore, dtd-03/07/2026, by Affidavit Sl No: - 2994. I, Paresh Mukhi C/o- Gopal Mukhi of permanent Resident Vill - Kamardiha, Po-Khunta, Ps-Rasgobindpur, Dist-Mayurbhanj , Odisha - 757016. Declared that. I have changed the name of my Minor Son from KATIA MUKHI to PAPU MUKHI. Henceforth, He shall be known as **PAPU MUKHI** for all future purposes.
**Paresh Mukhi**

25001/650/2627 E-Mail: eerw_gm1@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Government of Odisha e-Procurement Notice
**Bid Identification No.** Online Tender // 11 // SERWDG-I // 2026-27
**Letter No.:** 4099 /RWDG-I/BAM/ **Date:** 18.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 6.72 Lakhs to Rs. 8.40 Lakhs |
| 3 | Period of Completion | As per Annexure Column No. 06 |
| 4 | Date & Time of Availability of Bid Documents in the Portal | From **09.07.2026 at 11.00 AM** to **22.07.2026 up to 6.00 PM** |
| 5 | Last Date & Time for Receipt of Bids in the Portal | **22.07.2026 up to 6.00 PM** |
| 6 | Name and Address of the Officer Inviting Bid | **Executive Engineer, Rural Works Division-I, Ganjam, Berhampur** |

Further details can be seen from the e-procurement portal website: https://www.tendersodisha.gov.in
Executive Engineer
R.W. Division-I, Ganjam, Berhampur
OIPR-25001/25085/1/26-27/0017

**OFFICE OF THE MUNICIPALITY : POLASARA**
At/Po/Ps: Polasara, Dist.-Ganjam, Odisha
E-mail: nacpolasara72@gmail.com, Phone No.: (06810) 291235
Letter No.: 2097, Date: 03.07.2026
13001/11075/2627

**QUOTATION CALL NOTICE**

Sealed quotation in prescribe form are invited from the intending reputed registered Company/Firm suppliers/Contractor having a adequate experience with valid GST Registration Certificate, PAN Card for "Supplying, fitting and installation of different odia and English letter box with logo, swacha sarvekhana logo, back drop items for Polasara Municipality, for the year 2026-27." as per the specification which will be received through Tender Box/Speed Post/Courier Post to the Executive Officer Municipality Polasara on or before 14.07.2026 up to 5.00 P.M and the same will be opened on 15.07.2026 at 11.30 AM in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the Office of the Polasara Municipality during working hour from 06.07.2026 to 14.07.2026 up to 5.00 P.M on payment of non refundable cash of Rs. 4000.00. The intending bidder are to submit copies of valid Registration certificate from competent authorities of the State Govt./Central Govt./PSU organization and PAN Card along with Experience Certificate in similar nature of works and EMD of Rs 10000.00 (In shape of Bank Draft/BG/TDR /KVP/ NSC) in favour of Executive Officer Polasara Municipality with their bid, failing which their bid shall not be taken in to consideration. The authority reserves the right to reject any or all the tenders without assigning any reason thereof.

OIPR-13001/13214/1/26-27/0003
Executive Officer
Municipality Polasara

25001/646/2627 E.Mail: rw_rourkela@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**TENDER CALL NOTICE**
**BID IDENTIFICATION NO. ONLINE-EERKL-17 of 2026-27**

1. **Name of the Work** :- Road Works
2. **Total No. of Works** :- 02 (Two) Nos.
3. **Estimated Cost** :- Rs. 62.37 to 77.12 Lakhs
4. **Class of Contractor** :- "B" Class
5. **Period of Completion** :- 04 (Four) Months
6. **Type of Tender** :- Double Cover
7. **Other details**

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| Superintending Engineer, Rural Works Division-II, Sundargarh | Online-EERKL-17 of 2026-27 | 07.07.2026 from 11.00 AM | 14.07.2026 upto 05.00 PM | 13.07.2026 upto 5.00 PM | 15.07.2026 at 11.00 AM | Will be intimated separately |

Further details can be seen from the website www.tendersorissa.gov.in and for more information please visit the office.
Executive Engineer
RW Division-II, Sundargarh
OIPR-25001/25193/1/26-27/0032

### ଓଡ଼ିଆ ଲେଖକ ସମ୍ମିଳନୀ ଉଦ୍‌ଘାଟିତ

# ସମାଜର ହିତ ପାଇଁ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପାରାଦୀପ,୫।୭(ସମିସ)




ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର ସାମ୍ୟ ସମାଜର ପରିକଳ୍ପନା ଅସମ୍ଭବ। ମଣିଷର ସୁଖ ସମୃଦ୍ଧି କାମନା କରିବା ସହିତ ମୁକ୍ତ ଜୀବନଯାପନ ପାଇଁ ସାହିତ୍ୟ ମାର୍ଗଦର୍ଶନ କରିଥାଏ ବୋଲି ଓଡ଼ିଆ ଲେଖକ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ କୁଜଙ୍ଗର ମିଳିତ ଆନୁକୂଲ୍ୟରେ ପାରାଦୀପ ଅଫିସର୍ସ କ୍ଲବ ଠାରେ ଆୟୋଜିତ ଓଡ଼ିଆ ଲେଖକ ସମ୍ମିଳନକୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତ ଗାଳ୍ପିକା ପାରମିତା ଶତପଥୀ ଉଦ୍‌ଘାଟନ କରି ମାନବ ସମାଜର ଦୁଃଖ ଶୋକ ଓ ଅସହାୟତାର ଯନ୍ତ୍ରଣାକୁ ଲାଘବ କରି ସତ୍ୟ ସହିତ ଯୋଡ଼ିହୋଇ ଭୟଶୂନ୍ୟ ଭାବରେ ବଞ୍ଚିବା ପାଇଁ ସାହିତ୍ୟର ସ୍ୱର ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଡ. ଗୌରହରି ଦାସ ଅଧ୍ୟକ୍ଷତା କରି ଜୀବନ ଓ ଜଗତର ରହସ୍ୟ ଭେଦ କରିବା ପାଇଁ ସାହିତ୍ୟ ହେଉଛି ଶକ୍ତିଶାଳୀ ମନୋରମ ଅସ୍ତ୍ର। ଏହି ସୃଜନ ଅସ୍ତ୍ର ନିର୍ମାଣ କରୁଥିବା ସମକାଳର ସାହିତ୍ୟିକ ମାନେ ସମ୍ବେଦନଶୀଳ ହେବା ଉଚିତ୍ ବୋଲି କହିଥିଲେ। ପ୍ରାରମ୍ଭରେ କବି ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ସଭାପତି ଡ. ରଘୁନାଥ ସାହୁ ଲେଖକ ସମ୍ମିଳନୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦିକା ଡ. ରୋଜାଲିନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ଗାଳ୍ପିକ ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଆଦିତେଶ୍ୱର ମିଶ୍ର, ଡ. ସନ୍ତୋଷ ସାମଲ, ବିଜୟ ମଲ୍ଲ ସ୍ୱରଚିତ ଗଳ୍ପ ପାଠ କରିଥିବା ବେଳେ କବି ପୀତାମ୍ବର ତରାଇଙ୍କ ସଭାପତିତ୍ୱରେ ଏକାଡେମୀ ଦ୍ୱାରା ନିମନ୍ତ୍ରିତ କବି ରାଜୀବ ପାଣି, ଅମୀୟ ମହାପାତ୍ର, ସ୍ୱପ୍ନା ମିଶ୍ର, ସୁରେଶ ନାୟକ, ଇପ୍‌ସିତା ଷଡ଼ଙ୍ଗୀ, ପ୍ରତୀକ୍ଷା ଜେନା, ପ୍ରଭାତୀ ମାଝୀ, ଶ୍ରୀମନ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଗାଳ୍ପିକ ଅରବିନ୍ଦ ରାୟ, ଡ. କେଶବଚନ୍ଦ୍ର ଦଳାଇ, କବି ସବିତା ମହାପାତ୍ର, ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ● ଘରେ ପଶି ଲୁଟ୍

# ନଗଦ ଟଙ୍କା, ସୁନା ଅଳଙ୍କାର ଚୋରି

ବାଲିକୁଦା,୫।୭(ସମିସ): ଲଗାଣ ବର୍ଷାର ସୁଯୋଗ ନେଇ ବାଲିକୁଦା ଥାନା ଅନ୍ତର୍ଗତ ଅଢଙ୍ଗା ପଞ୍ଚାୟତର ଦେବଗ୍ରାମରେ ଘଟିଛି ଏକ ବଡ଼ ଧରଣର ଚୋରି। ଦୁର୍ବୃତ୍ତମାନେ ଘରର ତାଲା ଓ କୁଣ୍ଡା ତାଡ଼ି ଘର ଭିତରକୁ ପ୍ରବେଶ କରି ନଗଦ ୮୦ ହଜାର ୫୦୦ ଟଙ୍କା, ସୁନା ହାର, ଦୁଇଟି ସୁନା ମୁଦି, ଏକ ଯୋଡ଼ା କାନ ଝରା ସମେତ ଅନ୍ୟାନ୍ୟ ସୁନା ଅଳଙ୍କାର ଏବଂ ନୂତନ ବସ୍ତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଦେବଗ୍ରାମର ଚିକନଜିତ ମହାନ୍ତିଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ଚୋରମାନେ କୋଲପ ତାଡ଼ି ଘରେ ପଶିଥିଲେ। ପ୍ରଥମେ ଟେବୁଲ ଡ୍ରୟର ଭାଙ୍ଗି ସେଥିରେ ଥିବା ନଗଦ ୮୦,୫୦୦ ଟଙ୍କା ନେଇଥିଲେ। ପରେ ଡ୍ରୟର ଭିତରୁ ଗଡ଼ରେଜର ଚାବି ବାହାର କରି ଆଲମାରି ଖୋଲି ସୁନା ଅଳଙ୍କାର ଲୁଟି ନେଇଥିଲେ। ଏଥିସହ ଘରେ ଥିବା ଦୁଇଟି ଦସ୍ତା ବାକ୍ସ ଉଠାଇ ନେଇ ସେଥିରୁ ନୂତନ ବସ୍ତ୍ର ବାହାର କରି ଚୋରି କରିବା ପରେ ଖାଲି ବାକ୍ସକୁ ଘର ପଛପଟେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ରାତିରେ ଚିକନଜିତଙ୍କ ବଡ଼ ଭାଇ ପରିସ୍ରା କରିବା ପାଇଁ ଉଠିଥିବା ବେଳେ ଘରର କବାଟ ଭଙ୍ଗା ଓ ସାମଗ୍ରୀ ବିଚ୍ଛିନ୍ନ ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଉଠାଇଥିଲେ। ଘଟଣା ସମ୍ପର୍କରେ ରାତି ପ୍ରାୟ ୨ଟାରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକଙ୍କୁ ଫୋନ ଯୋଗେ ଅବଗତ କରାଯାଇଥିଲା। ଖବର ପାଇବା ପରେ ଥାନା ଅଧିକାରୀ ପୁଲିସ ଟିମ୍ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ଭିତ୍ତି କରି ବାଲିକୁଦା ପୁଲିସ ମାମଲା ନଂ୨୬୪/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁରର ସହାୟତାରେ ପ୍ରମାଣ ସଂଗ୍ରହ କରାଯାଉଥିବା ବେଳେ କୁକୁରଟି ଘର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଯାଇ ରହିଥିଲା। ଏହାକୁ ଆଧାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଯିବ ବୋଲି ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳିନି ପକ୍କାଘର



ରଘୁନାଥପୁର,୫।୭(ସମିସ): ଜଗତସିଂହପୁର ଜିଲ୍ଲା ରଘନାଥପୁର ବ୍ଲକ ଅଞ୍ଚଳରେ ଏବେ ସରକାରଙ୍କ ପକ୍ଷରୁ ଆସୁଥିବା ଅନ୍ତୋଦୟ ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଛି। ଏହି ବ୍ଲକରେ କିଛି ତଦନ୍ତକାରୀ ଅଫିସର ପ୍ରିୟାପ୍ରୀତି, ଶୋଷଣ ଓ ପଞ୍ଚାୟତର କିଛି କୁଜି ନେତାଙ୍କ ପ୍ରରୋଚନାରେ ପଡ଼ି ଅର୍ଥ ଲାଳସାରେ ଅନେକ ଗରିବ ଲୋକଙ୍କ ନାଁ ତାଲିକାରୁ ବାଦ୍ ଦେଇ ଛାତ ଘର ଥିବା ବ୍ୟକ୍ତିଙ୍କୁ ତାଲିକାରେ ସାରମି କରିଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଏହି ବ୍ଲକ ଅଧୀନ ତାରପୁର ଗ୍ରାମପଞ୍ଚାୟତରେ। ଏହି ପଞ୍ଚାୟତର ତାରପୁର ଗ୍ରାମର ଶୁଭଦର୍ଶିନୀ ରାଉତ, ସ୍ୱାମୀ ନାରାୟଣ ରାଉତ ଓ ଅଚ୍ଛୁତପୁର ଗ୍ରାମର ଅନୁପମା ନାୟକ, ସ୍ୱାମୀ ସୁକାନ୍ତ କୁମାର ନାୟକ; ଯିଏ କି ପକ୍କା ଘର ପାଇଁ ବାରମ୍ବାର ଆବେଦନ କଲେ ମଧ୍ୟ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ପକ୍କା ଘରଟିଏ ମିଳିପାରୁନାହିଁ। ବ୍ଲକ ପ୍ରଶାସନର ତଦନ୍ତକାରୀ ଅଧିକାରୀମାନେ ବାରମ୍ବାର ଅନୁକମ୍ପା ଦେଖାଇ ତାଙ୍କ ଘରକୁ ଯାଇ ତଦନ୍ତ କରି ପ୍ରତିଶ୍ରୁତି ଦେଇ ଘର ମିଳିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ନିକଟ ଭବିଷ୍ୟତରେ ତଦନ୍ତକାରୀ ଅଧିକରୀ ପଣ୍ଡା ବାବୁ ତାଙ୍କ ମାଆ ମରିଥିବା ସମୟ ରେ ଠିକ୍ ଭାବରେ ତଦନ୍ତ ନକରି ତରବରିଆ ଭାବରେ ରିପୋର୍ଟ ଦେଇଛନ୍ତି ବୋଲି ସାଧାରଣ ଚର୍ଚ୍ଚା ହେଉଛି। ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି ବ୍ଲକ ପ୍ରଶାସନ ଠିକ୍ ଭାବରେ ତଦନ୍ତ ନକରି ରିପୋର୍ଟ ଦେଇଛି। ବ୍ଲକ୍ ଏବିଡିଓଙ୍କୁ ପଚାରିବାରୁ ସେ କହୁଛନ୍ତି ମୁଁ କିଛି ଜାଣିନାହିଁ। ତଦନ୍ତକାରୀ ରିପୋର୍ଟ ଅନୁସାରେ ତାଲିକାରେ ନାମ ଅନ୍ତର୍ଭୁକ୍ତ କରାଯାଇଛି। ତାରପୁର ଗ୍ରାମପଞ୍ଚାୟତର ତଦନ୍ତକାରୀ ଅଫିସର ଶୁଭେନ୍ଦୁ ପଣ୍ଡାଙ୍କୁ ପଚାରିବାରୁ 'ମୋ ରିପୋର୍ଟ ଠିକ୍ ଅଛି। ହିତାଧିକାରୀମାନେ ବିଡିଓ ଓ କଲେକ୍ଟରଙ୍କ ସହାୟତା ଲୋଡନ୍ତୁ।' ଏହାର ଏକ ନିରପେକ୍ଷ ତଦନ୍ତ କରିବା ପାଇଁ ଜନସାଧାରଣମାନେ ପ୍ରଶାସନ ନିକଟରେ ଦାବି ଜଣାଉଛନ୍ତି।

## ନାଟ୍ୟକାର ଉତ୍ତମ ଦାସଙ୍କ ପତ୍ନୀ ବିୟୋଗ

କୁଜଙ୍ଗ,୫।୭(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଇ ପଞ୍ଚାୟତ ଅଧୀନ ଓକଲା ନିବାସୀ ନାଟ୍ୟକାର ତଥା ପ୍ରାଧ୍ୟାପକ ଉତ୍ତମ ଦାସଙ୍କ ପତ୍ନୀ ଶୈଳବାଳା ଦାସଙ୍କ ୭୨ ବର୍ଷ ବୟସରେ ଜଗତସିଂପୁର ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଆଧ୍ୟାମିକ ବାଦୀ ମହିଳା ଭାବେ ଠାକୁର ଅଭିରାମ ପରମହଂସଙ୍କ ଦେବଙ୍କ ଆଶ୍ରିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ଏକମାତ୍ର ପୁତ୍ର ଆଇନଜୀବୀ ସୌଭାଗ୍ୟ ଦାସ ମୁଖାଗ୍ନି ଦେଇ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଭ୍ୱାଇଁ ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜଙ୍କ ସହ ବହୁ ମୂରବୀ, କନ୍ୟା, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ମଠସାହି ବିଦ୍ୟାଳୟରେ ବନ ମହୋତ୍ସବ

ଏରସମା,୫।୭(ସମିସ): କୁଜଙ୍ଗ ବନାଞ୍ଚଳ ଅଧୀନ ହଓ୍ୱାଖାନା ବନପାଳଙ୍କ ପକ୍ଷରୁ ମଠସାହିସ୍ଥିତ ବିଜୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ଉତ୍ସାହର ସହ ପାଳିତ ହୋଇଯାଇଛି। କୁଜଙ୍ଗ ବନାଞ୍ଚଳ ଅଧିକାରୀ ସଞ୍ଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ପଞ୍ଚାୟତର ସରପଞ୍ଚ ପ୍ରତିଭାରାଣୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁରୁପଦ ଭୂୟାଁ, ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ଦିବ୍ୟଜୀବନ ବେହେରା, ସାମ୍ବାଦିକ ସ୍ମୃତିରଞ୍ଜନ ମହାନ୍ତି, ସମାଜସେବୀ ରାଜେନ୍ଦ୍ର ସାମନ୍ତ ଏବଂ ବନପାଳ ପ୍ରିୟବ୍ରତ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଅତିଥିମାନଙ୍କ ଉପସ୍ଥିତିରେ ଶିଶୁ, ଅଁଳା, ବାହାଡ଼ା, ଜାମୁ, ଆମ୍ବ, କରଞ୍ଜ ଓ ପିଜୁଳି ଆଦି ବିଭିନ୍ନ ପ୍ରଜାତିର ଶତାଧିକ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମଇନା ମୁର୍ମୁ, ଅରୁନ୍ଧତୀ ନାୟକ, ଲକ୍ଷ୍ମୀପ୍ରିୟା ଚାନ୍ଦ, ଶିକ୍ଷକ କାଳୀଚରଣ ସିଂ, ବନ ସୁରକ୍ଷା କର୍ମୀ ଶ୍ରୀରାମ ମୁର୍ମୁ, ସଇଯେନ୍ଦ୍ର ଦାସ, ବନକର୍ମୀ ଯାଦବ ଦାସ, ଝଡେଶ୍ୱର ଜେନାଙ୍କ ସମେତ ବନ ବିଭାଗର କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଲୁଣା ଚାରା ରୋପଣ



ପାରାଦୀପ,୫।୭(ସମିସ): ବନମହୋତ୍ସବ ସପ୍ତାହ ଅବସରରେ ପାରାଦୀପରେ ନୀଳଚକ୍ର ୟୁଥ ଟ୍ରଷ୍ଟ, ବିବେକାନନ୍ଦ ୟୁଥ କ୍ଲବ ଓ ସାତ୍ତ୍ୱିକ୍ ସୋଲ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଲୁଣା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପକୂଳ ପରିବେଶର ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ଲୁଣା ଜଙ୍ଗଲର ଭୂମିକା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିଥିଲେ। ଉପସ୍ଥିତ ସମସ୍ତେ ଲୁଣା ଜଙ୍ଗଲର ସଂରକ୍ଷଣ ଓ ସମ୍ପ୍ରସାରଣ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନୀଳଚକ୍ର ୟୁଥ ଟ୍ରଷ୍ଟର ସଭାପତି ଦେବ ମଣ୍ଡଳଙ୍କ ସହ ସଦସ୍ୟ ବଳରାମ ରାଉତ, ନରେଶ ପାତ୍ର ଓ ଜ୍ୟୋତି ରଞ୍ଜନ ଜେନା ଯୋଗଦେଇଥିଲେ। ସେହିପରି ବିବେକାନନ୍ଦ ୟୁଥ କ୍ଲବର ସଭାପତି ଜଗନ୍ନାଥ ହାଲଦାରଙ୍କ ସହ ସଦସ୍ୟ ଜୟଦେବ ମାନ୍ନା, କାର୍ତ୍ତିକ ମାଝୀ, ମଣିଶଙ୍କର ମଣ୍ଡଳ ଓ ସୁକୁଦେବ ମାନ୍ନା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସାତ୍ତ୍ୱିକ୍ ସୋଲ ଫାଉଣ୍ଡେସନ ଜଗତସିଂହପୁରର କୋଅର୍ଡିନେଟର ବିଶ୍ୱଜିତ ସାମଲଙ୍କ ସହ ଧର୍ମପଦ ବାଡୋଇ, ଅବନୀ କୁମାର ପାଇଟାଲ, ନୀରଞ୍ଜନ ପାଢ଼ୀ, ଅବିନାଶ ଦାଶ, ପ୍ରମୋଦ କୁମାର ବାରିକ ଓ ସିଦ୍ଧାର୍ଥ ବାରିକ ମଧ୍ୟ ଉପସ୍ଥିତ ରହି ଚାରା ରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।

# ଗଣପତି ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ



ପାରାଦୀପ,୫।୭(ସମିସ): ଆଜି ୭୭ତମ ବନ ମହୋତ୍ସବ ଅବସରରେ 'ଏକ ପେଡ୍ ମା'କେ ନାମ' ଡାକରାରେ ପୌର ପରିଷଦ ଅଧୀନ ୪ ନମ୍ବର ୱାର୍ଡ ବାଲିଝରାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୭୭ତମ ବନ ମହୋତ୍ସବ ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଫକୋ ସାର କାରଖାନାର ଡିଜିଏମ ବିକେ ପଣ୍ଡା ଓ ତାଙ୍କ ସହଧର୍ମିଣୀ ତଥା ଇଫକୋ ଲେଡିଜ କ୍ଲବର ସଭାନେତ୍ରୀ ଆରତୀ ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କ୍ୟାପଟେନ ପ୍ରେମାନନ୍ଦ ରାଉତ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିଜିଓନାଲ ଅଫିସର ବିବେଚିତା ଷଡ଼ଙ୍ଗୀ, ପରିବେଶବିତ ରେଞ୍ଜର ସଞ୍ଜୟ କୁମାର ବେହେରା, ଡିଏଫଓ ମହନ୍ତ ମଲ୍ଲିକ ଓ ପରିବେଶବିତ ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ସହିତ ଗୁରୁମା ମୋନାଲିସା ମହାପାତ୍ର, କଲ୍ୟାଣୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଅମୃତା ଗୁପ୍ତା, ତିଳତ୍ତମା ପରିଡା, ରୋଜାଲିନ ବେହେରା, ମଇନା ଲେଙ୍କା, ରୂପାଲି ମାମଙ୍କ ସହିତ ଗୁରୁଜୀ ସୁଧାକର ସ୍ୱାଇଁ, ବିପ୍ଳବ ମହାନ୍ତି, ସୁକାନ୍ତ ମହାନ୍ତି ଓ ଦିବ୍ୟଜ୍ୟୋତି ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷାବିତ୍ ରବୀନ୍ଦ୍ର ନାଥଙ୍କ ସ୍ମୃତିସଭା



ତିର୍ତ୍ତୋଲ,୫।୭(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତ ନବୀନାବାଗ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ରବୀନ୍ଦ୍ର ନାଥ ମହାପାତ୍ରଙ୍କ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ବାନାମ୍ବର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଡ. ନଗେନ୍ଦ୍ରନାଥ ସ୍ୱାଇଁ, ଶିକ୍ଷକ ମହାସଙ୍ଘର ରାଜ୍ୟସଭାପତି ଅକ୍ଷୟ କୁମାର ଦାସ, ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ପବିତ୍ର କୁମାର କର, କୃଷ୍ଣଚନ୍ଦ୍ର ଭୋଳ, ସୁଶାନ୍ତ ନାୟକ, ଶିକ୍ଷକ ପ୍ରଭାତ କର, ଜଗତସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ଶୁକଦେବ ସାହୁ, ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ, ଅଜୟ ସ୍ୱାଇଁ, ସମିତି ସଭ୍ୟ ବସନ୍ତ ମହାପାତ୍ର, ଜିଲ୍ଲାପରିଷଦ ରଞ୍ଜିତା ସିଂହ, ପୂର୍ବତନ ସରପଞ୍ଚ ସନାତନ ଦଳାଇ, ହୃଦୟନିଧି ମହାନ୍ତି, ସମାଜସେବୀ ପ୍ରଭାସ ସାହୁ, ଗୋପାଳ ଚନ୍ଦ୍ର ଜେନା, ନିରଞ୍ଜନ ବେହେରା, ଅଶୋକ ମହାପାତ୍ର, କ୍ଷୀରୋଦ ବାରିକ, ରତ୍ନାକର ନାୟକ, ବୈରାଗୀ ଚରଣ ପତି, ଚିକିଣିଆ ସରପଞ୍ଚ ବିଷ୍ଣୁଚରଣ ସେଠୀ, ଗୁଆଳିପୁର ସରପଞ୍ଚ ମନୋଜିନୀ ସାହୁ, ଛପଡ଼ା ସରପଞ୍ଚ ଅମିତା ଖୁଣ୍ଟିଆ, ଅମୂଲ୍ୟ ମହାପାତ୍ର, ଦିଲ୍ଲୀପ ପରିଡା, ବିଲେଇ ଶୁଣି ମକର ମେଳା ସଭାପତି, ବିକାଶ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ଲତଙ୍ଗଗଡ଼ରେ ଜଗତସି ୁର ହଐତିହ୍ୟ ପଦଯା




ଜଗତସିଂହପୁର,୫।୭(ସମିସ): ଜଗତସିଂହପୁର ଜିଲ୍ଲାର ପ୍ରାଚୀନ କୀର୍ତ୍ତିରାଜି ଓ ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଗଠିତ 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ୧୭ତମ ଅଧ୍ୟାୟ ରବିବାର ଧଳତଙ୍ଗଗଡ଼ ଜଙ୍ଗଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଅଞ୍ଚଳର ପୁରାତନ ମନ୍ଦିର ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିକଟରୁ ସନ୍ଦର୍ଶନ କରିଥିଲେ। ପ୍ରାଚୀନ କୀର୍ତ୍ତିରାଜିର ସନ୍ଧାନରେ ପଦଯାତ୍ରୀମାନେ ପ୍ରଥମେ ଦେଉଳିସାହିସ୍ଥିତ ସିଦ୍ଧେଶ୍ୱର ଠାକୁରାଣୀଙ୍କ ପୀଠ ପରିଦର୍ଶନ କରିଥିଲେ। ଏଠାରେ ଥିବା ଦଶମ ଓ ଏକାଦଶ ଶତାବ୍ଦୀର ଶୈବ ଓ ବୈଷ୍ଣବ ମୂର୍ତ୍ତିଗୁଡ଼ିକ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶେଷକରି ମୁଖ୍ୟ ଦେବୀ ମନଶା (ସିଦ୍ଧେଶ୍ୱରୀ), ଉଗ୍ରତାରା ନାମୀ ପାର୍ବତୀ, ଗୋପୀନାଥ, ନୃସିଂହ, ତ୍ରିବିକ୍ରମ ଏବଂ ବିଶାଳ ଗରୁଡ଼ ମୂର୍ତ୍ତିଗୁଡ଼ିକ ଏହି ସ୍ଥାନର ଗରିମା ବର୍ଣ୍ଣନା କରୁଥିଲେ। ଏହାପରେ ଐତିହ୍ୟାନୁରାଗୀଗଣ ଧଳତଙ୍ଗଗଡ଼ ଜଙ୍ଗଲସ୍ଥିତ ଗୋପାଳପୁର ଗ୍ରାମର ପଞ୍ଚଦଶ ଶତାବ୍ଦୀର ଗୋପୀନାଥ ମନ୍ଦିରରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ଧଉଳିକୁଦର ଐତିହାସିକ ବନଦୁର୍ଗା ମନ୍ଦିର ଓ ଧ୍ରୁବ ତପସ୍ୟାସ୍ଥଳୀ ଦର୍ଶନ କରିଥିଲେ। ଲୋକକଥା ଅନୁସାରେ, ଏହି ପବିତ୍ର ସ୍ଥାନରେ ଧ୍ରୁବ ମହାରାଜ ତପସ୍ୟା କରି ବିଷ୍ଣୁଙ୍କୁ ପ୍ରାପ୍ତ ହୋଇଥିଲେ। ସେଠାରେ ଥିବା ଦଶମ ଶତାବ୍ଦୀର ଦୁର୍ଗାମୂର୍ତ୍ତିର ଦିବ୍ୟ ରୂପ ସମସ୍ତଙ୍କୁ ଆକର୍ଷିତ କରିଥିଲା। ପ୍ରକୃତି କୋଳରେ ପଦଯାତ୍ରାରେ ଯାଇ ଐତିହ୍ୟ ସ୍ଥଳୀ ପରିଦର୍ଶନ ସହିତ ଜଙ୍ଗଲର ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ପାଇଁ ଏକ ବଣଭୋଜିର ଆୟୋଜନ କରାଯାଇଥିଲା। ଏହି ସାମୂହିକ ସହଭାଗିତା ପଦଯାତ୍ରାକୁ ଅଧିକ ସ୍ମରଣୀୟ କରିଥିଲା। ଏହି ସଫଳ ଆୟୋଜନରେ ବୟୋଜ୍ୟେଷ୍ଠ ସଦସ୍ୟ ଅଧ୍ୟାପକ ବିଶ୍ୱରଞ୍ଜନ ଦେହୁରୀ, ଶ୍ରୀକାନ୍ତ ସିଂହ, ଶିକ୍ଷାବିତ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଓ ହୃଦାନନ୍ଦ ବେହେରା ପ୍ରମୁଖ ସକ୍ରିୟ ଭୂମିକା ନିଭାଇଥିଲେ। ସେହିପରି ଦେବାଶିଷ ପାତ୍ର, ତ୍ରିଲୋଚନ ସ୍ୱାଇଁ, ରାଜେଶ ପ୍ରଧାନ, ସୌରଭ ସିଂହ, ସାହିଲ୍ ସିଂହ, ରୁଦ୍ର ମାଧବ ଦାଶ, କୁନ୍ଦନ ପାସୱାନ, ଶୌର୍ଯ୍ୟ ପ୍ରକାଶ ନାୟକ, ସ୍ୱାଧୀନ କୁମାର ସାହୁ ଓ ସମ୍ବିତ୍ ସିଂହ ପ୍ରମୁଖ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

## ଚିଠା ଭୋଟର ତାଲିକା ସଚେତନତା

ବାଲିକୁଦା,୫।୭(ସମିସ): ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଅନୁସାରେ ରବିବାର ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ଅବସରରେ ବାଲିକୁଦାର ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର ବିକାଶ ରଞ୍ଜନ ଏବଂ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ବ୍ଲକର ୨୭୫, ୨୭୬ ଓ ୨୭୮ ନମ୍ବର ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଉଭୟ ଅଧିକାରୀ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ), ବୁଥ୍‌ସ୍ତରୀୟ ଏଜେଣ୍ଟ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ମତବିନିମୟ କରି ଚିଠା ଭୋଟର ତାଲିକା ସମ୍ପର୍କିତ ସଚେତନତା ସୃଷ୍ଟି କରିଥିଲେ। ଭୋଟର ତାଲିକାକୁ ସଠିକ୍ ଓ ତ୍ରୁଟିମୁକ୍ତ କରିବାରେ ସମସ୍ତଙ୍କ ସକ୍ରିୟ ସହଯୋଗ ଲୋଡ଼ା ବୋଲି ସେମାନେ କହିଥିଲେ। ଏହି ଅବସରରେ ସୂଚନା ଦିଆଯାଇଥିଲା ଯେ, ଯେଉଁ ଯୋଗ୍ୟ ମତଦାତାଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ, ସେମାନେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଫର୍ମ-୬ ମାଧ୍ୟମରେ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରି ନିଜ ନାମ ସାମିଲ କରିପାରିବେ। ସେହିପରି ନାମ ବାଦ ଦେବା ପାଇଁ ଫର୍ମ-୭ ଏବଂ ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରିହେବ। ପରିଦର୍ଶନ କାର୍ଯ୍ୟକ୍ରମରେ ବିଏଲ୍‌ଓ ସୁପରଭାଇଜର ଉଲ୍ଲାସ ଚନ୍ଦ୍ର ମହାନ୍ତି ଓ ଜ୍ଞାନରଞ୍ଜନ ସାହୁ, ବିଏଲ୍‌ଓ ରମାକାନ୍ତ ମୁଦୁଲି, ରୀନା ଦାସ, କାନନବାଳା ମହାନ୍ତି, ପୂର୍ବତନ ସରପଞ୍ଚ ସାଧୁ ଚରଣ ସାହୁଙ୍କ ସମେତ ସଞ୍ଜୟ କୁମାର ସେନାପତି, ଅକ୍ଷୟ ସେଠୀ, ସୁକାନ୍ତ କୁମାର ମିଶ୍ର, ପ୍ରୀତିଶ ଗୋଚ୍ଛାୟତ, ମୋହିତ କୁମାର ଜେନା ଓ ଶଙ୍କର୍ଷଣ ପଢ଼ୀଆରି ପ୍ରମୁଖ ଉପସ୍ଥିତ ଥିଲେ।

### ଚିଠା ଭୋଟର ତାଲିକା ପ୍ରକାଶିତ

# ତାଲିକାରୁ ବାଦ୍ ପଡ଼ିଲେ ୬୫,୦୨୬ ଜଣ

ଜଗତସିଂହପୁର,୫।୭(ସମିସ)




ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରୀୟାରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ର, ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ତାଲିକା ପ୍ରକାଶ କରାଯାଉଛି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂଚନା ଦେଇ କହିଛନ୍ତି, ଚିଠା ଭୋଟର ତାଲିକା ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦିଷ୍ଟ ଅନଲାଇନ୍ ପ୍ଲାଟଫର୍ମରେ ମଧ୍ୟ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଉପଲବ୍ଧ ରହିବ। ଜିଲ୍ଲାର ସମସ୍ତ ମତଦାତାଙ୍କୁ ଚିଠା ଭୋଟର ତାଲିକାରେ ନିଜର ନାମ ଓ ବିବରଣୀ ଯାଞ୍ଚ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସ୍ଥାନ ପାଇନାହିଁ କିମ୍ବା କୌଣସି ସଂଶୋଧନ, ବିଲୋପ ଅଥବା ଆପତ୍ତି ଦାଖଲ କରିବାର ଆବଶ୍ୟକତା ଥାଏ, ତେବେ ଆଜିଠାରୁ ଠାରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅବଧି ମଧ୍ୟରେ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ/ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ।

ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ପରେ, ପ୍ରକାଶିତ ଏହି ଭୋଟର ତାଲିକା ଅନୁଯାୟୀ, ମୋଟ ୬୫,୦୨୬ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ଏହି ନାମଗୁଡ଼ିକୁ ବାଦ୍ ଦିଆଯାଉଛି। ଯେପରି ସର୍ବାଧିକ ୨୨,୫୮୫ ଜଣଙ୍କ ନାମ ମୃତ୍ୟୁବରଣ କରିଥିବା କାରଣରୁ ବାଦ୍ ପଡ଼ିବ। ସେହିପରି ୨୮,୩୧୫ ଜଣ ବ୍ୟକ୍ତି ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଥିବାରୁ ତାଙ୍କ ନାମ ତାଲିକାରୁ କଟାଯିବ। ଅନ୍ୟପକ୍ଷରେ, ୪୧୧୭ ଜଣଙ୍କର ନାମ ଦୁଇଥର ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଥିବା ବେଳେ ୯୦୯୫ ଜଣ ବ୍ୟକ୍ତି ଅନୁପସ୍ଥିତ ରହିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ କାରଣରୁ ଆଉ ୯୨୬ ଜଣଙ୍କ ନାମକୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଯୋଗ୍ୟ ମତଦାତା, ସ୍ୱୀକୃତ ରାଜନୈତିକ ଦଳ, ବୁଥ୍ ଲେଭେଲ ଏଜେଣ୍ଟ ଏବଂ ଅନ୍ୟାନ୍ୟ ସମସ୍ତ ଅଂଶୀଦାରଙ୍କୁ ଚିଠା ଭୋଟର ତାଲିକା ଯାଞ୍ଚ କରିବା ସହ ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଓ ଆପତ୍ତି ଦାଖଲ କରି ଏକ ସ୍ୱଚ୍ଛ, ସଠିକ୍, ତ୍ରୁଟିମୁକ୍ତ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତିରେ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ତଥା ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ପଞ୍ଜିକରଣ ଅଧିକାରୀ ସମ୍ବିତ କୁମାର ରାଉତ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପାରାଦୀପ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଡେପୁଟି କଲେକ୍ଟର ନିର୍ବାଚନ ପ୍ରଶାନ୍ତ ସେଠୀ, ଡେପୁଟି କଲେକ୍ଟର ତଥା ନୋଡାଲ ଅଧିକାରୀ ତୃପ୍ତିମୟୀ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତିଙ୍କ ସମେତ ନିର୍ବାଚନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

● ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଢେଙ୍କାନାଳ, ୫।୭(ସମିସ): ଜଣେ ୩ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାରକରି ଢେଙ୍କାନାଳ ଜିଲ୍ଲା ଦୌରାଜଜ ତଥା ପୋକ୍ସୋ କୋର୍ଟ ବିଚାରପତି ସୁଶୀଲ କୁମାର ସାହୁ ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଦଣ୍ଡିତ ବ୍ୟକ୍ତି ଜଣକ ହେଲେ ମହାବିରୋଡ ଥାନା ଅଞ୍ଚଳର ପାଳେଲା ସୁରେନ। ନାବାଳିକା ଘରେ ଶୋଇପଡ଼ିବାରୁ ତାକୁ ତାଙ୍କ ମାଆ ଖୁଡ଼ୀଙ୍କ ଜିମାରେ ଦେଇ ହାଟକୁ ଯାଇଥିଲେ। ଏହି ସମୟରେ ସୁରେନ ନାବାଳିକାଙ୍କ ଘର ସମ୍ମୁଖରେ ଶୋଇଥିଲେ। ନାବାଳିକାର ଖୁଡ଼ୀ ସାହିରେ ଥିବା ପାଣି ପାଇପରୁ ପାଣି ଆଣି ଘରକୁ ଫେରିବା ବେଳକୁ ନାବାଳିକାଙ୍କୁ ପାଇ ନ ଥିଲେ। ନାବାଳିକାର ମାଆ ଘରେ ପହଞ୍ଚିବା ପରେ ଉଭୟ ଖୋଜାଖୋଜି କରିବା ସମୟରେ ଘର ପଛପାଖରେ ଥିବା ନାଳରେ ନାବାଳିକା ଚିତ୍କାର ଶୁଣିଥିଲେ। ଏହି ସମୟରେ ସୁରେନ ନାବାଳିକାକୁ ଦୁଷ୍କର୍ମ କରୁଥିଲା। ମାଆ ଏବଂ ଖୁଡ଼ୀଙ୍କୁ ଦେଖି ସେ ଫେରାର ହୋଇଯାଇଥିଲା। ନାବାଳିକାର ବାପା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ସୁରେନକୁ ଗିରଫ କରିଥିଲା। ତଦନ୍ତ ଅଧିକାରୀ କାଶୀନାଥ ହାଁସଦା ଅଦାଲତରେ ଅଭିଯୋଗ ପତ୍ର ଦାଖଲ କରିବା ପରେ ମାମଲାର ବିଚାର ଶୁଣାଣି ହୋଇଥିଲା। ସମସ୍ତ ସାକ୍ଷ୍ୟପ୍ରମାଣ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ପାଳେଲା ସୁରେନକୁ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ଓ ପିପି ସାତାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ସ୍ମିତା ପଟ୍ଟନାୟକ ଓ ସରକାରୀ ଓକିଲ ସୁଶାନ୍ତ କୁମାର ପାଣିଗ୍ରାହୀ ପରିଚାଳନା କରୁଥିଲେ।

● ବ୍ରାହ୍ମଣବାଟି ଗ୍ରାମରେ ଆକ୍ରମଣ ଘଟଣା

## ୧୩ବର୍ଷ ପରେ ଦୋଷୀକୁ ବର୍ଷେ ଜେଲ୍

ଗଁଦିଆ, ୫।୭(ସମିସ): ଏକ ଆକ୍ରମଣ ମାମଲାର ଶୁଣାଣି କରି ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଞ୍ଜୁ ସାହୁ ଅଭିଯୁକ୍ତ ମାନସ ସାହୁଙ୍କୁ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୩ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ମାସ କାରାଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଜମିବାଡ଼ି ବିବାଦକୁ କେନ୍ଦ୍ରକରି ୨୦୧୩ ଜୁନ ୨୫ ତାରିଖ ନିଜନ୍ତପ୍ରସାଦ ଥାନା ବ୍ରାହ୍ମଣବାଟି ଗ୍ରାମର ସନାତନ ସାହୁଙ୍କୁ ତାଙ୍କ ପୁତୁରା ମାନସ ସାହୁ (୪୦) ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ଏପରିକି ସନାତନଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଗୌରହରି ସାହୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ମାମଲାରେ ସମୁଦାୟ ୯ ଜଣ ସାକ୍ଷୀ ଏବଂ ୪ଟି ଦସ୍ତାବିଜ ଆଧାରରେ ତଥା ଆନୁସାଙ୍ଗିକ ପ୍ରମାଣକୁ ଭିତ୍ତିକରି ମାନସ ସାହୁଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସନାତନଙ୍କୁ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ କ୍ୟାପଟର ଏପିପି ଶାଶ୍ୱତ ଜେନା ପରିଚାଳନା କରୁଥିବା ବେଳେ ଏପିପି ଜୟକୃଷ୍ଣ ସାହୁ ସହଯୋଗ କରିଥିଲେ।

## ଆସିଲା ବର୍ଷା, ଚାଲିଲା ଚାଷକାର୍ଯ୍ୟ

ଗଁଦିଆ, ୫।୭(ସମିସ): ଢେଙ୍କାନାଳ ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ଗଁଦିଆ ବ୍ଲକରେ ଚାଷକାର୍ଯ୍ୟ ଆଗେଇ ଚାଲିଛି। କପିଳାସ ପାଦଦେଶରେ ଅବସ୍ଥିତ ବିଶ୍ୱନାଥପୁର ଗାଁରେ ଚାଷ ଅନୁକୂଳ ବର୍ଷା ହେବା ପରେ ଚାଷୀମାନେ ତତ୍ପର ହୋଇ ଚାଷ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଧାନ ଚାଷ ପାଇଁ ତଳିଗୁଆ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବିଲରେ ଚାଷୀଙ୍କ ବ୍ୟସ୍ତତା ଦେଖିବାକୁ ମିଳୁଛି। ସମୟୋପଯୋଗୀ ବର୍ଷା ଯୋଗୁଁ ଚାଷ ଜମିରେ ପର୍ଯ୍ୟାପ୍ତ ପାଣି ଜମିଥିବାରୁ ଚାଷୀମାନେ ଚାଷ ନକରି ଚଳି ରୁଆ ସମ୍ପୂର୍ଣ୍ଣ କରୁଛନ୍ତି। ଆଗାମୀ ଦିନରେ ପାଗ ଅନୁକୂଳ ରହିଲେ ଧାନ ଚାଷ ଭଲ ହେବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି। ବର୍ତ୍ତମାନ କପିଳାସ ପାଦଦେଶର ସବୁଜ ଧାନ କ୍ଷେତ ଏବଂ ଚାଷୀଙ୍କ କର୍ମବ୍ୟସ୍ତତା ଗ୍ରାମାଞ୍ଚଳରେ କୃଷିର ସଜୀବ ଚିତ୍ର ପ୍ରଦର୍ଶନ କରୁଛି।

● ବଣିଆପଡ଼ା ଛକରେ କୃତ୍ରିମ ବନ୍ୟା

## ପାଣି ଘେରରେ ରାଜସ୍ୱ କାର୍ଯ୍ୟାଳୟ

ଗଁଦିଆ, ୫।୭(ସମିସ): ଗଁଦିଆ ବ୍ଲକରେ ଦୁଇଦିନ ଧରି ଲଗାଣ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅଧିକାଂଶ ସ୍ଥାନରେ ବର୍ଷା ପାଣି ଜମି ରହିଛି। ବିଶେଷ କରି ବଣିଆପଡ଼ା ଛକରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ଫଳରେ ଉପର ମୁଣ୍ଡରୁ ବଦଳ ପାଣି ମାଡ଼ିଆସି ଉକ୍ତ ଛକରେ ଜମି ରହିବା ସହ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଉକ୍ତ ଛକରେ



ଡ୍ରେନେଜର ବିଶେଷ ସୁବିଧା ନ ଥିବାରୁ ବର୍ଷା ପାଣି ନିଷ୍କାସନରେ ବିଳମ୍ବ ଘଟୁଛି। ସେହିପରି ଉକ୍ତ ଛକର ଡାହାଣ ପାର୍ଶ୍ୱ ଖାଲୁଅ ଅଞ୍ଚଳ ମଧ୍ୟରେ ନିକଟରେ ଥିବା ଗଁଦିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ପାଣି ଘେରରେ ରହିଯାଇଛି। ଛକରେ ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ପୋଲିଆ ଅଣଓସାରିଆ ଥିବା ସହ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଥିବାରୁ ବର୍ଷା ଜଳ ନିଷ୍କାସନରେ ଆନ୍ତରାୟ ସୃଷ୍ଟି ହେଉଛି। ଏଠାରେ ଜଳ ନିଷ୍କାସନ ନିମନ୍ତେ ସ୍ଥାୟୀ ଓସାରିଆ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। କିନ୍ତୁ ତାହା କେବେ ଫଳବତୀ ହେବ ତାହା ସମୟ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଦୁଗ୍ଧ ବିପ୍ଳବର ନୂଆ ଠିକଣା

# ୩୫୦ ପରିବାର ଉପକୃତ, ଦୈନିକ ୧୬୨୦ ଲିଟର ଉତ୍ପାଦନ

ଢେଙ୍କାନାଳ, ୫।୭(ସମିସ)





ଗଁଦିଆ ବ୍ଲକ ଷଢଙ୍ଗ ପଞ୍ଚାୟତ ଏବଂ ସଦର ବ୍ଲକ ହରେକୃଷ୍ଣପୁର ପଞ୍ଚାୟତ ଏବେ ଦୁଗ୍ଧ ବିପ୍ଳବର ନୂଆ ଠିକଣା ପାଲଟିଛି। ମିଲ୍କ ଭିଲେଜ୍ କାର୍ଯ୍ୟକ୍ରମ ଯୋଜନାରେ ଶହ ଶହ ପରିବାରର ସ୍ୱାବଲମ୍ବୀ ହେବା ସହିତ ନୂଆପରିଚୟ ସୃଷ୍ଟି କରିଛନ୍ତି। ଗ୍ରାମାଞ୍ଚଳର ଆର୍ଥିକ ସ୍ୱାବଲମ୍ବନର ନୂଆ ଦିଗ ଦେଖାଇଛି ଜିଲ୍ଲା ପ୍ରଶାସନର ମିଲ୍କ ଭିଲେଜ୍ କାର୍ଯ୍ୟକ୍ରମ। ଦୁଗ୍ଧ ଚାଷ କେବଳ ଆୟର ମାଧ୍ୟମ ନୁହେଁ, ବରଂ ଗ୍ରାମୀଣ ସମୃଦ୍ଧି ଓ ସ୍ୱାବଲମ୍ବନର ପଥ ଭାବେ ଗ୍ରହଣ କରି ଜିଲ୍ଲାପାଳଙ୍କ ପ୍ରୟାସରେ ଆରମ୍ଭ ହୋଇଥିବା ଏହି ଅଭିନବ କାର୍ଯ୍ୟକ୍ରମ ଆଜି ଶହ ଶହ ଗ୍ରାମୀଣ ପରିବାରଙ୍କ ଜୀବନରେ ଆର୍ଥିକ ପରିବର୍ତ୍ତନ ଆଣିଛି।

ଷଢ଼ଙ୍ଗୀ ଏବଂ ହରେକୃଷ୍ଣପୁର ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ଥିଲା ନିଷ୍କ୍ରିୟ ହୋଇପଡ଼ିଥିବା ଦୁଇଟି ଦୁଗ୍ଧ ସମବାୟ ସମିତିକୁ ପୁନର୍ଜୀବିତ କରିବା, ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା। ଏବେ ଏହି ଯୋଜନା ସଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସଫଳ କାର୍ଯ୍ୟକାରିତା ପ୍ରମୁଖ ଭୂମିକା ନେଇଛି। ପ୍ରାୟ ୨.୩୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଦୁଗ୍ଧାଳୁ ଗାଈ ସହ ଏକ ଡେରି ୟୁନିଟ୍ ସ୍ଥାପନ ପାଇଁ ସାଧାରଣ ବର୍ଗର ହିତାଧିକାରୀଙ୍କୁ ୫୦ ପ୍ରତିଶତ ଏବଂ ଅନୁସୂଚିତ ଜାତି, ଜନଜାତି, ମହିଳା ଓ ଦିବ୍ୟାଙ୍ଗଙ୍କୁ ୬୦ ପ୍ରତିଶତ ସବସିଡି ପ୍ରଦାନ କରାଯାଉଛି। ପ୍ରାଣୀ ସମ୍ପଦ ବିଭାଗ, ଓଡ଼ିଶା ଜୀବିକା ମିଶନ, ଓମଫେଡ୍ ଏବଂ ବିଭିନ୍ନ ଆର୍ଥିକ ଅନୁଷ୍ଠାନର ସମନ୍ୱୟରେ କାର୍ଯ୍ୟକ୍ରମକୁ ସଫଳ ଭାବେ ଆଗେଇ ନିଆଯାଇଛି। ପଶୁପାଳନ, ରୋଗ ନିୟନ୍ତ୍ରଣ, ପଶୁ ବୀମା, ଗୋଖାଦ୍ୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ସହ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସିଆଇଏଫ, ଆରଏ. ପିଏମଏଫଏମଇ ଭଳି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଏବଂ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଇଛି। ଓମଫେଡ୍, ଦୁଗ୍ଧ ସଂଗ୍ରହ କେନ୍ଦ୍ର ଓ ସ୍ଥାନୀୟ ବଜାର ସହ ସଂଯୋଗ ଯୋଗୁଁ ଉତ୍ପାଦିତ ଦୁଗ୍ଧର ବିକ୍ରି ମଧ୍ୟ ସୁନିଶ୍ଚିତ ହୋଇଛି। ମୋଟ ୩୫୦ ପରିବାର ଏହା ଦ୍ୱାରା ଉପକୃତ ହୋଇଥିବାବେଳେ ୩୪୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ସକ୍ରିୟ ଭାବେ ଯୋଗଦେଇଛନ୍ତି। ଦୁଗ୍ଧ ସମବାୟ ସମିତିର ସକ୍ରିୟ ସଦସ୍ୟ ସଂଖ୍ୟା ୩୨ରୁ ବୃଦ୍ଧି ପାଇ ୮୧ରେ ପହଞ୍ଚିଛି। ପ୍ରତିଦିନ ଦୁଗ୍ଧ ସଂଗ୍ରହ ପରିମାଣ ୧୧୦ ଲିଟରରୁ ବଢ଼ି ୧, ୬୨୦ ଲିଟରରେ ପହଞ୍ଚିଛି। ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟ ସଂଖ୍ୟା ୧୨ରୁ ବୃଦ୍ଧି ପାଇ ୭୨ ହୋଇଥିବାବେଳେ ପ୍ରତ୍ୟେକ ପରିବାରର ଅତିରିକ୍ତ ମାସିକ ଆୟ ପ୍ରାୟ ୪ ହଜାର ଟଙ୍କାରୁ ବୃଦ୍ଧି ପାଇ ୧୮ ହଜାର ଟଙ୍କାରେ ପହଞ୍ଚିଛି।

ଦୁଇ ଯୋଗ ଦୁଇ (୨+୨) ଗାଈ ପାଳନ ମଡେଲ୍ ଅନୁସାରେ ଜଣେ ଚାଷୀ ପ୍ରତିମାସ ପ୍ରାୟ ୩୦ ହଜାର ଟଙ୍କାର ଦୁଗ୍ଧ ବିକ୍ରି କରୁଥିବାବେଳେ ପ୍ରାୟ ୧୨ ହଜାର ଟଙ୍କା ଖର୍ଚ୍ଚ ପରେ ୧୮ ହଜାର ଟଙ୍କା ଲାଭ ହାସଲ କରୁଛନ୍ତି। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଅଧୀନରେ ଦୁଇଟି ଦୁଗ୍ଧ ସମବାୟ ସମିତି ସଫଳତାର ସହ କାର୍ଯ୍ୟ କରୁଛି। ପିଏମ୍‌ଏଫ୍‌ଏମ୍‌ଇ ଯୋଜନା ଅଧୀନରେ ପାଞ୍ଚଜଣ ସଦସ୍ୟ ଛେନା, ପନିର, ବିଭିନ୍ନ ମିଠା, ମଗଜି ଲଡୁ, ଖୁଆ ଭଳି ମୂଲ୍ୟଯୁକ୍ତ ଦୁଗ୍ଧଜାତ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଉତ୍ପାଦିତ ଦୁଗ୍ଧର ପ୍ରାୟ ୬୦ ପ୍ରତିଶତ ସମବାୟ ସମିତି ମାଧ୍ୟମରେ ବିକ୍ରି ହେଉଥିବାବେଳେ ଅବଶିଷ୍ଟ ୪୦ ପ୍ରତିଶତ ଦୁଗ୍ଧକୁ ମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ କରାଯାଉଛି। ଏଥିପାଇଁ ପ୍ରତ୍ୟେକ ସଦସ୍ୟଙ୍କୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ଏହି ସଫଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଢେଙ୍କାନାଳର ଅନ୍ୟାନ୍ୟ ବ୍ଲକରେ ମଧ୍ୟ ଏହି ମଡେଲ୍‌ର ସମ୍ପ୍ରସାରଣ ପାଇଁ ଯୋଜନା କରିଛି।

ଫଟୋଗ୍ରାଫର ରାଜେଶ ପାଣି ହତ୍ୟା ଘଟଣା

## ଲୁଟ୍ ପାଇଁ ନିଶାବଟିକା ଦେଇ ହତ୍ୟା



ମୁଖ୍ୟ ଅଭିଯୁକ୍ତ ଗିରଫ: ସୂଚନା ଦେଲେ ଏସ୍‌ପି

କାମାକ୍ଷାନଗର, ୫।୭(ସମିସ): ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ଫଟୋଗ୍ରାଫର ରାଜେଶ ପାଣି ହତ୍ୟାକାଣ୍ଡର ଦୀର୍ଘଦିନ ପରେ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଲୁଟ୍ ପାଇଁ ମୃଦୁ ପାନୀୟରେ ନିଶାବଟିକା ମିଶାଇ ରାଜେଶଙ୍କୁ ହତ୍ୟା କରାଯାଇଥିବା ସୂଚନା ଦେଇଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକାର। ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଅଞ୍ଚଳର ସମ୍ପଦ ସାହୁଙ୍କୁ ଗିରଫ ପରେ କାମାକ୍ଷାନଗର ଏସଡିପିଓ ଅଫିସରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି।

୨୦୨୫ ନଭେମ୍ବର ୧୪ରେ ରାଜେଶ କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମକୁ ଭିଡିଓ ଶୁଟିଂ କରିବାକୁ ଆସି ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ମୁକ୍ତାପଶି ମଠ ନିକଟ ପୋଖରୀରୁ ରାଜେଶଙ୍କ ମୃତଦେହ ମିଳିଥିଲା। ରାଜେଶଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡର ଦୀର୍ଘ ୮ ମାସ ପରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହିତ ଲୁଟ ପାଇଁ ହତ୍ୟା ହୋଇଥିବା ନେଇ ସୂଚନା ଦେଇଛି। ରାଜେଶଙ୍କୁ ମୃଦୁ ପାନୀୟରେ ଅଟିଭନ ନାମକ ଏକ ନିଶା ବଟିକା ଦିଆଯାଇ ହତ୍ୟା କରାଯାଇଥିବା ଏସପି ସୂଚନା ଦେଇଛନ୍ତି। ରାଜେଶଙ୍କ ନିକଟରେ ଦାମୀ କ୍ୟାମେରା, ସୁନାଚେନ ଓ ମୁଦି ଲୁଟ୍ ପାଇଁ ହତ୍ୟା କରାଯାଇଥିବା ସେ କହିଛନ୍ତି। ଏହି ଘଟଣାରେ ପୁଲିସ ପୂର୍ବରୁ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ସମ୍ପଦ ନିକଟରୁ ୧୨ ହଜାର ଟଙ୍କା, ୫ଟି ନିଶା ବଟିକା, ଗୋଟିଏ ମୋବାଇଲ ଓ ୫ଟି ସିମକାର୍ଡ ଜବତ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳବନ୍ଦୀରେ ବଉଳଛକ ସାହି

ପରଜଙ୍ଗ, ୫।୭(ସମିସ): ଢେଙ୍କାନାଳଜିଲ୍ଲା ପରଜଙ୍ଗ ବ୍ଲକ ରୋଡ଼ ଗ୍ରାମର ବଉଳଛକ ସାହି ବାସିନ୍ଦା ଚଳିତ ଲଗାଣ ବର୍ଷାରେ ଜଳବନ୍ଦୀରେ ଜୀବନ ଅତିବାହିତ କରୁଛନ୍ତି। ଦୁଇ ଦିନ ଧରି ଲଗାଣ ମୌସୁମୀ ବର୍ଷାରେ ଶତାଧିକ ପରିବାର ଜଳବନ୍ଦୀରେ ରହିଛନ୍ତି। ରୋଡ଼ ଗ୍ରାମ ଠାରୁ ପାଣିଭଣ୍ଡାର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ନଳା ନଥିବା ଯୋଗୁଁ ବର୍ଷା ପାଣି ନିଷ୍କାସନ ନହେବାରୁ ବଉଳ ଛକ ସାହି ଜଳବନ୍ଦୀରେ ରହିଛନ୍ତି। ସେହିପରି ରୋଡ଼ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଠାରୁ ଉକ୍ତ ସାହିକୁ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଡ୍ରେନ୍ ନଥିବା ବେଳେ ବର୍ଷା ପାଣି ନିଷ୍କାସନରେ ବାଧକ ଉପୁଜୁଥିବା ନେଇ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ନାୟକ କୁହନ୍ତି। ଉଭୟ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ଓ ନଳା ବ୍ୟବସ୍ଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଯଥାଶୀଘ୍ର ଯୋଗାଇଦେବା ନିମନ୍ତେ ଦାବି ହୋଇଛି।

● ଲଗାଣବର୍ଷାରେ ବେହାଲ କାମାକ୍ଷାନଗର

## ଦୋକାନ ଭିତରେ ଆଣ୍ଠୁଏ ପାଣି



କାମାକ୍ଷାନଗର, ୫।୭(ସମିସ): ଲଘୁଚାପ ଜନିତ ପ୍ରବଳ ବର୍ଷାରେ ବେହାଲ କାମାକ୍ଷାନଗର ସହର। ଚାରିରୁ ପାଞ୍ଚ ଘଣ୍ଟା ଧରି ପ୍ରବଳ ବର୍ଷା ଲାଗିରହିଥିବା ବେଳେ ଏବେ ସହରର ଦୋକାନ ଭିତରେ ଆଣ୍ଠୁଏଆଣ୍ଠୁଏ ପାଣି। ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଅନେକ ଆସବାବପତ୍ର ପାଣିରେ ଧୋଇ ହୋଇଯାଇଛି। ସହରର ଥାନାସାମ୍ନାରେ ଥିବା ମାର୍କେଟ କମ୍ପ୍ଲେକ୍ସ, ତରୁଣବଜାର, ଜଗନ୍ନାଥ ବଜାର, ଲକ୍ଷ୍ମୀ ବଜାରରେ ରାସ୍ତାରେ ପାଣି ଚାଲୁଥିଲା ବେଳେ ତଳିଆ ସ୍ଥାନରେ ଥିବା ଦୋକାନ ଗୁଡିକରେ ପାଣି ପଶି ଯାଇଛି। ଯାହା ଫଳରେ ସ୍ଥାନୀୟ ବ୍ୟବସାୟୀ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଲଗାଣବର୍ଷା ଫଳରେ ସହରର ଅନେକ ସାହି, ବସ୍ତିରେ ପାଣି ଆସି ବହୁସଂଖ୍ୟକ ଘରେ ପାଣି ପଶିଥିବା ବେଳେ ଅନେକ ସାହି ରାସ୍ତାରେ ଦୁଇ ଫୁଟ ଲେଖାଏ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଅନେକ ଅସୁବିଧା ସାମ୍ନାକୁ ଆସିଛି।

## କପିଳାସ-ଯୋରନ୍ଦା-ମାର୍ଥାପୁର ରେଳପଥ ନିର୍ମାଣ ଦାବି

ଢେଙ୍କାନାଳ, ୫।୭(ସମିସ): ଢେଙ୍କାନାଳ ଜିଲ୍ଲା ଗୋବିନ୍ଦପୁର ରେଳ ଷ୍ଟେସନ ଠାରୁ କପିଳାସ–ଜୋରନ୍ଦା–ମର୍ଥାପୁର ଦେଇ ତାଙ୍ଗେରିଆ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଦାବି କରାଯାଇଛି।ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତିନବୀନ ନନ୍ଦ କେନ୍ଦ୍ର ରେଳମନ୍ତ୍ରୀଅଶ୍ୱିନୀ ବୈଷ୍ଣବଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ପ୍ରଦାନ କରି ଢେଙ୍କାନାଳର ଗୋବିନ୍ଦପୁରଠାରୁ କପିଳାସ, ଜୋରନ୍ଦା ଓ ମର୍ଥାପୁର ଦେଇ ତାଙ୍ଗେରିଆ ପର୍ଯ୍ୟନ୍ତ ଏକ ନୂତନ ରେଳପଥ ନିର୍ମାଣ କରି ଏହାକୁ ଅନୁଗୁଳ–ସୁକିନ୍ଦା–ଡୁବୁରୀ ରେଳପଥ ସହ ସଂଯୋଗ କରିବା ପାଇଁ ଦାବି ଜଣାଇଛନ୍ତି।ପ୍ରସ୍ତାବିତ ରେଳପଥ ଢେଙ୍କାନାଳ ଜିଲ୍ଲାର ସାମାଜିକ, ଆର୍ଥିକ, ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ ଓ ଆଞ୍ଚଳିକ ବିକାଶ କ୍ଷେତ୍ରରେ ଏକ ନୂଆ ଦିଗ ଖୋଲିଦେବ। ବିଶେଷକରି କପିଳାସ, ଯାହା ଓଡ଼ିଶାର ପ୍ରମୁଖ ଶୈବ ପୀଠମାନଙ୍କ ମଧ୍ୟରୁ ଅନ୍ୟତମ, ପ୍ରତିବର୍ଷ ମହାଶିବରାତ୍ରି, ଶ୍ରାବଣ ଓ କାର୍ତ୍ତିକ ମାସରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସେହିପରି ଜୋରନ୍ଦାସ୍ଥିତ ମହିମାଗାଦି, ମହିମା ଧର୍ମର ପ୍ରମୁଖ ପୀଠ ହୋଇଥିବାବେଳେ ମାଘମେଳା ଅବସରରେ ଦେଶ-ବିଦେଶରୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ତଥାପି ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥାନକୁ ସିଧାସଳଖ ରେଳ ସଂଯୋଗ ନାହିଁ।ପ୍ରସ୍ତାବିତ ରେଳପଥ ନିର୍ମାଣ ହେଲେ ଧାର୍ମିକ ପର୍ଯ୍ୟଟନ, ଐତିହ୍ୟ ପର୍ଯ୍ୟଟନ ଓ ପରିବେଶ ପର୍ଯ୍ୟଟନର ବ୍ୟାପକ ବିକାଶ ହେବା ସହ ହୋଟେଲ, ପରିବହନ, ଆତିଥ୍ୟ ଓ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିକ ଶିଳ୍ପରେ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଇବ ଏବଂ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହେବ।ଏହି ରେଳପଥ ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାର ବହୁ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଜାତୀୟ ରେଳ ନେଟୱାର୍କ ସହ ଯୋଡ଼ି ହେବ। ଫଳରେ ଚାଷୀ, ବ୍ୟବସାୟୀ, ଛାତ୍ରଛାତ୍ରୀ, କ୍ଷୁଦ୍ର ଉଦ୍ୟୋଗୀ ଓ ସାଧାରଣ ଲୋକ ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଓ ନିଯୁକ୍ତି କ୍ଷେତ୍ରରେ ବହୁତ ଉପକୃତ ହେବେ।ଶ୍ରୀ ନନ୍ଦ ସ୍ମାରକପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ସ୍ୱାଧୀନତା ପରଠାରୁ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଦେଶର ଏକ ପ୍ରମୁଖ କୋଇଲା ଉତ୍ପାଦନ କ୍ଷେତ୍ର ଭାବେ ଭାରତୀୟ ରେଳବାଇକୁ ବିପୁଳ ରାଜସ୍ୱ ପ୍ରଦାନ କରିଆସିଛି। କୋଇଲା ପରିବହନ ବାବଦରେ ଭାରତୀୟ ରେଳବାଇ ଗତ କିଛି ଦଶନ୍ଧି ମଧ୍ୟରେ ଆନୁମାନିକ ତିନି ଲକ୍ଷ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ କରିଥିବା ସତ୍ତ୍ୱେ ଜିଲ୍ଲା ସେହି ଅନୁପାତରେ ରେଳ ଭିତ୍ତିଭୂମିର ବିକାଶ ପାଇନାହିଁ।ସେ ପ୍ରସ୍ତାବ ଦେଇଛନ୍ତି ଯେ, ପ୍ରକଳ୍ପଟିକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ ଗୋବିନ୍ଦପୁରରୁ କପିଳାସ, ଜୋରନ୍ଦା ଓ ମର୍ଥାପୁର ଦେଇ ତାଙ୍ଗେରିଆ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଯାତ୍ରୀ ଓ ମାଲବାହୀ ସେବାର ସମ୍ପ୍ରସାରଣ କରାଯିବ।ଏହି ରେଳପଥ ସମ୍ପୂର୍ଣ୍ଣ ହେଲେ ଭୁବନେଶ୍ୱର–କପିଳାସ–ଜୋରନ୍ଦା–କାମାକ୍ଷାନଗର–ସମ୍ବଲପୁର ଏବଂ ଭୁବନେଶ୍ୱର–କପିଳାସ–ଜୋରନ୍ଦା–ଭୁବନ–କଳିଙ୍ଗନଗର–କେନ୍ଦୁଝର ଭଳି ନୂତନ ରେଳ କରିଡର ସୃଷ୍ଟି ହେବ। ଏହା ଯାତ୍ରା ସମୟ ହ୍ରାସ କରିବା ସହ ଯାତ୍ରୀ ସୁବିଧା, ମାଲ ପରିବହନ ଏବଂ ଉପକୂଳ, ମଧ୍ୟ ଓ ଉତ୍ତର ଓଡ଼ିଶା ମଧ୍ୟରେ ସଂଯୋଗକୁ ଆହୁରି ସୁଦୃଢ଼ କରିବ।ଏହି ପ୍ରକଳ୍ପ ଧାର୍ମିକ ଓ ପରିବେଶ ପର୍ଯ୍ୟଟନର ବିକାଶ, ପଛୁଆ ଅଞ୍ଚଳର ସଂଯୋଗ, ବ୍ୟାପକ ନିଯୁକ୍ତି ସୃଷ୍ଟି, ଶିଳ୍ପ ଓ ବାଣିଜ୍ୟର ବିକାଶ, କୃଷି ଓ ବନଜାତ ଦ୍ରବ୍ୟର ପରିବହନ, ସଡ଼କ ଯାତାୟାତ ଚାପ ଓ ପ୍ରଦୂଷଣ ହ୍ରାସ ସହିତ ବିକଶିତ ଭାରତ–୨୦୪୭ର ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

## ଭୋଟର ତାଲିକା ପ୍ରକାଶ, ରାଜନୈତିକ ଦଳ ସହିତ ବୈଠକ





ଢେଙ୍କାନାଳ, ୫।୭(ସମିସ): ଢେଙ୍କାନାଳ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆଧାରରେ ଖସଡ଼ା ଭୋଟର ତାଲିକା ପ୍ରକାଶ ନେଇ ବଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ–୨୦୨୬ର ଉଦ୍ଦେଶ୍ୟ ଓ ମୁଖ୍ୟ ବୈଶିଷ୍ଟ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ସମସ୍ତ ଯୋଗ୍ୟ ମତଦାତାଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ଏବଂ ଅଯୋଗ୍ୟ ନାମଗୁଡ଼ିକୁ ବାଦ ଦେବା ହେଉଛି ଏହି ସଂଶୋଧନ ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଥିଲା।

ରବିବାର ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ସମସ୍ତ ମତଦାନ କେନ୍ଦ୍ର, ନିର୍ବାଚନ ପଞ୍ଜୀକରଣ ଅଧିକାରୀ କାର୍ଯ୍ୟାଳୟ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କାର୍ଯ୍ୟାଳୟରେ ରାଜନୈତିକ ଦଳ ଓ ସାଧାରଣ ଜନତାଙ୍କ ଅବଲୋକନ ପାଇଁ ଉପଲବ୍ଧ ରହିଛି। ଦାବି ଓ ଆପତ୍ତି ଦାଖଲ ସମୟସୀମା ଅଗଷ୍ଟ ୪ ପର୍ଯ୍ୟନ୍ତ ରହିବ। ମତଦାତାମାନେ ଭୋଟର ହେଲ୍ପଲାଇନ ଆପ, ଇସିଆଇନେଟ, ଏନଭିଏସପି ମୋବାଇଲ ଆପ୍ ମାଧ୍ୟମରେ ଅନ୍‌ଲାଇନ୍ କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟରେ ହାର୍ଡ କପି ମାଧ୍ୟମରେ ଆବେଦନ କରିପାରିବେ। ନୂତନ ନାମ ସାମିଲ ପାଇଁ ଫର୍ମ-୬, ନାମ ବାଦ ପାଇଁ ଫର୍ମ-୭ ଏବଂ ସଂଶୋଧନ, ଠିକଣା ପରିବର୍ତ୍ତନ, ଡୁପ୍ଲିକେଟ୍ ବଦଳ ଇପିଆଇସି ଓ ପିଡବ୍ଲ୍ୟୁଡି ଚିହ୍ନଟ ପାଇଁ ଫର୍ମ-୮ ବ୍ୟବହାର କରାଯିବ। ଦାବି ଓ ଆପତ୍ତିର ଶୁଣାଣି ଓ ଫଇସଲା ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା କରାଯିବ। ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ଭୂମିକା, ଖସଡ଼ା ଭୋଟର ତାଲିକା ଯାଞ୍ଚ, ଅସଙ୍ଗତି ଥିଲେ ତାହା ଜଣାଇବା ଏବଂ ଯୋଗ୍ୟ ମତଦାତାଙ୍କ ଅନ୍ତର୍ଭୁକ୍ତି ସହ ଅଯୋଗ୍ୟ ନାମ ବାଦ ପାଇଁ ରାଜନୈତିକ ଦଳମାନଙ୍କ ସହଯୋଗ କାମନା କରାଯାଇଥିଲା। ଏଥିସହ ମତଦାତା ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବାକୁ ମଧ୍ୟ ଆହ୍ୱାନ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ। ଶେଷରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଖସଡ଼ା ଭୋଟର ତାଲିକାର ମୁଦ୍ରିତ ଏବଂ ଇଲେକ୍ଟ୍ରୋନିକ୍ କପି ପ୍ରଦାନ କରାଯାଇଥିଲା। ବୈଠକରେ ବିଜେପିର ବିଘ୍ନେଶ୍ୱର ଦୋରା, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ବିଜେଡି ପ୍ରତିନିଧି ବିଷ୍ଣୁ ପ୍ରସାଦ କର, ଆମ୍ ଆଦମୀ ପାର୍ଟିର ପଙ୍କଜ କୁମାର ନାୟକ ଏବଂ କଂଗ୍ରେସର ଶିକ୍ଷୀଶ୍ରୀ ହରିଚନ୍ଦନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

## ଡ. ଶ୍ୟାମସୁନ୍ଦର ଆଇଜିଆଇଟିର ପରିଚାଳନା କମିଟି ଅଧ୍ୟକ୍ଷ



ଢେଙ୍କାନାଳ, ୫।୭(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ (ଆଇଜିଆଇଟି)ର ପରିଚାଳନା କମିଟି ଅଧ୍ୟକ୍ଷ ପଦ ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବା ବେଳେ ରାଜ୍ୟ ସରକାର ପ୍ରଫେସର ଡ. ଶ୍ୟାମସୁନ୍ଦର ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିଛନ୍ତି। ଚାରି ଦଶନ୍ଧିରୁ ଅଧିକ ବର୍ଷ ଧରି ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ତଥା ରାଜ୍ୟର ବହୁ ଯୁବପିଢ଼ିଙ୍କୁ ବୈଷୟିକ ଶିକ୍ଷାଦାନ ଯୋଗାଇଦେବା ସହ ରାଜ୍ୟ ତଥା ଦେଶରେ ବେଶ ସୁନାମ ଅର୍ଜନ କରିଥିବା ଆଇଜିଆଇଟିକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘବର୍ଷ ଧରି ଅଞ୍ଚଳବାସୀ ଦାବି କରିଥିଲେ। ଚଳିତ ବର୍ଷ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନିମନ୍ତେ ପତ୍ର ଲେଖିଛନ୍ତି। ତେଣୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ମାନ୍ୟତା ନିମନ୍ତେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଅଧ୍ୟକ୍ଷ ପଦ ପୂରଣ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଡ. ପଟ୍ଟନାୟକ ବର୍ତ୍ତମାନ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଭାବେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ଚଣ୍ଡିଗଡ଼ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟିଚର୍ସ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ନିର୍ଦ୍ଦେଶକ ଭାବେ ସେବା ଦେଇଥିବା ସହ ଓଡ଼ିଶା ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର କୁଳପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ପ୍ରଫେସର ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପରୀକ୍ଷା ପ୍ରଣାଳୀରେ ସୁଧାର ଆଣିଥିବା ଓ ପ୍ରଶାସନିକ କୌଶଳର ପ୍ରମାଣ ରହିଛି। ଆଇଜିଆଇଟି ଏକ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ, ସମସ୍ତଙ୍କ ସହଯୋଗରେ ଏହାକୁ ଆଗକୁ ନେବା ଓ ଉଚ୍ଚ ଶିକ୍ଷାରେ ନୂଆ ମାନକ ସ୍ଥାପନ କରିବାକୁ ପ୍ରୟାସ ରହିବ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୩ ● ପାଉଣ୍ଡ ୧୨୪.୪୯
- ୟୁରୋ ୧୦୭.୧୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୫୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୭୬୩.୦୦
- ନିଫ୍ଟି ୨୪,୨୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଇ-୨୦ ପେଟ୍ରୋଲକୁ ୫୩% ଗାଡ଼ି ମାଲିକଙ୍କ ବିରୋଧ



**ମାଇଲେଜ୍ କମୁଛି, ବଢୁଛି ମରାମତି ଖର୍ଚ୍ଚ**

**ସରକାରଙ୍କ ପରିଚାଳନାଗତ ବ୍ୟବସ୍ଥାରେ ଖୁସିନାହାଁନ୍ତି ଲୋକେ**

**ଦେଶର ୩୧୬ ଜିଲାରେ କରାଯାଇଛି ସର୍ଭେ**

**ଲୋକାଲ୍ ସର୍କଲ୍ସ ରିପୋର୍ଟ**

ନୂଆଦିଲ୍ଲୀ,୫।୭(ଏଜେନ୍ସି): ପେଟ୍ରୋଲ (ଇ-୨୦ ଇନ୍ଧନ) ସହିତ ୨୦% ଇଥାନଲ୍ ମିଶ୍ରଣ ଅର୍ଥାତ୍ ଇ-୨୦ ପେଟ୍ରୋଲକୁ ନେଇ ଦେଶରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ ସରକାର ଯେତେ ସଫେଇ ଦେଲେ ବି ଲୋକେ ଏଥିରେ ଖୁସିନାହାନ୍ତି। ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଲୋକଙ୍କ ଗାଡ଼ି ଖରାପ ହେଉଥିବା ନିୟମିତ ଅଭିଯୋଗମାନ ଆସୁଛି। ବିଶେଷ କରି ସେହିମାନେ ଅଧିକ ଅସନ୍ତୋଷ ପ୍ରକାଶ କରୁଛନ୍ତି, ଯେଉଁମାନଙ୍କ ପାଖରେ ପୁରୁଣା ପେଟ୍ରୋଲ ଚାଳିତ ଗାଡ଼ି ଅଛି। ସେମାନଙ୍କ ଗାଡ଼ି ଇଥାନଲରେ ଚାଲିବା ଭଳି ଡିଜାଇନ କରାଯାଇ ନ ଥିବାରୁ ସେମାନଙ୍କୁ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସରକାରଙ୍କର ଇ-୨୦ ନୀତି ଉପରେ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପ୍ରତି କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଦେଶର ଅଧିକାଂଶ ଗାଡ଼ି ମାଲିକ ସରକାରଙ୍କ ଇ-୨୦ ପେଟ୍ରୋଲ କାର୍ଯ୍ୟକାରିତାକୁ ଅତ୍ୟନ୍ତ ଖରାପ ବୋଲି ବର୍ଣ୍ଣନା କରିଛନ୍ତି। ବିଶେଷକରି ଏହାକୁ ପ୍ରଭାବହୀନ ବୋଲି କହିଛନ୍ତି। ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜରେ ହ୍ରାସ ଏବଂ ଇଞ୍ଜିନ୍‌ରେ ତ୍ରୁଟିକୁ ନେଇ ଯାନବାହନ ମାଲିକ ଏବେ ହତାଶ। ତେବେ ସର୍ଭେ ଅନୁଯାୟୀ, ଇ-୨୦ ପେଟ୍ରୋଲକୁ ନେଇ ଦେଶର ୫୩% ଗାଡି ମାଲିକ ଅସନ୍ତୁଷ୍ଟ।

ସରକାର ଆଣିଥିବା ଇ-୨୦ ପେଟ୍ରୋଲକୁ ନେଇ ଲୋକାଲ୍ସର୍କଲ୍ସ ନାମକ ଏକ ସଂସ୍ଥା ପକ୍ଷରୁ ଦେଶର ୩୧୬ ଜିଲାରେ ୨୨,୫୬୭ ପେଟ୍ରୋଲ ଗାଡ଼ି ମାଲିକଙ୍କୁ ନେଇ ଏକ ସର୍ଭେ କରାଯାଇଛି। ଏଥିରେ ୫୩% ଲୋକେ କେନ୍ଦ୍ର ସଡ଼କ ପରିବହନ ଏବଂ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଇ-୨୦ ପରିଚାଳନାକୁ ଏକଦମ ଖରାପ ଓ ପ୍ରଭାବହୀନ ବୋଲି କହିଛନ୍ତି। ଏମାନଙ୍କ ମଧ୍ୟରୁ ୪୨% ଲୋକ ବହୁତ ଖରାପ କହିଥିବା ବେଳେ କେବଳ ୧୩% ଲୋକ ଏହାକୁ ଭଲ ରେଟିଂ ଦେଇଛନ୍ତି। ସର୍ଭେରେ ଇନ୍ଧନ ଦକ୍ଷତା ଏବଂ ଯାନବାହାନର ରକ୍ଷଣାବେକ୍ଷଣ(ମେଣ୍ଟେନାନ୍ସ) ଉପରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି। ୨୦୨୩ ପୂର୍ବରୁ ନିର୍ମିତ ପେଟ୍ରୋଲ ଗାଡ଼ି ବ୍ୟବହାର କରୁଥିବା ମାଲିକମାନଙ୍କ ମଧ୍ୟରୁ ୬୬% କହିଛନ୍ତି ଯେ ଇ-୨୦ ପେଟ୍ରୋଲ ପ୍ରଚଳନ ପରେ ସେମାନଙ୍କ ଯାନଗୁଡ଼ିକ ଏବେ ୧୦% ରୁ ଅଧିକ କମ୍ ମାଇଲେଜ୍ ଦେଉଛି। ସର୍ଭେରେ ଉଠିଥିବା ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଦେଶରେ ଚାଲୁଥିବା ଲକ୍ଷ ଲକ୍ଷ ପୁରୁଣା ଗାଡ଼ି କମ୍ ଇଥାନଲ ମିଶ୍ରଣକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଥିଲା। ୨୦୨୩ ଏପ୍ରିଲ ପୂର୍ବରୁ ନିର୍ମିତ ଅଧିକାଂଶ ପେଟ୍ରୋଲ ଗାଡ଼ି ଇ-୧୦ ପାଇଁ ଉପଯୁକ୍ତ ଥିଲା। ଅନ୍ୟପଟେ ଏପ୍ରିଲ ୨୦୨୫ ପରେ ନିର୍ମିତ ଗାଡ଼ିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଇ-୨୦ ସୁସଙ୍ଗତ ବୋଲି ଧରାଯାଉଛି। ଏହାର ପରିଣାମ ସ୍ୱରୂପ ଅନେକ ପୁରୁଣା ଗାଡ଼ି ମାଲିକ କମ୍ ମାଇଲେଜ୍ ଓ ଅଧିକ ରକ୍ଷଣାବେକ୍ଷଣ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀ ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି। ଭୁଟାନ୍ ମଧ୍ୟ ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି। ହେଲେ ଭାରତଠାରୁ ଭୁଟାନ ଇ-୨୦ ପେଟ୍ରୋଲ ନେବାକୁ ମନା କରିବା ସମ୍ପର୍କିତ ଏହି ରିପୋର୍ଟକୁ ଆଜି କେନ୍ଦ୍ର ସରକାରଙ୍କ ଖଣ୍ଡନ କରିଛନ୍ତି। ଚଳିତମାସ ପହିଲାରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଇଥାନଲ ମିଶ୍ରଣର ଦୀର୍ଘମିଆଦି ପ୍ରଭାବ ୨୦୨୭ ସୁଦ୍ଧା ଅଧିକ ସ୍ପଷ୍ଟ ହେବ। ଇ-୨୦ କାର୍ଯ୍ୟକ୍ରମ ବିରୋଧରେ ଦାଖଲ ହୋଇଥିବା ଆଇନଗତ ଆହ୍ୱାନର ଜବାବ ଦେଇ ସରକାର ଏହି ମତ ରଖିଥିଲେ।

■ ମିଳିଲେନି କ୍ରେତା

# ୯ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ୍ ନିଲାମ୍ ବାତିଲ

**ଓଡ଼ିଶାର ନାରିଙ୍ଗପାଙ୍ଗା ଗ୍ରାଫାଇଟ୍ ବ୍ଲକ୍ ପାଇଁ ୩ରୁ ବି କମ୍ ବିଡର**

ନୂଆଦିଲ୍ଲୀ,୫।୭(ଏଜେନ୍ସି): ଦେଶର ଶକ୍ତି ସୁରକ୍ଷା ଏବଂ କ୍ଲିନ୍-ଟେକ୍ ଉତ୍ପାଦନକୁ ସୁଦୃଢ଼ କରିବା ଦିଗରେ ଭାରତ ସରକାର ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ସରକାର ନିଲାମର ସପ୍ତମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ୯ଟି ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ବ୍ଲକ ନିଲାମକୁ ବାତିଲ କରିଛନ୍ତି। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅନୁଯାୟୀ, ନିବେଶକଙ୍କ ଆଡୁ ଦୁର୍ବଳ ପ୍ରତିକ୍ରିୟା ଏବଂ ଯୋଗ୍ୟ ବିଡର୍ ଅଭାବ ଯୋଗୁଁ ସରକାର ଏପରି ପଦକ୍ଷେପ ନେଇଛନ୍ତି। ଅନ୍ୟ ଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅନୁସନ୍ଧାନ ଏବଂ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ପ୍ରୟାସ ପାଇଁ ଏହା ଏକ ବଡ଼ ବିପର୍ଯ୍ୟୟ ବୋଲି ବିବେଚନା କରାଯାଉଛି। ଏହା ବିପଦପୂର୍ଣ୍ଣ ଖଣିଜ ସମ୍ପତ୍ତିରେ ଘରୋଇ ନିବେଶକୁ ଆକର୍ଷିତ କରିବାର ଆହ୍ୱାନକୁ ମଧ୍ୟ ଉଜାଗର କରୁଛି, ଯେଉଁଠାରେ ଯାନ୍ତ୍ରିକ ଅସୁବିଧା, ଉଚ୍ଚ ମୂଲ୍ୟ ଏବଂ ନିୟାମକ ଅନିଶ୍ଚିତତା କମ୍ପାନୀଗୁଡ଼ିକୁ ନିଲାମ କରିବାରୁ ବାଧା ଦେଉଛି। ତେବେ ବାତିଲ୍ ହୋଇଥିବା ୯ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ ତାଲିକାରେ ଓଡ଼ିଶାର ଗୋଟିଏ ବ୍ଲକ୍ ରହିଛି। ତାହ ହେଉଛି, ରାୟଗଡା ଜିଲାର ନାରିଙ୍ଗପାଙ୍ଗା ଗ୍ରାଫାଇଟ୍ ବ୍ଲକ୍ ନାରିଙ୍ଗପାଙ୍ଗା (ସାଉଥ୍) ଗ୍ରାଫାଇଟ୍ ବ୍ଲକ୍।

ଖଣି ମନ୍ତ୍ରଣାଳୟ ପକ୍ଷରୁ ଜାରି ନୋଟିସ୍ ଅନୁଯାୟୀ, ଏହି ୯ଟି ବ୍ଲକ ମଧ୍ୟରୁ ଦୁଇଟିକୁ କୌଣସି ନିଲାମ ମିଳିନାହିଁ। ଏଥିରେ ମଧ୍ୟପ୍ରଦେଶର ମଝୌଲି ଟାଇଟାନିୟମ୍, ଭାନାଡିୟମ୍ ଏବଂ ଆଲୁମିନାସ୍ ଲାଟେରାଇଟ୍ ବ୍ଲକ୍ ଏବଂ ରାଜସ୍ଥାନର ରାମ୍ପୁ ଡେଗାନା ଟଙ୍ଗଷ୍ଟେନ୍, ଲିଥିୟମ୍ ଏବଂ ଆସୋସିଏଟେଡ୍ ମିନେରାଲ୍ ବ୍ଲକ୍ ଅନ୍ତର୍ଭୁକ୍ତ। କ୍ରେତାଙ୍କ ଅଭାବ ଯୋଗୁଁ ଏହି ବ୍ଲକ୍‌ଗୁଡ଼ିକର ନିଲାମ ପ୍ରକ୍ରିୟାକୁ ବାତିଲ ଘୋଷଣା କରାଯାଇଥିଲା। ବାକି ୭ଟି ଖଣିଜ ବ୍ଲକ୍‌ର ନିଲାମକୁ ମଧ୍ୟ ସରକାରଙ୍କୁ ବାତିଲ କରିବାକୁ ପଡିଲା, କାରଣ ବୈଷୟିକ ଭାବରେ ଯୋଗ୍ୟ ବିଡରଙ୍କ ସଂଖ୍ୟା ତିନିରୁ କମ୍ ଥିଲା। ନିୟମ ଅନୁଯାୟୀ, ନିଲାମ ଆଗକୁ ବଢ଼ିବା ପାଇଁ ଅତି କମରେ ତିନି ଜଣ ଯୋଗ୍ୟ ବିଡର ଆବଶ୍ୟକ। ବାତିଲ ହୋଇଥିବା ୭ଟି ବ୍ଲକ୍‌ରେ ବିହାର, ଛତିଶଗଡ଼ ଏବଂ ଓଡ଼ିଶାର ନାଭାରା-ନୱାଡିହ ଗ୍ଲାକୋନାଇଟ୍, ଟିପା ଗ୍ଲାକୋନାଇଟ୍, ଶାହପୁର ଗ୍ଲାକୋନାଇଟ୍, ସ୍ୱେନେରି ଭାନାଡିୟମ୍ ବିୟରିଂ ମ୍ୟାଗ୍ନେଟ-ଇଲମେନାଇଟ୍, ଗୁରୁର ଗ୍ଲାକୋନାଇଟ୍, କରାହିଭାଦର ଗ୍ଲାକୋନାଇଟ୍ ଏବଂ ନାରିଙ୍ଗପାଙ୍ଗା (ଦକ୍ଷିଣ) ଗ୍ରାଫାଇଟ୍ ବ୍ଲକ୍ ଅନ୍ତର୍ଭୁକ୍ତ।

## ଶିଶୁ ଯୌନ ନିର୍ଯାତନା ବିଜ୍ଞାପନ; ମେଟାକୁ ନୋଟିସ୍



ନୂଆଦିଲ୍ଲୀ,୫।୭(ଏଜେନ୍ସି): ଏକ ଅନୁସନ୍ଧାନମୂଳକ ଖବର ପରେ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ଅବୈଧ ସାମଗ୍ରୀକୁ ପ୍ରୋତ୍ସାହନ ଦେଉଥିବା ବିଜ୍ଞାପନ ପ୍ରସାରଣ ଅଭିଯୋଗରେ କେନ୍ଦ୍ର ସରକାର ସାମାଜିକ ଗଣମାଧ୍ୟମ ସଂସ୍ଥା 'ମେଟା' ଠାରୁ ୭ ଦିନ ମଧ୍ୟରେ ସ୍ପଷ୍ଟୀକରଣ ମାଗିଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଧିକାରୀମାନଙ୍କୁ ସଂସ୍ଥାର ପ୍ରତିନିଧିଙ୍କୁ ଡାକି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିପରି ଏଭଳି ବିଜ୍ଞାପନ ପ୍ରକାଶ ପାଇଲା ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କେଉଁ ପଦକ୍ଷେପ ନିଆଯିବ, ସେନେଇ ମଧ୍ୟ ଜବାବ ମାଗାଯିବ। ଅନୁସନ୍ଧାନରେ ଦାବି କରାଯାଇଛି ଯେ, ଅବୈଧ ବିଜ୍ଞାପନ ମାଧ୍ୟମରେ ବ୍ୟବହାରକାରୀଙ୍କୁ ଅନ୍ୟ ମାଧ୍ୟମକୁ ପଠାଯାଉଥିଲା, ଯେଉଁଠାରେ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ବେଆଇନ ସାମଗ୍ରୀ ବିକ୍ରି କରାଯାଉଥିବା ଅଭିଯୋଗ ରହିଛି। ମେଟା ପକ୍ଷରୁ କୁହାଯାଇଛି ଯେ, ଅଭିଯୋଗ ପରେ ସମ୍ପୃକ୍ତ ବିଜ୍ଞାପନକୁ ହଟାଯାଇଛି, ସଂପୃକ୍ତ ଖାତାଗୁଡ଼ିକୁ ବନ୍ଦ କରାଯାଇଛି ଏବଂ ନିୟନ୍ତ୍ରଣ ବ୍ୟବସ୍ଥାରେ ତ୍ରୁଟି ରହିପାରେ ବୋଲି ସ୍ୱୀକାର କରାଯାଇଛି। ଭାରତୀୟ ଆଇନ ଅନୁଯାୟୀ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ସାମଗ୍ରୀ ପ୍ରସ୍ତୁତ, ସଂରକ୍ଷଣ, ଦେଖିବା, ପ୍ରସାରଣ କିମ୍ବା ବିକ୍ରି କରିବା ଦଣ୍ଡନୀୟ ଅପରାଧ। ଏଭଳି ସାମଗ୍ରୀ ଦେଖିଲେ ତାହାକୁ ଡାଉନଲୋଡ୍ କିମ୍ବା ପ୍ରସାରଣ ନ କରି ତୁରନ୍ତ ସମ୍ପୃକ୍ତ ମଞ୍ଚ, ସାଇବର ଅପରାଧ ପୋର୍ଟାଲ୍ କିମ୍ବା ପୁଲିସକୁ ସୂଚନା ଦେବାକୁ ସରକାର ପରାମର୍ଶ ଦେଇଛନ୍ତି।

# ଗ୍ଲୋବାଲ ପାସ୍‌ପୋର୍ଟ ସୂଚୀରେ ତଳକୁ ଖସିଲା ଭାରତ

**୨୦୨୬ ତାଲିକାରେ ମିଳିଲା ୧୨୫ତମ ସ୍ଥାନ**

ନୂଆଦିଲ୍ଲୀ, ୫।୭(ଏଜେନ୍ସି): ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସପୋର୍ଟ ତାଲିକା ବା ଗ୍ଲୋବାଲ ପାସପୋର୍ଟ ସୂଚୀର ପଞ୍ଚମ ବାର୍ଷିକ ସଂସ୍କରଣ ପ୍ରକାଶ ପାଇଛି। ଏହି ସୂଚୀରେ ଭାରତୀୟ ପାସପୋର୍ଟ ଗତ ବର୍ଷ ତୁଳନାରେ ଗୋଟିଏ ସ୍ଥାନ ତଳକୁ ଖସି ୧୨୫ତମ ସ୍ଥାନରେ ରହିଛି। ବିଶ୍ୱର ୧୯୭ଟି ଦେଶକୁ ନେଇ ପ୍ରସ୍ତୁତ ଏହି ତାଲିକାରେ ଭାରତର ପାଖରେ ନାମ୍ବିଆ ୧୨୪ତମ ଏବଂ ଆଜରବାଇଜାନ ୧୨୬ତମ ସ୍ଥାନରେ ରହିଛନ୍ତି। ଅନ୍ୟାନ୍ୟ ସାଧାରଣ ପାସପୋର୍ଟ ମାନ୍ୟତା ଭଳି ଏହି ସୂଚୀ କେବଳ ବିନା ଭିସା ଯାତ୍ରା ଉପରେ ଆଧାରିତ ନୁହେଁ। ଏହା ମୁଖ୍ୟତଃ ତିନୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ଯଥା- ବିଶ୍ୱ ଗତିଶୀଳତା (୫୦ ପ୍ରତିଶତ), ନିବେଶ ସମ୍ଭାବନା (୨୫ ପ୍ରତିଶତ) ଏବଂ ଜୀବନଧାରଣର ମାନ (୨୫ ପ୍ରତିଶତ) ଉପରେ ବିଚାର କରି ପାସପୋର୍ଟର ପ୍ରକୃତ ଶକ୍ତି ଆକଳନ କରିଥାଏ।



ରିପୋର୍ଟ ଅନୁଯାୟୀ, ଭାରତୀୟ ପାସପୋର୍ଟଧାରୀଙ୍କୁ ବିଶ୍ୱର ୨୬ଟି ଦେଶରେ ବିନା ଭିସା କିମ୍ବା ପହଞ୍ଚିବା ମାତ୍ରେ ଭିସା ସୁବିଧା ମିଳୁଥିବା ବେଳେ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସ ଭଳି ପ୍ରାୟ ୮୮ଟି ଦେଶ ପାଇଁ ପୂର୍ବରୁ ଭିସା ନେବା ଆବଶ୍ୟକ ହୋଇଥାଏ। ବିଭିନ୍ନ ବର୍ଗ ଅନୁସାରେ, ଗତିଶୀଳତା ସୂଚୀରେ ଭାରତ ୧୩୬ତମ ସ୍ଥାନରେ ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ପ୍ରସ୍ତୁତ ଜୀବନଧାରଣ ମାନ ସୂଚୀରେ ୧୧ ସ୍ଥାନର ସୁଧାର ସହ ୧୧୮ତମ ସ୍ଥାନ ହାସଲ କରିଛି। ସେହିପରି ବ୍ୟବସାୟ ଓ ଅର୍ଥନୈତିକ ପ୍ରଗତିକୁ ଦର୍ଶାଉଥିବା ନିବେଶ ସୂଚୀରେ ଭାରତ ୩ଟି ସ୍ଥାନ ଉପରକୁ ଉଠି ୯୪ତମ ସ୍ଥାନରେ ପହଞ୍ଚିଛି। ଏହି ସମଗ୍ର ସୂଚୀରେ ସ୍ୱିଡେନ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସପୋର୍ଟ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱିଜରଲ୍ୟାଣ୍ଡ ଦ୍ୱିତୀୟ ଏବଂ ଫିନଲ୍ୟାଣ୍ଡ ତୃତୀୟ ସ୍ଥାନରେ ରହିଛନ୍ତି।

# ଆମାଜନ ଇଣ୍ଡିଆ ପକ୍ଷରୁ ୧୦ମ ପ୍ରାଇମ୍ ଡେ' ଉତ୍ସବ ଆରମ୍ଭ

ଭୁବନେଶ୍ୱର,୫।୭(ସମିସ): ଆମାଜନ ଇଣ୍ଡିଆ ପ୍ରାଇମ୍ ଡେ'ର ୧୦ମ ସଂସ୍କରଣ ପାଇଁ ପ୍ରସ୍ତୁତ ହୋଇଛି, ଯାହା ଜୁଲାଇ ୦୪ ରୁ ଆରମ୍ଭ ହୋଇ ଜୁଲାଇ ୦୬ ରାତି ୧୧:୫୯ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ଏହି ସମୟରେ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଓ ବିୟୁଟି, ହୋମ ଆଣ୍ଡ କିଚେନ, ଗ୍ରୋସରୀ ଏବଂ ଅନ୍ୟାନ୍ୟ ବର୍ଗରେ ୭୨ ଘଣ୍ଟାର ସର୍ବୋତ୍ତମ ଡିଲ୍, ବ୍ଲକବଷ୍ଟର ଲଞ୍ଚ୍ ଏବଂ ସବୁଠାରୁ ଦ୍ରୁତତମ ଡେଲିଭରି ସୁବିଧା ପାଇପାରିବେ। ଏହି ମାଇଲଷ୍ଟୋନକୁ ସ୍ମରଣୀୟ କରିବା ପାଇଁ, ଆମାଜନ ନୂତନ ସଦସ୍ୟମାନଙ୍କୁ ବାର୍ଷିକ ପ୍ରାଇମ୍ ସଦସ୍ୟତା ଉପରେ ମାତ୍ର ୯୯୯ ଟଙ୍କାରେ ଫ୍ଲାଟ୍ ୫୦୦ ଟଙ୍କା ରିହାତି ପ୍ରଦାନ କରୁଥିବା ବେଳେ ସଫି ଏଡିସନ ବାର୍ଷିକ ୨୯୯ ଟଙ୍କାରୁ ଓ ପ୍ରାଇମ ଲାଇଟ ଏଡିସନ ବାର୍ଷିକ ୫୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ସମୟରେ ପ୍ରାଇମ ସଦସ୍ୟମାନେ ଏସବିଆଇ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ,ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ଅତିରିକ୍ତ ୧୦% ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ ଏବଂ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହିତ ଅସୀମିତ ୫% କ୍ୟାସବ୍ୟାକ୍ ସହିତ ୧୦ମ ବାର୍ଷିକୀ ଡିଲ୍ ପାଇଁ ଆକ୍ସେସ୍ ପାଇବେ। ଏହାବ୍ୟତୀତ ଆମାଜନ୍ ପେ ଲ୍ୟାଟର୍ର ୩ଟି କିସ୍ତିରେ ପେମେଣ୍ଟ ସହ ଗ୍ରାହକମାନେ ୧୫୦୦ ଟଙ୍କାରୁ ଅଧିକ ମୂଲ୍ୟର କ୍ରୟ ଉପରେ ସୁଧମୁକ୍ତ ଇଏମଆଇ ସୁବିଧା ପାଇବେ।

# ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡାରେ ପ୍ଲାଣ୍ଟ ମକ୍ ଡ୍ରିଲ୍

ଭୁବନେଶ୍ୱର,୫।୭(ସମିସ): ବେଦାନ୍ତ ଆଲୁମିନିୟମ୍ ଏହାର ଦୃଢ଼ ସୁରକ୍ଷା ପରିଚାଳନା ଢାଞ୍ଚାର ଅଂଶ ଭାବରେ ଝାରସୁଗୁଡାରେ ଏହାର ପାୱାର ପ୍ଲାଣ୍ଟ କାର୍ଯ୍ୟ ମଧ୍ୟରେ ଅବସ୍ଥିତ ହାଇଡ୍ରୋଜେନ୍ ପ୍ଲାଣ୍ଟରେ ଏକ ବ୍ୟାପକ ଅନସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଆୟୋଜନ କରିଥିଲା। ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟରେ ଘଟୁଥିବା ହାଇଡ୍ରୋଜେନ୍ ଗ୍ୟାସ୍ ଲିକେଜ୍‌ର ପରିସ୍ଥିତିକୁ ସିମୁଲେଟ୍ କରି, ପ୍ଲାଣ୍ଟର ଜରୁରୀକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ୍, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ନିୟନ୍ତ୍ରିତ ପରିସ୍ଥିତିରେ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ପରୀକ୍ଷା କରିଥିଲା। ଜରୁରୀକାଳୀନ ଅଭ୍ୟାସ ଏକ ସିମୁଲେଟ୍ ହାଇଡ୍ରୋଜେନ୍ ଲିକ୍ ଏବଂ ଟେକ୍ନିସିଆନ୍ ଆଘାତ ପରିସ୍ଥିତି ମାଧ୍ୟମରେ ପ୍ରତିକ୍ରିୟା ଦଳଗୁଡ଼ିକର ପ୍ରସ୍ତୁତିକୁ ପରୀକ୍ଷା କରିଥିଲା। ବେଦାନ୍ତ ଆଲୁମିନିୟମ୍ ଏବଂ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ଏହି ଅଭ୍ୟାସ ଦେଖାଯାଇଥିଲା, ଯେଉଁଥିରେ ସମ୍ବଲପୁର ଡିଭିଜନର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସର ଉପ ନିର୍ଦ୍ଦେଶକ ସ୍ୱରୂପ ଜେନା; ଝାରସୁଗୁଡା ଜୋନର ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ, ଜିଲ୍ଲା ପ୍ରୋଜେକ୍ଟ ଅଫିସର୍ ଓଏସଡିଏମଏଣ୍ଡ ସି. ଲାକ୍ରା, ଅଗ୍ନିଶମ ଅଧିକାରୀ, ଝାରସୁଗୁଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ବିଷୟରେ ମତାମତ ଦେଇ ବେଦାନ୍ତ ଆଲୁମିନିୟମ-ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଏହିପରି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଅଖଣ୍ଡତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଆମର ଲୋକଙ୍କୁ, ଆମର ସମ୍ପତି ଏବଂ ଆମ ଚାରିପାଖରେ ଥିବା ସମ୍ପ୍ରଦାୟକୁ ସୁରକ୍ଷା ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।





# ମାଷ୍ଟରକାର୍ଡ ପକ୍ଷରୁ 'ସିର୍ଫ କାର୍ଡ ନେହିଁ, ମାଷ୍ଟରକାର୍ଡ' କ୍ୟାମ୍ପେନ୍

ଭୁବନେଶ୍ୱର,୫।୭(ସମିସ): ତତ୍କାଳ ଅନ୍ଲାଇନ କ୍ରୟ ଓ ସପ୍ତାହାନ୍ତ ଭ୍ରମଣଠାରୁ ଆରମ୍ଭ କରି ୟୁଟିଲିଟି ବିଲ୍, ଫେଷ୍ଟିଭ ସପିଙ୍ଗ ଓ ଦୈନନ୍ଦିନ ଉପଯୋଗିତା ପର୍ଯ୍ୟନ୍ତ, ଭାରାତୀୟମାନେ କେବଳ ଅଧିକ ଅର୍ଥ ବ୍ୟୟ କରୁନାହାନ୍ତି ବରଂ ଦୈନନ୍ଦିନ ପେମେଣ୍ଟଠାରୁ ଅଧିକ କିଛି ଆଶା କରୁଛନ୍ତି। ଏହି ପରିବର୍ତ୍ତନ ଉପରେ ଆଧାର କରି ମାଷ୍ଟରକାର୍ଡ ପକ୍ଷରୁ ଆଜି ଏହାର ମହତ୍ୱାକାଂକ୍ଷୀ କ୍ୟାମ୍ପେନ 'ସିର୍ଫ କାର୍ଡ ନେହିଁ, ମାଷ୍ଟରକାର୍ଡ'ର ଘୋଷଣା କରାଯାଇଛି, ଯାହାକୁ ଏକ କାର୍ଡ କିଭଳି ଏକ ଟ୍ରାଞ୍ଜାକ୍ସନ ପୂରା କରିବା ବ୍ୟତୀତ ଆହୁରି ଅନେକ କିଛି କାର୍ଯ୍ୟ କରିପାରେ ତାହାକୁ ପ୍ରଦର୍ଶିତ କରିବା ପାଇଁ ପରିକଳ୍ପନା କରାଯାଇଛି। ଏହି କ୍ୟାମ୍ପେନକୁ ୯ଟି କ୍ଷୁଦ୍ର ଚଳଚିତ୍ର ମାଧ୍ୟମରେ ଉନ୍ମୋଚନ କରାଯାଇଛି ଯାହା ବିଲ ପଇଠ କରିବା, ଭ୍ରମଣ ପାଇଁ ବୁକିଂ କରିବା, ଇଏମଆଇରେ ସପିଂ କରିବା, ପେମେଣ୍ଟ ପାଇଁ ଟ୍ୟାପିଙ୍ଗ କରିବା, ମର୍ଚ୍ଚାଣ୍ଟ ଅଫରଗୁଡିକୁ ଅନ୍ୱେଷଣ କରିବା, ସ୍ୱତନ୍ତ୍ର ଅନୁଭୂତିଗୁଡିକୁ ଉପଭୋଗ କରିବା ଓ ସୁରକ୍ଷିତ ଭାବେ ଅନଲାଇନ ଟ୍ରାଞ୍ଜାକ୍ସନ କରିବା ଭଳି ଆଧୁନିକ ଭାରତୀୟ ଜୀବନର ତତ୍କାଳ ଚିହ୍ନଟ ଯୋଗ୍ୟ ମୁହୂର୍ତ୍ତ ଗୁଡିକ ଉପରେ ନିର୍ମିତ। ମିଳିତ ଭାବେ ଏହି ଫିଲ୍ମ ମାଷ୍ଟରକାର୍ଡକୁ ୱାଲେଟରେ କେବଳ ଏକ କାର୍ଡ ଭାବେ ନୁହେଁ ବରଂ ଏକ ସାଥୀ ଭାବେ ଉପସ୍ଥାପନ କରିଛି ଯାହା ଉପଭୋକ୍ତାଙ୍କୁ ପ୍ରତିଦିନ ସ୍ମାର୍ଟ, ସୁରକ୍ଷିତ ଓ ଉତ୍ତମ ଭାବେ ଅର୍ଥ ବ୍ୟୟ କରିବାରେ ସାହାଯ୍ୟ କରିଥାଏ।

**ମିତ୍ର ରାଷ୍ଟ୍ରଙ୍କ ପାଇଁ ଛାଡ଼**

# ହର୍ମୁଜ୍‌ରେ ସର୍ଭିସ୍ ଫି' ଆଦାୟ କରିବ ଇରାନ

ନୂଆଦିଲ୍ଲୀ, ୫।୭(ଏଜେନ୍ସି): ଇରାନ ଏବେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗ ମଧ୍ୟରୁ ଗୋଟିଏ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛି। ଇରାନ କହିଛି ଯେ ଏହା ଭବିଷ୍ୟତରେ ଏହି ମାର୍ଗ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଠାରୁ ସର୍ଭିସ୍ ଫି' ବା ସେବା ଶୁଳ୍କ ଆଦାୟ କରିବ। ତଥାପି, ଇରାନ କହିଛି ଯେ ଏହା ଏକ ଟୋଲ୍ ଟିକସ ହେବ ନାହିଁ, ବରଂ ଜାହାଜ ସୁରକ୍ଷା, ନିରୀକ୍ଷଣ ଏବଂ ପରିବେଶ ସୁରକ୍ଷା ଭଳି ସେବା ପାଇଁ ଏକ ଶୁଳ୍କ। ତେବେ କଷ୍ଟକର ସମୟରେ ଇରାନକୁ ସମର୍ଥନ କରିଥିବା ଦେଶଗୁଡ଼ିକୁ ଏଥିରେ ଦେଶ ବିଶେଷ ରିଆତି ଦେବ।



ଚୀନରେ ଅନୁଷ୍ଠିତ ବିଶ୍ୱ ଶାନ୍ତି ମଞ୍ଚ ସମୟରେ ଇରାନୀ ରାଷ୍ଟ୍ରଦୂତ ଅବଦୋଲରେଜା ରହମାନି ଫଜଲି କହିଥିଲେ ଯେ ହର୍ମୁଜ୍ ପ୍ରଣାଳୀ ଇରାନର ଆଞ୍ଚଳିକ ଜଳସୀମାର ଏକ ଅଂଶ। ତେଣୁ, ଏହା ଦେଇ ଯାଉଥିବା ଜାହାଜଗୁଡ଼ିକ ପାଇଁ ଏକ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ, ଯାହା ଅଧୀନରେ ଏକ ସେବା ଶୁଳ୍କ ଆଦାୟ କରାଯିବ। ସେ ସ୍ପଷ୍ଟ କରିଥିଲେ ଯେ ଏହାକୁ ଟୋଲ୍ ଟିକସ କୁହାଯାଇପାରିବ ନାହିଁ, ବରଂ ସୁରକ୍ଷା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ବିନିମୟରେ ଏହି ଶୁଳ୍କ ନିଆଯିବ। ଇରାନ ଅନୁଯାୟୀ, ଓମାନ ସହିତ ମିଳିତ ଭାବରେ ଏହି ନୂତନ ବ୍ୟବସ୍ଥା ବିକଶିତ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ହର୍ମୁଜ୍ ଦେଇ ଯାଉଥିବା ଜାହାଜଗୁଡ଼ିକର ସୁରକ୍ଷିତ ପଥ ସୁନିଶ୍ଚିତ କରିବା, ସେମାନଙ୍କର ଗତିବିଧି ଉପରେ ନଜର ରଖିବା ଏବଂ ସାମୁଦ୍ରିକ ପରିବେଶ ଉପରେ ଜାହାଜର ବର୍ଦ୍ଧିତ ପ୍ରଭାବକୁ ନିୟନ୍ତ୍ରଣ କରିବା। ଇରାନ ରାଷ୍ଟ୍ରଦୂତ କହିଛନ୍ତି ଯେ କଷ୍ଟକର ସମୟରେ ଇରାନକୁ ସମର୍ଥନ କରିଥିବା ଏବଂ ତା ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଥିବା ଦେଶଗୁଡ଼ିକୁ ନୂତନ ବ୍ୟବସ୍ଥା ଅନୁଯାୟୀ ବିଶେଷ ସୁବିଧା ଏବଂ ରିହାତି ମିଳିବ। ତଥାପି, ସେ ନିର୍ଦ୍ଦିଷ୍ଟ କରି ନ ଥିଲେ ଯେ କେଉଁ ଦେଶ ଏହି ସୁବିଧା ପାଇବେ ଆଉ ଏହି ସର୍ଭିସ୍ ଫି'ର ଶୁଳ୍କ ହାର କ'ଣ ରହିବ। ଯୁଦ୍ଧ ଶେଷ ପାଇଁ ଇରାନ ଏବଂ ଆମେରିକା ମଧ୍ୟରେ ସମ୍ପ୍ରତି ହୋଇଥିବା ପ୍ରାରମ୍ଭିକ ଚୁକ୍ତିନାମାରେ କୁହାଯାଇଥିଲା ଯେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକରୁ ୬୦ ଦିନ ପାଇଁ କୌଣସି ଶୁଳ୍କ ଆଦାୟ କରାଯିବନାହିଁ, କିନ୍ତୁ ଏହି ସମୟ ପରେ ବ୍ୟବସ୍ଥା କ'ଣ ହେବ ସେ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ।

ବିଶ୍ୱ ଶକ୍ତି ଯୋଗାଣ ପାଇଁ ହରମୁଜ୍ ପ୍ରଣାଳୀକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଭାବରେ ବିବେଚନା କରାଯାଏ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍ଏନ୍‌ଜି) ଏହି ମାର୍ଗ ଦେଇ ପରିବହନ ହୁଏ। ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ବିବାଦ ସମୟରେ ଇରାନ ଏହି ରାସ୍ତାରେ ଯାତାୟାତକୁ ପ୍ରାୟତଃ ଅବରୋଧ କରିଥିଲା, ଯାହା ଫଳରେ ଆନ୍ତର୍ଜାତୀୟ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଥିଲା। ଆମେରିକା ସହିତ ଏକ ପ୍ରାରମ୍ଭିକ ଚୁକ୍ତିନାମା ପରେ, ଇରାନ ପରବର୍ତ୍ତୀ ସମୟରେ କଟକଣାଗୁଡ଼ିକୁ ପ୍ରତ୍ୟାହାର କରିଥିଲା ଏବଂ ସ୍ଥାୟୀ ସମାଧାନ ଖୋଜିବା ପାଇଁ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବୃଷ:** ନୂତନ ବ୍ୟବସାୟ ପାଇଁ ବନ୍ଧୁଙ୍କ ସହଯୋଗ ମିଳିପାରେ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିପାରେ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟରୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**ଧନୁ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାନ ଧର୍ମ କରିବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେଇପାରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୦୧- ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ।
- ୧୯୩୫: ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ।
- ୧୯୪୬: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍‌ଙ୍କ ଜନ୍ମ।
- ୧୯୫୯: ଭେଲୋର ହସ୍‌ପିଟାଲରେ ପ୍ରଥମଥର ସଫଳତାପୂର୍ବକ ଓପନ ହାର୍ଟ ସର୍ଜରୀ ହେଲା।
- ୨୦୦୨: ଭାରତର ପ୍ରସିଦ୍ଧ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନିଙ୍କ ପରଲୋକ।



# ଆଶୁତୋଷ-ଅମିର୍‌ଙ୍କ 'ଲଲକାର୍'

ବଲିଉଡ୍‌ର ମିଷ୍ଟର୍ ପରଫେକ୍ଟନିଷ୍ଟ ଅମିର ଖାନ୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର ଦୀର୍ଘଦିନ ପରେ ପୁଣି ଥରେ ଏକାଠି କାମ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଲଗାନ' ଭଳି କଲ୍ଟ କ୍ଲାସିକ୍ ଫିଲ୍ମ ଭେଟି ଦେବାର ୨୫ ବର୍ଷ ପରେ, ଦୁହେଁ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜୀବନୀ ଉପରେ ଆଧାରିତ ଏକ ପିରିୟଡ୍ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ ନେଇ ଆସୁଛନ୍ତି। ଏଥିରେ ୧୯୪୭ ଭାରତ ପାକିସ୍ତାନ ବିଭାଜନ ସ୍ଥିତିକୁ ମଧ୍ୟ ଦେଖାଯିବ। ଇତିମଧ୍ୟରେ ଫିଲ୍ମର ଟାଇଟଲ୍ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ ରହିଛି 'ଲଲକାର'। ଏହାର ସୁଟିଂ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। 'ଲଗାନ' ଭଳି, ଏହା ମଧ୍ୟ କ୍ରିକେଟ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ହେବ। ଅମିରଙ୍କ ବ୍ୟତୀତ, ଫିଲ୍ମ ନିର୍ମାତା ସେକେଣ୍ଡ ଲିଡ୍ ପାଇଁ ଅନ୍ୟ ଜଣେ ଅଭିନେତାଙ୍କୁ ସାମିଲ କରିବା ପାଇଁ ଚିନ୍ତା କରୁଛନ୍ତି। ଏହି ଅଭିନେତାଙ୍କ ନାମ ମଧ୍ୟ ଖୁବ୍ ଶୀଘ୍ର ଘୋଷଣା କରାଯିବ। ରାଜକୁମାର ହିରାନୀ ଏବଂ ଅଭିଜାତ ଯୋଶୀ ଏହାର କାହାଣୀ ଲେଖିଛନ୍ତି। ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। 'ସିତାରେ ଜମିନ୍ ପର୍' ପରେ ଅମିର୍ କୌଣସି ଫିଲ୍ମର ସୁଟିଂ ଆରମ୍ଭ କରି ନାହାନ୍ତି। ଦାଦାସହେବ ଫାଲ୍‌କେଙ୍କ ବାୟୋପିକ୍ ଓ 'ଥ୍ରୀ ଇଡିଅଟସ୍ ୨'ରେ ନଜର ଆସିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି।

# ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଛି ମୁଖଗହ୍ୱର କର୍କଟ

ତମାଖୁ ସେବନ ଯୋଗୁଁ ସାରା ବିଶ୍ୱରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜର ଜୀବନ ହରାଉଛନ୍ତି। ଏହାସତ୍ତ୍ୱେ ମଧ୍ୟ ବହୁ ସଂଖ୍ୟାରେ ଲୋକେ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର କରୁଛନ୍ତି। ଚିନ୍ତାର ବିଷୟ ଏହା ଯେ, ତମାଖୁ ଜନିତ କ୍ଷତି କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମୁଖ କର୍କଟ ଭଳି ମାରାତ୍ମକ ରୋଗର କାରଣ ମଧ୍ୟ ସାଜିପାରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପାଟିରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ ଅନେକ ସମୟରେ କର୍କଟ ରୋଗର ପ୍ରାଥମିକ ଚେତାବନୀ ହୋଇପାରେ, କିନ୍ତୁ ଲୋକେ ପ୍ରାୟତଃ ଏହାକୁ ଅଣଦେଖା କରିଦିଅନ୍ତି। ଆଜି ବି ବହୁତ ଲୋକ ପାଟିରେ ଛାଲ ପଡ଼ିଯିବା, ମାଢ଼ିରୁ ରକ୍ତ ଆସିବା ତଥା ପାଟି ଭିତରେ ଦେଖାଯାଉଥିବା ଅନ୍ୟାନ୍ୟ ସମସ୍ୟାକୁ ସାମାନ୍ୟ ଭାବି ଅଣଦେଖା କରିଥାନ୍ତି। ହେଲେ ପାଟି ଭିତରେ ଘା' ବା ଛାଲ ପଡ଼ିବା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଠିକ୍ ନହେଲେ ଏହାକୁ ଅଣଦେଖା କରିବା ଅନୁଚିତ। କାରଣ ଏହି ଲକ୍ଷଣ ମୁଖ ଗହ୍ୱର କର୍କଟ ସହିତ ଜଡ଼ିତ ହୋଇପାରେ। ତେଣୁ ସଠିକ୍ ସମୟରେ ଏହାର ପରୀକ୍ଷା ନ କଲେ ସ୍ଥିତି ଗମ୍ଭୀର ହୋଇପାରେ। ପାଟି ଭିତରେ ଧଳା କିମ୍ବା ଲାଲ୍ ଦାଗ ଦେଖାଯିବା, ଖାଦ୍ୟ ଚୋବାଇବାରେ ଯନ୍ତ୍ରଣା, କଥା କହିବା କିମ୍ବା ଖାଦ୍ୟ ଢୋକିବାରେ ସମସ୍ୟା, ଲଗାତାର ପାଟିରୁ ଦୁର୍ଗନ୍ଧ ଆସିବା, ପାଟିର କୌଣସି ଅଂଶରେ ଝିମ୍‌ଝିମ୍ ଅନୁଭବ କରିବାକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ବିଶେଷ କରି ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉପରୋକ୍ତ ଲକ୍ଷଣ ଦେଖିବାକୁ ମିଳିଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ସବୁ ପାଟି ଘା' କର୍କଟ ନୁହେଁ, ସାଧାରଣତଃ ଫୋଟକାଗୁଡ଼ିକ ତିନିରୁ ଚାରି ଦିନ ମଧ୍ୟରେ ଠିକ୍ ହୋଇଯାଏ। ହେଲେ ଛାଲ ବା ଘା ଯଦି ଲଗାତାର ବୃଦ୍ଧି ପାଇ ଯନ୍ତ୍ରଣା ହେଉଥାଏ, ଉକ୍ତ ସ୍ଥାନରୁ ରକ୍ତ ବାହାରିବା ସହ ଖାଇବା ପିଇବା, କଥା କହିବାରେ ସମସ୍ୟା ସୃଷ୍ଟି ହେଉଥାଏ ତୁରନ୍ତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ପୂର୍ବରୁ ମୁଖ ଗହ୍ୱର କର୍କଟ ମୁଖ୍ୟ ରୂପେ ୫୦ରୁ ୭୫ ବର୍ଷ ବୟସରେ ହେଉଥିଲା। ହେଲେ ବିଗତ କିଛି ବର୍ଷ ହେବ ୨୫ରୁ ୪୫ ବର୍ଷ ତଥା ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହି ମାମଲା ବଢ଼ି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଧୂମପାନ, ତମାଖୁ ସେବନ, ମଦ୍ୟପାନ ମୁଖ ଗହ୍ୱର କର୍କଟ ଆଶଙ୍କାକୁ ବଢ଼ାଇଥାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଲେ ଚିକିତ୍ସା ଫଳାଫଳ ଭଲ ହୁଏ। ଡାକ୍ତର ଅମିତ ଚକ୍ରବର୍ତ୍ତୀଙ୍କ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ଚିକିତ୍ସା ହେଉଥିବା ରୋଗୀଙ୍କର ବଞ୍ଚିବାର ସମ୍ଭାବନା ୮୦ରୁ ୯୦ ପ୍ରତିଶତ ଥାଏ।

## ପ୍ରେମ ଦେଖେନି ବୟସ

# ୯୬ ବର୍ଷ ବୟସରେ ଖୋଜୁଛନ୍ତି ସାଥୀ



ପ୍ରେମ କେବଳ ବାହ୍ୟ ରୂପ ନୁହେଁ, ବରଂ ଏହା ମନ ଓ ଆତ୍ମାର ମିଳନ। ତେଣୁ ଏହା ସବୁ ବୟସରେ ସମାନ ଭାବେ ଅନୁଭୂତ ହୋଇଥାଏ। ଜୀବନର ଯେକୌଣସି ମୋଡ଼ରେ ଯୁବାବସ୍ଥା ହେଉ କିମ୍ବା ବୃଦ୍ଧାବସ୍ଥା ମଣିଷ ସାଥୀଟିଏ ଲୋଡ଼ିଥାଏ। ନ୍ୟୁୟର୍କରେ ରହୁଥିବା ୯୬ ବର୍ଷୀୟ ସୋଲେମନ ରୋସେନବାଲ୍‌ଟଙ୍କ କାହାଣୀ ଏକପ୍ରକାର ଏହି କଥାକୁ ପ୍ରମାଣିତ କରୁଛି। ସୋଲେମନ୍ ତାଙ୍କ ଜୀବନର ସାତ ଦଶନ୍ଧି ନିଜ ପତ୍ନୀ ଭିକିଙ୍କ ସହିତ ଅତିବାହିତ କରିଥିଲେ। ୨୦୨୩ ମସିହାରେ ସୋଲେମନଙ୍କୁ ଏକାକରି ତାଙ୍କ ପତ୍ନୀ ଆଖି ବୁଜିଲେ। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳିଗଲା। ଏବେ ସେ ପୁଣି ଥରେ ଜୀବନସାଥୀର ସନ୍ଧାନ କରୁଛନ୍ତି। ସୋଲେମନ କୁହନ୍ତି, ମଣିଷକୁ ପ୍ରତି ବୟସରେ ଜଣେ ନିଜର ଲୋକ ଦରକାର। ସୋଲେମନଙ୍କ ପାଇଁ ତାଙ୍କ ପତ୍ନୀ କେବଳ ଜୀବନସାଥୀ ନ ଥିଲେ, ବରଂ ତାଙ୍କର ସବୁଠୁ ବଡ଼ ସାଙ୍ଗ ଓ ବଳ ଥିଲେ। ଦୁହେଁ ୬୯ ବର୍ଷ ପର୍ଯ୍ୟନ୍ତ ବୈବାହିକ ଜୀବନର ଅନେକ ଉତ୍‌ଥାନପତନକୁ ସାମ୍ନା କରିଥିଲେ। ତେବେ ପତ୍ନୀଙ୍କ ବିୟୋଗ ପରେ ସୋଲେମନ୍ ଘରେ ଏକୁଟିଆ ଅନୁଭବ କଲେ। ଏହାସହ ସେ ଅନୁଭବ କଲେ ଯେ, ଜୀବନରେ କେବଳ ସ୍ମୃତି ଯଥେଷ୍ଟ ନୁହେଁ। ସମୟ ସହିତ ମଣିଷର ସାଥ୍ ଦେବା ଲାଗି କେହି ଜଣେ ନିଜର ବି ଦରକାର। ଯଦିଓ ସେ ତାଙ୍କ ଦିବଂଗତ ପତ୍ନୀଙ୍କ ସ୍ଥାନ ଆଉ କାହାକୁ ଦେବାକୁ ଚାହୁଁ ନାହାନ୍ତି, ହେଲେ ଜୀବନର ବଳକା ସମୟକୁ ସେ ଏକାକି ଅତିବାହିତ କରିବାକୁ ଚାହାନ୍ତି ନାହିଁ ବୋଲି ସୋଲେମନ କହିଛନ୍ତି। ତାଙ୍କ ପାଇଁ ପ୍ରେମର ଅର୍ଥ ହେଉଛି, କାହା ସହିତ ବସି ଚା' ପିଇବା, କଥା ହେବା, ଛୋଟ ମୋଟ ଖୁସି ସେୟାର କରିବା, ପରସ୍ପରର ଯତ୍ନ ନେବା। ଏହି ଚିନ୍ତାଧାରାକୁ ନେଇ ସେ ୯୬ ବର୍ଷ ବୟସରେ ପ୍ରେମର ସନ୍ଧାନ କରୁଛନ୍ତି। ଏ ଲାଗି ସେ ଜଣେ ପ୍ରଫେସନାଲ ମ୍ୟାଚ୍‌ମେକରଙ୍କ ସାହାଯ୍ୟ ନେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତିକୁ ଶୁଣି ଅନେକ ଆଶ୍ଚର୍ଯ୍ୟ ବି ହୋଇଛନ୍ତି। ହେଲେ ଅନେକ ଲୋକ ତାଙ୍କର ଏଭଳି ଚିନ୍ତାଧାରାର ପ୍ରଶଂସା କରିଛନ୍ତି। ସୋଲେମନ ଏକଥା ପ୍ରମାଣିତ କରିଛନ୍ତି ଯେ, ଖୁସିରେ ରହିବା ଏବଂ ପ୍ରେମ ପାଇଁ ବୟସ ନ ଥାଏ। ତାଙ୍କର ଏ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୋଲେମନଙ୍କ କାହାଣୀ ଜୀବନକୁ ମନଖୋଲା ଭାବେ ଜିଇଁବାକୁ ଦର୍ଶାଇଛି। ନିଜର ଲୋକଙ୍କୁ ହରାଇବା ଦୁଃଖ ବହୁତ ଯନ୍ତ୍ରଣାଦାୟକ ହେଲେ ବି ଏହାର ଅର୍ଥ ନୁହେଁ ଯେ, ଜୀବନର ସମସ୍ତ ଖୁସି ଶେଷ ହୋଇଯାଏ। ୯୬ ବର୍ଷ ବୟସରେ ଏକ ନୂଆ ଆରମ୍ଭ କରିବାର ସାହସ ଦେଖାଇଛନ୍ତି ସୋଲେମନ। ତାଙ୍କର ଏ କାହାଣୀ ପ୍ରତିଫଳିତ କରିଛି ଯେ, ଜୀବନରେ କେବେ ବି ଆଶାର ଅନ୍ତ ନାହିଁ। କାରଣ ପ୍ରେମ, ବନ୍ଧୁ ଏବଂ ସାଥୀଟିଏର ଆବଶ୍ୟକତା ମଣିଷକୁ ପ୍ରତ୍ୟେକ ବୟସରେ ଲୋଡ଼ା ପଡ଼େ।

## ସ୍ୱସ୍ତି



# ଅନବସର

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଶ୍ରୀଜିଉ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛି । ପ୍ରତିବର୍ଷ ଅଣସର ନୀତି ସ୍ନାନ ଯାତ୍ରା ପରେ ଅନୁଷ୍ଠିତ ହୋଇଥାଏ । ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର। ଠାକୁରଙ୍କ ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି। ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ। ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ। ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର। ସାଧାରଣ ଅଣସର ୧୫ଦିନ ପାଳିତ ହୁଏ। ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ। ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ, ବଡ଼ଠାକୁରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟଦିଅଁ ପୂଜା ପାଇଥାନ୍ତି। ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ। ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ। କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ। ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ। ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ।

# ପୂଜା ଆସନର ମହତ୍ତ୍ୱ

**ବାସ୍ତୁ ଓ ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, ପୂଜା ସମୟରେ ଆସନରେ ବସିବା ଉଚିତ। ପୂଜା ହେଉ ଅବା ମନ୍ତ୍ର ଜପ ଆସନରେ ବସି କରିବା ଉଚିତ। ବେଳେବେଳେ ଲୋକେ ତଳେ ବସି ପୂଜା ଓ ମନ୍ତ୍ର ଜପ କରନ୍ତି। ବିନା ଆସନରେ ପୂଜା କରିବା ଭଲ ନୁହେଁ।**

- ଶାସ୍ତ୍ର ଅନୁସାରେ, ପୂଜା ତଥା ମନ୍ତ୍ର ଜପ ଲାଗି କୁଶ ଆସନ ସବୁଠୁ ଶୁଭ ଓ ପବିତ୍ର। ଏହି ଆସନ ସମସ୍ତ ନକାରାତ୍ମକତା ଦୂର କରି ଅନୁଷ୍ଠାନକୁ ପୂରା କରିବାରେ ସାହାଯ୍ୟ କରେ।
- ଆସନରେ ବସି ପୂଜା କରିବା ଅର୍ଥ ଦେବୀଦେବତାଙ୍କ ପ୍ରତି ସମ୍ମାନ ଦେଖାଇବାର ଏକ ଉପାୟ। ଏଭଳି ପୂଜାକୁ ପୂର୍ଣ୍ଣ ଏବଂ ଶୁଭଫଳଦାୟୀ ବୋଲି କୁହାଯାଏ।
- ଆସନରେ ବସି ପୂଜା ତଥା ମନ୍ତ୍ର ଜପ କରିବା ଦ୍ୱାରା ଜ୍ଞାନ, ଶାନ୍ତି, ସୌଭାଗ୍ୟ, ଧନ ପ୍ରାପ୍ତି ହୁଏ।
- ଆସନରେ ବସି ପୂଜା କରିବା ଦ୍ୱାରା ଶରୀର ଆରାମଦାୟକ ସ୍ଥିତିରେ ରହେ। ଏହା ଦ୍ୱାରା ମନ ପୂଜାରେ ଲାଗେ। ଧ୍ୟାନ କେନ୍ଦ୍ରିତ ରହେ।
- ଆସନରେ ବସି ପୂଜା କଲେ ଶାରୀରିକ ଓ ଆଧ୍ୟାତ୍ମିକ ସ୍ୱଚ୍ଛତା ବଜାୟ ରହେ।
- ଶୀତ ଦିନେ ଉଲ୍ ଆସନରେ ବସି ଭଗବାନଙ୍କ ପୂଜାର୍ଚ୍ଚନା କରିବା ଉଚିତ।



# ସବୁଜ ରକ୍ଷାସୂତ୍ର

**ରକ୍ଷାସୂତ୍ର ନାଲି ଓ ହଳଦିଆ ରଙ୍ଗ ଥିବା ସମସ୍ତେ ଜାଣନ୍ତି। ହେଲେ ବିଶେଷ ପରିସ୍ଥିତିରେ ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବନ୍ଧା ଯାଏ। ଜ୍ୟୋତିଷ ଶାସ୍ତ୍ରରେ ସବୁଜ ରକ୍ଷାସୂତ୍ର ବୁଧ ଗ୍ରହ ସହ ଜଡ଼ିତ। ଏହାକୁ ହାତରେ ବାନ୍ଧିବାର ଲାଭ କ'ଣ, ସେ ସମ୍ପର୍କରେ ଜାଣିବା।**



- ମାନ୍ୟତାନୁସାରେ, ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବାନ୍ଧିଲେ ମସ୍ତିଷ୍କ ସକ୍ରିୟ ରହେ। ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜାତକରେ ବୁଧ ଗ୍ରହ ମଜଭୁତ ହୁଏ। ଏହା ଦ୍ୱାରା ବ୍ୟବସାୟ ଏବଂ କ୍ୟାରିୟରରେ ଉନ୍ନତି ଘଟେ।
- ଅତ୍ୟଧିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଲାଗି ଏହା ଲାଭକାରୀ। ଏହାକୁ ହାତରେ ବାନ୍ଧିଲେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ଏବଂ କାମ ପୂରା ହୁଏ। ମନ ଶାନ୍ତ ରହେ, ଅବସାଦ ଦୂର ହୁଏ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିଲେ ବ୍ୟବସାୟ ଏବଂ ଚାକିରି ସମ୍ବନ୍ଧିତ କାର୍ଯ୍ୟ କଲେ ଉନ୍ନତି ଶୀଘ୍ର ହୁଏ। ନୂଆ ଅବସର ସୃଷ୍ଟି ହୁଏ। ଜୀବନ ଜିଇଁବା ସହଜ ହୁଏ।
- ଏହାକୁ ପିନ୍ଧିବାର ଭଲଦିନ ହେଉଛି ବୁଧବାର। ଏହିଦିନ ସକାଳୁ ଉଠି ସ୍ନାନ ସାରି ଗଣେଶଙ୍କ ପୂଜା କରି ଏହାକୁ ହାତରେ ବାନ୍ଧିବା ଭଲ।
- ଏହାକୁ ତିନିଟି ଗଣ୍ଠି ପକାଇ ବାନ୍ଧିବା ଉଚିତ। ପୁରୁଷ ଡାହାଣ ଓ ମହିଳା ବାମ ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିବା ଉଚିତ। ସେହିପରି ଏହାକୁ ଠିକ୍ ନିୟମରେ ବାନ୍ଧିଲେ ଜୀବନରେ ସକାରାତ୍ମକତା ଆସେ।

# ସ୍କୁଲ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

**ବାସ୍ତୁଶାସ୍ତ୍ର ନିୟମ ଅନୁସାରେ, ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ରଖାଯାଉଥିବା ଜିନିଷ ସେମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଏ। ତେବେ ବ୍ୟାଗ୍‌ରେ କେଉଁ ଜିନିଷ ରଖିବା ଭଲ ନୁହେଁ, ସେ ସମ୍ପର୍କରେ ଜାଣିବା।**

- ବ୍ୟାଗ୍‌ରେ ଭଙ୍ଗା ପେନସିଲ, କଲମ ରଖିବା ଭଲ ନୁହେଁ। ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ଦ୍ୱାରା ପିଲାଙ୍କ ମନ ବିଚଳିତ ରହେ।
- ପିଲାଙ୍କ ବ୍ୟାଗ୍‌ରେ ପୁରୁଣା ନୋଟ୍, ଚିରା ବହି, ଖାତା ତଥା ଅନାବଶ୍ୟକ କାଗଜ ଥିଲେ ବାହାର କରି ଦିଅନ୍ତୁ। ଏହା ଦ୍ୱାରା ନକାରାତ୍ମକତା ବୃଦ୍ଧି ପାଏ। ପଢ଼ାରେ ମନ ଲାଗେ ନାହିଁ।
- ବ୍ୟାଗ୍‌ରେ ଧାରୁଆ ଜିନିଷ ରଖିବା ଅନୁଚିତ। କଇଁଚି, କମ୍ପାସ, କଟର ଆଦିକୁ ଖୋଲା ଖୋଲି ଭାବେ ବ୍ୟାଗ୍‌ରେ ରଖନ୍ତୁ ନାହିଁ। ଏହାକୁ ପାଉଚ୍ କିମ୍ବା ବାକ୍ସରେ ରଖନ୍ତୁ।
- ସେହିପରି ସ୍କୁଲ ବ୍ୟାଗ୍‌ରେ ଚକଲେଟ୍ ଜରି କିମ୍ବା ଗିଫ୍ଟ ର୍‍ୟାପ୍‌ର ରଖିବା ଭଲ ନୁହେଁ। ଏହାଦ୍ୱାରା ବ୍ୟାଗ୍ ଅପରିଷ୍କାର ହୁଏ ଏବଂ ନକାରାତ୍ମକତା ବୃଦ୍ଧି ପାଏ।
- ଏହାବାଦ୍ ଭୟଭୀତ କରୁଥିବା ଜିନିଷ ତଥା ଷ୍ଟିକରକୁ ବ୍ୟାଗ୍ କିମ୍ବା ପେନ୍‌ସିଲ ବକ୍ସରେ ରଖନ୍ତୁ ନାହିଁ।
- ବାସ୍ତୁ ଶାସ୍ତ୍ର ଅନୁସାରେ ପିଲାଙ୍କ ବ୍ୟାଗ୍‌ରେ ମୟୂର ପୁଚ୍ଛ ରଖିବା ଭଲ । ନଚେତ ଚନ୍ଦନ କାଠ ଛୋଟ ଖଣ୍ଡେ ରଖିପାରିବେ। ଏହାଦ୍ୱାରା ସକାରାତ୍ମକତା ବଜାୟ ରହେ।








# କ୍ୱାର୍ଟରରେ ଫ୍ରାନ୍ସ-ମରୋକ୍କୋ ଲଢ଼େଇ

ଫିଲାଡେଲଫିଆ/ଡଲାସ,୫ା୭(ଏଜେନ୍ସି)

ଦୁଇଥରର ଚାମ୍ପିଅନ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ଫିଫା ବିଶ୍ୱକପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ଟି ହଷ୍ଟନରେ ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବ। ଏଠାରେ ଖେଳାଯାଇଥିବା ରାଉଣ୍ଡ ଅଫ୍-୧୬ ମୁକାବିଲାରେ ଟାଇଟଲର ଦୃଢ଼ ଆଶାୟୀ ଫ୍ରାନ୍ସ ସଂଘର୍ଷ କରି ୧-୦ ଗୋଲ୍‌ରେ ପାରାଗୁଏକୁ ହରାଇ ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି କିଲିୟାନ୍ ଏମ୍‌ବାପେ ପେନାଲ୍ଟିରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ପୂର୍ବରୁ ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ-୧୬ ମୁକାବିଲାରେ କାନାଡାକୁ ୩-୦ ଗୋଲରେ ପରାସ୍ତ କରି ମରୋକ୍କୋ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଆଜେଡାଇନ୍ ଓଉନାହି ୨ଟି ଓ ଓ ସୌଫିଆନେ ରହିମି ଗୋଟିଏ ଗୋଲ ସ୍କୋର କରିଥିଲେ।

ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାରାଗୁଏକୁ



ହରାଇବା ଫ୍ରାନ୍ସ ଲାଗି କଷ୍ଟକର ହୋଇପଡ଼ିଥିଲା। ରାଉଣ୍ଡ ଅଫ୍ ୩୨ରେ ନେଦରଲାଣ୍ଡସକୁ ପେନାଲ୍ଟି ସୁଟ୍‌ଆଉଟରେ ହରାଇଥିବା ପାରାଗୁଏ ଫ୍ରାନ୍ସ ବିପକ୍ଷରେ ଅତ୍ୟନ୍ତ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିଥିଲା। ଏପରିକି ବିଶ୍ୱର ଦୁଇ ସୁପରଷ୍ଟାର ଖେଳାଳି କିଲିଆନ୍ ଏମ୍‌ବାପେ ଓ ଓଉସମାନେ ଡେମ୍ବେଲେଙ୍କୁ ଗୋଲ ପୋଷ୍ଟ ଉପରେ ଆକ୍ରମଣ କରିବାକୁ ବିଶେଷ ସୁଯୋଗ ଦେଇ ନ ଥିଲେ। ଯଦିବି କିଛି ସୁଯୋଗ ମିଳିଥିଲା ତାହାକୁ ପାରାଗୁଏର ଗୋଲକିପର ଅର୍ଲାଣ୍ଡୋ ଗିଲ୍ ବ୍ୟର୍ଥ କରିଦେଇଥିଲେ।

ଖେଳର ୬୯ତମ ମିନିଟ୍‌ରେ ପାରାଗୁଏର ଡିଫେଣ୍ଡର ପ୍ରତିପକ୍ଷ ଏମ୍‌ବାପେଙ୍କୁ ଫାଉଲ ମାରିଥିବା ଭିଏଆରଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ଫ୍ରାନ୍ସକୁ ପେନାଲ୍ଟି କିକ୍‌ର ସୁଯୋଗ ମିଳିଥିଲା। ଏମ୍‌ବାପେ ଏହି ପେନାଲ୍ଟିକୁ ଅତି ସହଜରେ ଗୋଲ ପୋଷ୍ଟକୁ ମାରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଗୋଲ ପରେ ଉଭୟ ପାରାଗୁଏ ଅଧିକ ଆକ୍ରମଣ କରିଥିଲାବେଳେ ଫ୍ରାନ୍ସ ରକ୍ଷଣାତ୍ମକ ଖେଳିଥିଲା। ଫଳରେ ମ୍ୟାଚ୍‌ର ରୋମାଞ୍ଚ କମିଯାଇଥିଲା। ପାରାଗୁଏ ଗୋଲ ଶୁଝାଇବାରେ ବିଫଳ ହୋଇଥିଲା।

## ଗୋଲ୍ଡେନ ବୁଟ୍ ଦୌଡ଼ରେ ଏମ୍‌ବାପେ

ଫିଲାଡେଲଫିଆ,୪ା୭(ଏଜେନ୍ସି): ଫ୍ରାନ୍ସ ଫରୱାର୍ଡ କିଲିୟାନ୍ ଏମ୍‌ବାପେ ଚଳିତ ଫିଫା ବିଶ୍ୱକପ୍‌ର ଗୋଲ୍ଡେନ ବୁଟ୍ ଦୌଡ଼ରେ ସମସ୍ତଙ୍କ ଆଗରେ ରହିଛି। ଚଳିତ ବିଶ୍ୱକପ୍‌ରେ ଏମ୍‌ବାପେଙ୍କ ଏହା ୭ମ ଗୋଲସ୍କୋର ଥିଲା। ଫଳରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୭ଟି ଗୋଲ ଦେବାରେ ସମକକ୍ଷ ହୋଇଛନ୍ତି। କିନ୍ତୁ ଏମ୍‌ବାପେ ୨ଟି ଗୋଲ ଦେବାରେ ସହାୟତା କରିଥିବାରୁ ସେ ପ୍ରଥମ ଓ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏବେ ସୁଦ୍ଧା ମେସି ୨୦ଟି ଗୋଲ ଦେଇ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସ୍କୋରର ହୋଇଛନ୍ତି। ଅନ୍ୟ ପକ୍ଷରେ ଏମ୍‌ବାପେ ୧୯ଟି ଗୋଲ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍ ୧୬ଟି ଗୋଲ ଦେଇ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଏମ୍‌ବାପେ ଓ ମେସିଙ୍କ ପଛକୁ ଦୁଇ ଫରୱାର୍ଡ ଖେଳାଳି ନରୱେର ଏର୍ଲିଙ୍ଗ ହଲାଣ୍ଡ ଓ ଇଂଲଣ୍ଡର ହ୍ୟାରୀ କେନ୍ ୫ଟି ଲେଖାଏଁ ଗୋଲ ସ୍କୋର କରି ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

## ୯.୫୨ କୋଟି ଟଙ୍କାର ଘଣ୍ଟା ଫେରାଇଲେ ମେକ୍ସିକୋ ଖେଳାଳି

ମେକ୍ସିକୋ ସିଟି, ୫ା୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପର ସହ-ଆୟୋଜକ ମେକ୍ସିକୋ ପ୍ରି-କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ମେକ୍ସିକୋ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଜଣାଶୁଣା ୟୁଟ୍ୟୁବର ଷ୍ଟିଫେନ୍ ଡେଲିଓନାର୍ଡିସ୍‌ଙ୍କ ଦ୍ୱାରା ବିଳାସପୂର୍ଣ୍ଣ ରୋଲେକ୍ସ ଘଣ୍ଟା ଉପହାର ଆକାରରେ ପ୍ରଦାନ କରାଯାଇଥିଲା। ନିଜ ଉଦ୍ୟମରେ ଷ୍ଟିଫେନ ପ୍ରଦାନ କରିଥିବା ଏହି ଏହି ସମସ୍ତ ଘଣ୍ଟାର ମୋଟ୍ ମୂଲ୍ୟ ଏକ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯ କୋଟି ୫୨ ଲକ୍ଷ) ହେବ। ତେବେ ଫିଫାର ଆଚାର ସଂହିତା ଅନୁଯାୟୀ, ଉପହାର ପ୍ରଦାନ ଓ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ ରହିଛି। ଖେଳାଳିମାନେ କେବଳ ‘ପ୍ରତୀକାତ୍ମକ’ ଉପହାର ଗ୍ରହଣ କରିପାରିବେ। ତେଣୁ ମେକ୍ସିକୋ ଖେଳାଳି ଶେଷରେ ବାଧ୍ୟ ହୋଇ ଏହି ସମସ୍ତ ମୂଲ୍ୟବାନ ଘଣ୍ଟା ଫେରାଇବାକୁ ନିଷ୍ପତ୍ତି ନେଇଥିଲେ।

## ଗିଲ୍‌ଙ୍କ ସହ ହାତ ମିଳାଇଲେନି ଏମ୍‌ବାପେ



ଫିଲାଡେଲଫିଆ,୪ା୭(ଏଜେନ୍ସି): ଫୁଟବଲ ଭଳି ଖେଳରେ ବିବାଦ ଲାଗି ରହିବା ଏକ ସାଧାରଣ ଘଟଣା। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗତକାଲି ଏଠାରେ ଅନୁଷ୍ଠିତ ଫ୍ରାନ୍ସ ପାରାଗୁଏ ମ୍ୟାଚ୍‌ରେ। ଏହି ମ୍ୟାଚ୍‌ରେ ସଂଘର୍ଷ କରି ଫ୍ରାନ୍ସ ୧-୦ ଗୋଲରେ ଜିତିବା ପରେ ପାରାଗୁଏର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ପ୍ରତିପକ୍ଷ ଅଧିନାୟକ କିଲିଆନ୍ ଏମ୍‌ବାପେଙ୍କ ସହ ହାତ ମିଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏମ୍‌ବାପେ ଏହାକୁ ଅଣଦେଖା କରି ଚାଲିଯାଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗିଲ୍ ଧରିଥିବା ବଲ୍‌କୁ ଏମ୍‌ବାପେଙ୍କ ଉପରକୁ ଫିଙ୍ଗିଥିଲେ। ତାଙ୍କ ଦେହରେ ବଲ ବାଜିଥିଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ଏମ୍‌ବାପେ ଚାଲିଯାଇଥିଲେ। ଏମ୍‌ବାପେ ତାଙ୍କ ସହ ହାତ ନ ମିଳାଇବାରୁ ରାଗିଯାଇ ବଲ ଫିଙ୍ଗିଥିଲେ ବୋଲି ଗିଲ୍ ପରେ ସ୍ୱୀକାର କରିଥିଲେ। ଏହି ଘଟଣାରେ କୌଣସି ବିବାଦ ସୃଷ୍ଟି ହୋଇ ନ ଥିଲା।



| | |
|---|---|
| ଫିଫା ବିଶ୍ୱକପ୍ | |
| ପ୍ରି-କ୍ୱାର୍ଟର ମୁକାବିଲା | |
| ସୋମବାର ରାତି | |
| ପର୍ତ୍ତୁଗାଲ-ସ୍ପେନ୍ | |
| ଡଲାସ, ରାତି ୧୨ଟା ୩୦ | |
| ମଙ୍ଗଳବାର ସକାଳ | |
| ଆମେରିକା-ବେଲଜିୟମ୍ | |
| ସିଆଟଲ, ସକାଳ ୫ଟା୩୦ | |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ | |

■ କେପ୍ ଭର୍ଡର ସଫଳତା

## ଫିଫାର ଟିମ୍ ବଢ଼ାଇବା ନିଷ୍ପତ୍ତି ଯଥାର୍ଥ

ନ୍ୟୁୟର୍କ,୫ା୭(ଏଜେନ୍ସି): ବିଶ୍ୱ ଫୁଟବଲ ର୍‍ୟାଙ୍କିଙ୍ଗ୍‌ରେ ୬୪ତମ ସ୍ଥାନ, ପ୍ରାୟ ୬ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ଦେଶ କେପ ଭର୍ଡ ଚଳିତ ବିଶ୍ୱକପ୍‌ରେ ଯେପରି ଖେଳ ପ୍ରଦର୍ଶନ କରିଛି, ସେଥିରେ କିଂବଦନ୍ତି ଖେଳାଳି ଲିଓନେଲ ମେସି ଓ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ପାଣି ପିଇଛି। ଏହି ଛୋଟିଆ ଦେଶ ପଦାର୍ପଣରେ ନକ୍‌ଆଉଟକୁ ଉନ୍ନୀତ ହେବା ଓ ଆର୍ଜେଣ୍ଟିନା ପରି ଦେଶ ବିପକ୍ଷରେ ଲଢୁଆ ଖେଳିବା ନିଶ୍ଚିତ ଭାବେ ଫିଫାର ଟିମ୍ ସଂଖ୍ୟା ବୃଦ୍ଧି ଯେଉଁ ମହତ୍ୱାକାଂକ୍ଷା ନେଇ କରାଯାଇଥିଲା ତାହା ଯଥାର୍ଥ ବିବେଚିତ ହୋଇଛି। ଆର୍ଜେଣ୍ଟିନା ବିପକ୍ଷ ମୁକାବିଲାରେ କେପ୍ ଭର୍ଡ ଯେପରି ଖେଳିଥିବା ସେଥିରୁ ଫଳାଫଳ ଯେ କୌଣସି ଦେଶ ସପକ୍ଷରେ ଯାଇପାରିଥାନ୍ତା। କିନ୍ତୁ ନିଜର ରଣନୀତି ଲାଗି ପ୍ରସିଦ୍ଧି ଲାଭ କରିଥିବା ଚାମ୍ପିଅନ ଆର୍ଜେଣ୍ଟିନା ଶେଷରେ ବିଜୟୀ ହୋଇ ଏକ ବଡ଼ ବିପର୍ଯ୍ୟୟ ଟଳିଯାଇଥିଲା। ଫିଫା ଯେତେବେଳେ ବିଶ୍ୱକପ୍‌ରେ ଅଂଶଗ୍ରହଣକାରୀ ଦେଶ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରିଥିଲା, ତାହାକୁ ତୀବ୍ର ସମାଲୋଚନା କରାଯାଇଥିଲା। ଟିମ୍ ସଂଖ୍ୟା ବୃଦ୍ଧି ପ୍ରତିଯୋଗିତାମୂଳକ ଫୁଟବଲ ଉପରେ କୌଣସି ପ୍ରଭାବ ପକାଇବନି। ବରଂ ମ୍ୟାଚ୍ ସଂଖ୍ୟା, ରେଟିଂ ଓ ରାଜସ୍ୱ ବୃଦ୍ଧିରେ ଏହା ସହାୟକ ହେବ। ଫିଫାକୁ ବିପୁଳ ପରିମାଣରେ ରାଜସ୍ୱ ମିଳିବ। ଏହାକୁ ଅନେକ ସମାଲୋଚନା କରିଥିଲେ।

## ମୁକୁନ୍ଦ ବରାଳ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବେ ନିକିତା

ଭୁବନେଶ୍ୱର, ୫ା୭ (ସମିସ): ଉଦୀୟମାନ ହକି ଖେଳାଳି ନିକିତା ଟପ୍ପୋ ଚଳିତ ବର୍ଷ ଲାଗି ମକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ନିକିତା ଜୟପୁରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ମହିଳା ହକିରେ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ସେହିଭଳି ୪ଜଣ ଖେଳାଳିଙ୍କୁ ମଧ୍ୟ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନେ ହେଲେ ଆନିକା ପଟ୍ଟନାୟକ (ମିନିଗଲ୍ଫ), ଅଜିତ ଭୂୟାଁ (କୁସ୍ତି), ହରିଶଙ୍କର ନାୟକ (ଫୁଟବଲ) ଓ ମଞ୍ଜୁ ମୁଣ୍ଡା (ଉଷୁ)। ପୁରୀର କୁସ୍ତି ଗୁରୁ ନରସିଂହ ଲେଙ୍କାଙ୍କୁ ‘ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ଗୁରୁ’ ସମ୍ମାନରେ ସମ୍ମାନିତ କରାଯିବ।

## ୱିମ୍ବଲଡନ୍ | କ୍ୱାର୍ଟରରେ ପେଗୁଲା, ଜୋକୋଭିଚ୍



ଲଣ୍ଡନ, ୫ା୭ (ଏଜେନ୍ସି): ଆମେରିକା ଟେନିସତାରକା ଜେସିକା ପେଗୁଲା ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ର୍ଥ ସ୍ଥାନରେ ରହିଥିବା ପେଗୁଲା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ୪-୬, ୬-୩, ୬-୧ ସେଟରେ ସାଥୀ ଆମେରିକୀୟ ଖେଳାଳି ଇଭା ଜୋଭିକଙ୍କୁ ହରାଇଥିଲେ। କୋକୋ ଗଫ୍ ଓ ବେଲିଣ୍ଡା ବେନସିକ୍‌ଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତା ସହ ପେଗୁଲା କ୍ୱାର୍ଟର ଫାଇନାଲ ଖେଳିବେ। ଓପନ୍ ଏରା ଇତିହାସରେ ପେଗୁଲା ଦ୍ୱିତୀୟ ଖେଳାଳି ଭାବେ ୨୬ ବର୍ଷ ପୂରଣ ହେବାପରେ ୧୦ଥର ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ଖେଳିବେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ କାରୋଲିନା ମୁଚୋଭା ମଧ୍ୟ ବିଜୟୀ ହୋଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ଅପରପକ୍ଷରେ ପୁରୁଷ ବିଭାଗ ରାଉଣ୍ଡ-୧୬ରେ ବିଶ୍ୱର ୭ ନମ୍ବର ଖେଳାଳି ନୋଭାକ ଜୋକୋଭିଚ ୭-୬ (୬), ୬-୩, ୩-୬, ୬-୩ ସେଟରେ ରୁଷିଆର ରୋମାନ ସାଫିଉଲ୍ଲିନଙ୍କୁ ହରାଇ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱିମ୍ବଲଡନରେ ଜୋକୋଭିଚଙ୍କ ଏହା କ୍ରମାଗତ ୯ମ କ୍ୱାର୍ଟର।

## ବିଶ୍ୱକପ୍‌ରୁ ଏସିଆ ମହାଦେଶର ବିଦାୟ

ନୂଆଦିଲ୍ଲୀ,୫ା୭(ଏଜେନ୍ସି): ଇଜିପ୍ଟଠାରୁ ୪-୨ ପେନାଲ୍ଟି ଗୋଲରେ ଅଷ୍ଟ୍ରେଲିଆର ପରାଜୟ ସହ ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍‌ରୁ ଏସିଆ ମହାଦେଶ ରାଉଣ୍ଡ-୩୨ରୁ ବିଦାୟ ନେଇଛି। ନକ୍‌ଆଉଟର ପ୍ରଥମ ପର୍ଯ୍ୟାୟରୁ ଏସିଆ ମହାଦେଶ ବିଦା ହେବା ଫଳରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦେଶ ନିରାଶ ହୋଇଛି। ଫୁଟବଲର ମାନ ବଢ଼ାଇବା ସକାରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦେଶକୁ ଏସିଆ ମହାଦେଶରେ ସାମିଲ କରାଯାଇଛି। ଏହି ଦେଶକୁ ମିଶାଇ ୪୮ଟି ମଧ୍ୟରୁ ମୋଟ ୯ଟି ଦେଶ ଏଥର ବିଶ୍ୱକପ୍‌ରେ ଭାଗ ନେଇଥିଲେ। ଏହା ମଧ୍ୟରୁ କେବଳ ଦୁଇଟି ଦେଶ ଯଥା ଗ୍ରୁପ୍-ଡି’ରୁ ଅଷ୍ଟ୍ରେଲିଆ ଓ ଗ୍ରୁପ୍-ଏଫ୍’ରେ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୩୨’କୁ ଉନ୍ନୀତ ହୋଇଥିଲେ। ଉଭୟ ଦଳ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ହାରିଯାଇଥିଲେ। ବ୍ରାଜିଲଠାରୁ ଜାପାନ ଓ ଇଜିପ୍ଟଠାରୁ ଅଷ୍ଟ୍ରେଲିଆ ପରାଜିତ ହୋଇଥିଲା। ଅନ୍ୟ ୭ଟି ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଥିଲେ। ଏହି ୭ଟି ଦଳ ମଧ୍ୟରେ ଇରାନ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଅନ୍ୟ ୬ଟି ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିଲେ। ଦକ୍ଷିଣ କୋରିଆ, ଜାପାନ ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଇରାକ, ଜୋର୍ଡାନ ଓ ଉଜବେକିସ୍ତାନ ସେମାନଙ୍କ ଗ୍ରୁପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲେ କିମ୍ବା ଡ୍ର କରି ନ ଥିଲେ। ଏହି ବିଶ୍ୱକପ୍‌ରେ ଏସିଆ ମହାଦେଶର ୯ଟି ଦେଶ ଦୁଇଟି ନକ୍‌ଆଉଟ ମ୍ୟାଚ୍‌କୁ ମିଶାଇ ମୋଟ ୨୯ଟି ମ୍ୟାଚ୍ ଖେଳିଥିଲେ। ଏହା ମଧ୍ୟରୁ ମାତ୍ର ୩ଟି ମ୍ୟାଚ୍‌ରୁ ବିଜୟ ହୋଇଥିଲା।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

## ଗୁରନୁର୍‌ଙ୍କ କମାଲ; ଭାରତ-ଏ ୧୦ ୱିକେଟରେ ବିଜୟୀ



ଗଲ୍, ୫ା୭ (ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍ ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ୧୦ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ’କୁ ପରାସ୍ତ କରିଛି। ଶ୍ରୀଲଙ୍କା-ଏ ମାତ୍ର ୩୩ ରନର ଛୋଟିଆ ଲକ୍ଷ୍ୟ ଭାରତ-ଏ ସାମ୍ନାରେ ରଖିଥିଲା। ଯାହାକୁ ରବିବାର ଅନ୍ତିମ ଦିବସରେ ଭାରତ-ଏ କୌଣସି ୱିକେଟ ନ ହରାଇ ୬.୨ ଓଭରରେ ହାସଲ କରିନେଇଥିଲା। ଏହି ମ୍ୟାଚରେ ଶ୍ରୀଲଙ୍କା-ଏ’ର ପ୍ରଥମ ପାଳି ସ୍କୋର ୩୬୬ ରନ ଜବାବରେ ଭାରତ-ଏ ୯ ୱିକେଟରେ ୫୪୩ ରନ କରି ଘୋଷଣା କରିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ସାଇ ସୁଦର୍ଶନ ୧୬୮ ରନ କରିଥିଲେ। ଜବାବରେ ୧୭୭ ରନ ପଛରେ ଥାଇ ଘରୋଇ ଶ୍ରୀଲଙ୍କା-ଏ ଦ୍ୱିତୀୟ ପାଳିରେ ମାତ୍ର ୨୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ-ଏ ପକ୍ଷରୁ ଦ୍ରୁତ ବୋଲର ଗୁରନୁର୍ ବ୍ରାର୍ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ଫଳରେ ପ୍ରଥମ ପାଳିରେ ୪ଟି ସଫଳତା ପାଇଥିବା ଗୁରନୁର ମ୍ୟାଚରେ ମୋଟ୍ ୧୦ ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା। ଫଳରେ ଭାରତ-ଏ ୧-୦ରେ ସିରିଜ ବିଜୟୀ ହୋଇଛି।

## ବାବର ପୁଣିଥରେ ଅଧିନାୟକ ପଦକୁ ଫେରିଲେ

କରାଚି, ୫ା୭ (ଏଜେନ୍ସି): ବରିଷ୍ଠ ବ୍ୟାଟର୍ ବାବର ଆଜମ ପୁଣିଥରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ପଦକୁ ଫେରିଛନ୍ତି। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ବାବରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ସନ୍ ମାସୁଦଙ୍କ ସ୍ଥାନରେ ୩୧ ବର୍ଷୀୟ ବାବରଙ୍କୁ ନେତୃତ୍ୱ ଭାର ମିଳିଛି। ମାସୁଦଙ୍କ ନେତୃତ୍ୱରେ ପାକିସ୍ତାନ ୧୬ଟି ଟେଷ୍ଟରୁ ୧୨ ହାରିଥିଲା। ଯେଉଁଥି ପାଇଁ ତାଙ୍କୁ ଅଧିନାୟକ ପଦ ହରାଇବାକୁ ପଡ଼ିଥିଲା। ଅପରପକ୍ଷରେ ବାବର ଶେଷଥର ଲାଗି ୨୦୨୧ରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ଭାର ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦ଟି ଟେଷ୍ଟରୁ ୧୦ଟି ବିଜୟୀ ହୋଇଥିଲା।

ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ରେକର୍ଡ ୭ମ ଥର ଲାଗି ଟାଇଟଲ୍ ଜିତିଲା ଅଷ୍ଟ୍ରେଲିଆ

ଲଣ୍ଡନ, ୫ା୭ (ଏଜେନ୍ସି)



ଘରୋଇ ଇଂଲଣ୍ଡକୁ ୭ ୱିକେଟ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆ ଦଳ ଏଠାରେ ଶେଷ ହୋଇଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣରେ ଚାମ୍ପିଅନ ହୋଇଛି। ରବିବାର ରାତିରେ ଆଇକନିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରାଣ୍ଡଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୪ ୱିକେଟ୍‌ରେ ୧୫୦ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଓପନର ବେଥ ମୁନୀ ଓ ଫୋଏବ ଲିଚଫିଲ୍ଡଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୧୭ ବଲ୍ ବାକି ଥାଇ ୩ ୱିକେଟରେ ସହଜରେ ବିଜୟୀ ହୋଇଥିଲା। ମୁନୀ ୧୦ଟି ଚୌକା ବଳରେ ୪୯ ବଲରୁ ସର୍ବାଧିକ ୬୪ ରନ କରିଥିଲେ। ସେହିଭଳି ୬ଟି ଚୌକା ଓ ୨ଟି ଛକା ସହାୟତାରେ ଲିଚଫିଲ୍ଡ ୩୫ ବଲରୁ ୪୮ ରନ କରି ଆଉଟ ହୋଇଥିଲେ। ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ୬୭ ବଲରୁ ୧୦୦ ରନ ଉଠାଇ ବିଜୟପଥ ପରିଷ୍କାର କରିଦେଇଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ୪ ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଅଧିନାୟିକା ନାଟାଲୀ ସ୍କିଭର ବ୍ରଣ୍ଟ ୫୮ ଓ ଫ୍ରେୟା କେମ୍ପ ୪୪ ରନର ଉପଯୋଗୀ ପାଳି ଖେଳ ଦଳର ସମ୍ମାନ ରଖିଥିଲେ। ଅଷ୍ଟ୍ରେଲିଆ ରେକର୍ଡ ୭ମଥର ଲାଗି ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିଛି। ଏଥିପୂର୍ବରୁ ଦଳ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୦୯ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଟାଇଟଲ ଜିତିଥିବା ଇଂଲଣ୍ଡ ୧୭ ବର୍ଷ ପରେ ପୁଣିଥରେ ସଫଳତା ଦୋହରାଇବାରେ ବିଫଳ ହୋଇଛି। ବିଶ୍ୱକପରେ ମୋଟ୍ ୨୩୮ ରନ କରିଥିବା ବେଥ ମୁନୀ ଉଭୟ ମ୍ୟାଚ୍ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୧୫୦/୪, ୨୦ ଓଭର (ନାଟାଲୀ- ୫୮, କେମ୍ପ- ୪୪*, କାପସୀ- ୨୩, ଡାନି- ୮, କିମ୍ ୧/୨୦)।

ଅଷ୍ଟ୍ରେଲିଆ: ୧୫୩/୩, ୧୭.୧ ଓଭର (ମୁନୀ- ୬୪, ଲିଚଫିଲ୍ଡ- ୪୮, ପେରୀ- ୧୩*, ଗାର୍ଡନର- ୩*, ସୋଫି- ୧/୨୪)।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS